


ଏସିଆନ୍ ଆଥଲେଟିକ୍ସରେ ପୂଜାଙ୍କୁ ସ୍ୱର୍ଣ୍ଣ

▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-332 ◆BHUBANESWAR ◆SATURDAY ◆31 MAY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୩୨ ◆ଭୁବନେଶ୍ୱର ◆ଶନିବାର ◆୩୧ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



*We Offer :*

- Classroom Course
- Live/Online Classes
- SSC Technical Course
- Postal Study Package
- Online/Offline Test & Discussion
- Interview Guidance
- Skill Test
- Publication Books

# VANIK

National Helpline: 8093556677

● Best Faculty ● Best Study Material ● Best Test Series

VANIK Triumps over every challenges..!

Only Institute in Odisha with highest no. of selections.



*Under the Guidance of*
**Subrat Chhatoi**
Founder (Vanik Group)

## ADMISSION OPEN

**New Batch Starts from 02nd June 2025**

## IAS/OAS-2025

**CRP BRANCH**

(GENERAL STUDIES) (Prelims & Mains) Time-6.00pm-9.00pm

EXPERT FACULTIES FROM NEW DELHI

## EXCLUSIVE OAS-2025

(Prelims & Mains)

BERHAMPUR-Time : 7.00am-10.00am

CUTTACK-Time : 7.00am-10.00am

BALASORE-Time : 9.30am-1.45pm

**Contact : 8093083555, 8984111101**

**OCS SELECTIONS 2022**

RANK 1 SWETASHREE MOHAPATRA · RANK 2 PRINKIL PARBIN PARIDA · RANK 4 PRAJNA PARANGAMA · RANK 5 AZAD KUMAR SAHU

**OCS 2021 SELECTIONS**

RANK 2 SUCHISMITA PANIGRAHY · RANK 3 PRANAB RANJAN SAHU · RANK 5 SWETALEENA MAHANA

**OCS 2020 SELECTIONS**

RANK 1 TEJASWINI BEHERA · RANK 2 SUBHANKARI SUDESHNA DASH · RANK 4 DEBABRATA KAR · RANK 5 DEBABRATA MAHARANA

**MENTORS OF VANIK-IAS**

- B.M. Panda — Geography & Disaster Management
- Abhaya Thakur — World & Indian History, International Relations
- Sunil Gupta — Gov. & Social Issues, Public Administration
- Saroj Samal — Sociology, Social Issue, Ethics
- Naman Jain — Indian Economics
- Jai Prakash Rou — Internal Security
- Pramod Padhi — Odisha Economy, Current Af fairs
- Vinay Tripathi — Environment & Ecology
- Mansiz Sharma — General Science & Technology
- Shantanu Roy — History, Polity

**OAS PRELIM TEST SERIES**

(PAPER-I & II) 47 Tests | 3 VSTs

**OPTIONAL SUBJECTS**

● Political Science ● Sociology ● Geography ● Public Administration ● Odia ● Home Science

Only Institute provide optional in physical mode.

## ADMISSION OPEN

# BANK, SSC, RAILWAY, ASO, OSSC

**New Batch Starts from 05th June 2025**

**NEW OFFLINE BATCH 2025**

| | | | |
|---|---|---|---|
| CRP TIME : 10.30am to 1.45pm | ACHARYA VIHAR TIME : 7.00am to 10.30am | CUTTACK TIME : 10.30am to 1.45pm | BERHAMPUR TIME : 10.30am to 1.45pm |
| BALASORE TIME : 7.00am to 10.30am | SAMBALPUR TIME : 5.15pm to 08.30pm | ROURKELA TIME : 5.15pm to 08.30pm | JEYPORE TIME : 7.00am to 10.30am |

**MENTORS OF VANIK**

- GANESH KHATUA, Academic Director (Reasoning)
- PRAMOD KUMAR PADHI, Asst. Director (Current Affairs)
- TAPAN BEHERA, Asst. Director (English)
- ALOK JENA, Asst. Director (Math & Reasoning)
- BRAJA MOHAN, HOD (English)
- BIKASH RANJAN DAS, HOD (Computer)
- MANAS BEHURIA, HOD-TET (Reasoning)
- DEEPAK MOHAPATRA, HOD-Tech. (Phy,Che,Pol,Eco)
- ANJAN NAYAK, HOD (Reasoning)
- RAJAT KUMAR ROUT, HOD-GS (Phy, Che)
- DEEPAK SAHOO, HOD (Mathematics)
- PABITRA GAYA, HOD-Pub. (Reasoning,IT,GS)
- BIDYASAGAR DAS, HOD-IAS & OAS (Geography)
- SUMAN S. SUTAR, HOD-Soc.Media (Reasoning)
- VIJAY RAM, Sr. Faculty (Geography)
- NILAMADHABA SAHOO, Sr. Faculty (Computer)
- ABHILASH ROUT, Sr. Faculty (His,Geo)
- SANJAY NANDA, Sr. Faculty (Mathematics)
- SANDHYARANI PANDA, Sr. Faculty (Computer)
- SUSHANTA MUKHERJEE, Sr. Faculty (Mathematics)
- AMIT RAI, Sr. Faculty (Reasoning)
- AMIT KUMAR, Sr. Faculty (Mathematics)
- ARVIND SINGH, Sr. Faculty (Engish)
- SANDIP SAMMADER, Sr. Faculty (Mathematics)
- HARISAMBHU MISHRA, Sr. Faculty (His, Geo, Pol)
- SUBRAT PAUL, Sr. Faculty (Mathematics)
- RAHUL PRAKASH, Sr. Faculty (Reasoning)
- AVIJIT ADHIKARI, Sr. Faculty (Geo, Eco)
- SANJEEB DUBEY, Sr. Faculty (Geo,Pol)
- JAY PRAKASH RAI, Sr. Faculty (Economy)
- JANMEJAY SAHU, Sr. Faculty (His,Geo,Pol,Eco,Phy)
- BIJAYA MOHANTY, Faculty (Reasoning)
- BASANTA BHANJA, Faculty (Mathematics)
- SWADHIN MAHANA, Faculty (Science & Tech)
- ASUTOSH BEHERA, Faculty (English)
- SOMYA R. NANDA, Faculty (Computer)
- SASMITA MOHANTY, Faculty (Pedagogy, Odia)
- KARTIK PATRA, Faculty (History)
- SIDDHARTH TRIPATHY, Faculty (Polity)
- SOURAV MUKHERJEE, Faculty (CA,FA,ECO)
- CHANDRAMANI DAS, Faculty (History)
- ASWINI KU. DHALL, Faculty (His,Geo,Pol)
- NITISH PATRA, Faculty (His,Geo,Pol)
- ROJALIN SAHOO, Faculty (GS, Odia)
- SRIKANT SAHOO, Faculty (His,Geo,Pol)

**CRP** — Plot-1441, Opp. IOCL Petrol Pump, CRP Square, Bhubaneswar — 8093556677, 9040456677
**Acharya Vihar** — Near Pani Tanki, Acharya Vihar, Bhubaneswar — 8093083565, 9937436677
**Cuttack** — Near Yamaha Showroom, Link Road, Cuttack — 8984556677, 9040656677
**Berhampur** — OSRTC Depo, Infont of SBR Women's College, Near Khalikot College — 7992556677, 8018036677
**Sambalpur** — Plot-266, Unit-7, Modipada Sambalpur-768001 — 7377556677, 8093083575
**Balasore** — Angargadia Balasore-756001 — 8093136677, 8093146677
**Rourkela** — Koel Nagar Rourkela-769014 — 9938836677, 8093083549
**Jeypore** — JCN Heights, Above Patra Electronics, Dhepaguda — 720556677
**Kolkata** — Sealdah Market Complex, 6th Floor, Beliaghata Main Road, Kolkata — 7449556677, 6293556677

www.vanik.org
vanikbbsr@gmail.com
www.facebook.com/vanikbbsr

### ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲା

# ବିଜେପି ନେତାଙ୍କ ପୁଅ ସମେତ ତିନି ଜଣଙ୍କୁ ଆଜୀବନ ଜେଲ୍



ଡେରାଡୁନ, ୩୦।୫ (ଏଜେନ୍ସି): ଦୀର୍ଘ ୨ ବର୍ଷ ୮ ମାସ ପରେ ଉତ୍ତରାଖଣ୍ଡର ବହୁଚର୍ଚ୍ଚିତ ଅଙ୍କିତା ଭଣ୍ଡାରୀ (୧୯) ହତ୍ୟାକାଣ୍ଡ ମାମଲାର ରାୟ ଆସିଛି। ବିଜେପି ନେତା ତଥା ପୂର୍ବତନ ମନ୍ତ୍ରୀଙ୍କ ପୁଅ ପୁଲକିତ ଆର୍ଯ୍ୟ ବ୍ୟତୀତ ଦୁଇ କର୍ମଚାରୀ ସୌରଭ ଭାସ୍କର ଏବଂ ଅଙ୍କିତ ଗୁପ୍ତାକୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। କୋଟଦ୍ୱାର ଜିଲ୍ଲା କୋର୍ଟ ତିନି ଦୋଷୀଙ୍କ ଉପରେ ୫୦ ହଜାର ଟଙ୍କା ଲେଖାଏଁ ଜୋରିମାନା ମଧ୍ୟ ଲଗାଇଛନ୍ତି। ସୂଚନା ଅନୁଯାୟୀ ପୌରି ଗ୍ରହୱାଲ ଜିଲ୍ଲାର ଯମକେଶ୍ୱର ଅଞ୍ଚଳ ସ୍ଥିତ ପୁଲକିତଙ୍କ ବାନାନତାରା ରେଷ୍ଟୋରାଁରେ ଅଙ୍କିତା ଅଭ୍ୟର୍ଥନାକାରୀ (ରିସିପିଓନିଷ୍ଟ) ଭାବେ କାମ କରୁଥିଲେ। ୨୦୨୨ ସେପ୍ଟେମ୍ବର ୧୮ ରେ ଅଙ୍କିତା ନିଖୋଜ ଥିବା ଖବର ସାମ୍ନାକୁ ଆସିଥିଲା। ଏହି ଖବର ସାରା ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏହି ଘଟଣାର କିଛି ଦିନ ପରେ ଚିଲ୍ଲା କେନାଲରୁ ଅଙ୍କିତାଙ୍କ ମୃତଦେହ ହୋଇଥିଲା। ଅଭିଯୁକ୍ତ ପୁଲକିତର ବାପା ବିଜେପି ନେତା ହୋଇଥିବାରୁ ଘଟଣାକୁ ଚପାଇ ଦେବା ପାଇଁ ବେଶ୍ ଉଦ୍ୟମ ହୋଇଥିଲା। ଏହାକୁ ନେଇ ରାଜନୀତି ମଧ୍ୟ ଜୋର ଧରିଥିଲା। ବିଜେପି କ୍ଷମତାରେ ଥିବାରୁ ଅଭିଯୁକ୍ତଙ୍କୁ ପୁଲିସ୍ ଘଣ୍ଟ ଘୋଡ଼ାଉଥିବା ଅଭିଯୋଗ ହୋଇଥିଲା। ମାମଲା ଚାଲିଥିବାବେଳେ ଏହି ରେଷ୍ଟୋରାଁ

**● ଅଙ୍କିତାଙ୍କୁ ହତ୍ୟା କରି କେନାଲକୁ ଫୋପାଡ଼ି ଥିଲେ ମୃତଦେହ**

**● ଅତିଥିଙ୍କୁ ସ୍ୱତନ୍ତ୍ର ସୁବିଧା ଦେବାକୁ ରାଜି ନ ହେବାରୁ ମାରିଥିଲେ**

ଭାଙ୍ଗିବାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ଏପରି କରାଯାଉଥିବା ଅଭିଯୋଗ ହୋଇଥିଲା। ଶେଷରେ ବିଜେପି ପୁଲକିତର ବାପା ବିନୋଦ ଆର୍ଯ୍ୟଙ୍କୁ ଦଳରୁ ବହିଷ୍କାର କରିଥିଲା।

ଏହା ସତ୍ତ୍ୱେ ବିବାଦ ଥମି ନ ଥିଲା। ତେଣୁ ବାଧ ହୋଇ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଏସଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏସଆଇଟି ଘଟଣାର ତଦନ୍ତ କରି ୫୦୦ ପୃଷ୍ଠାର ଆରୋପପତ୍ର ଦାଖଲ କରିଥିଲା। ଏଥିରେ ୯୭ ଜଣ ସାକ୍ଷୀଙ୍କ ନାମ ଥିବାବେଳେ ୪୭ ଜଣ ବୟାନ ରେକର୍ଡ କରିଥିଲେ। ପୁଲକିତଙ୍କ ରିସୋର୍ଟରେ ଅଙ୍କିତା ରିସିପିଓନିଷ୍ଟ ଭାବେ କାମ କରୁଥିଲେ। ହେଲେ ପୁଲକିତ ଓ ଆଉ ୨ ଜଣ କର୍ମଚାରୀ ତାଙ୍କୁ ବେଶ୍ୟାବୃତ୍ତିରେ ସାମିଲ ହେବାକୁ ବାରମ୍ବାର କହୁଥିଲେ। ଅତିଥିଙ୍କୁ ସ୍ୱତନ୍ତ୍ର ସୁବିଧା ଦେଲେ ୧୦ ହଜାର ଟଙ୍କା ଲେଖାଏ ମିଳିବ ବୋଲି ଅଙ୍କିତାଙ୍କୁ କହିଥିଲେ। ଏଥିରେ ସେ ରାଜି ନ ହେବାରୁ ପୁଲକିତ ଓ ତାଙ୍କର ଦୁଇ ସହଯୋଗୀ ତାଙ୍କୁ ହତ୍ୟା କରିଥିଲେ। ସେପ୍ଟେମ୍ବର ୧୮ ରୁ ଅଙ୍କିତା ନିଖୋଜ ଥିଲେ। ଏହାର ୬ ଦିନ ପରେ ତାଙ୍କ ମୃତଦେହ ମିଳିଥିଲା। ୨୦୨୨ ସେପ୍ଟେମ୍ବର ୧୮ ରାତି ପ୍ରାୟ ୮ଟା ବେଳେ ପୁଲକିତ, ରିସର୍ଟ ମ୍ୟାନେଜର ସୌରଭ ଓ ଅନ୍ୟ ଜଣେ କର୍ମଚାରୀ ଅଙ୍କିତଙ୍କ ସହ ଅଙ୍କିତା ଋଷିକେଶ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ଚିଲ୍ଲା ରୋଡରେ ଥିବା କେନାଲ ନିକଟରେ ୩ ଜଣ ଗାଡ଼ି ରଖି ମଦ ପିଇଥିଲେ। ଅଙ୍କିତା ଗାଡ଼ିରେ ସେମାନଙ୍କୁ ଅପେକ୍ଷା କରିଥିଲେ। ମଦ ପିଇ ଆସିବା ପରେ ରିସୋର୍ଟରେ ଅତିଥିଙ୍କୁ ସ୍ପେଶାଲ ସୁବିଧା ଯୋଗାଇ ଦେବାକୁ ସେମାନେ ଅଙ୍କିତାଙ୍କୁ କହିଥିଲେ। ହେଲେ ଅଙ୍କିତା ଏଥିରେ ରାଜି ନ ହୋଇ ରିସୋର୍ଟରେ ଚାଲିଥିବା ଅନୈତିକ କାର୍ଯ୍ୟର ପର୍ଦ୍ଦାଫାସ କରିବାକୁ ଧମକ ଦେଇଥିଲେ। ଏଥିରେ ରାଗି ଯାଇ ୩ ଜଣ ଯାକ ତାଙ୍କୁ ନିକଟସ୍ଥ କେନାଲକୁ ଫିଙ୍ଗି ଦେଇଥିଲେ।

### ● କରୋନା ରୋଗୀଙ୍କୁ ମାରିବାକୁ କହିଥିଲେ ଡାକ୍ତର

## ଏତଲା ରୁଜୁକଲା ପୁଲିସ୍

ମୁମ୍ବାଇ, ୩୦।୫ (ଏଜେନ୍ସି): ମୁମ୍ବାଇରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। କରୋନା ସମୟରେ ରୋଗୀଙ୍କ ସହ ଡାକ୍ତରଙ୍କ ବ୍ୟବହାର ସମ୍ବନ୍ଧିତ ସାଂଘାତିକ ତଥ୍ୟ ପୁଲିସ ଉଜାଗର କରିଛି। ୨୦୨୧ରେ ଜଣେ କରୋନା ରୋଗୀଙ୍କୁ ମାରିବାକୁ ନିର୍ଦ୍ଦେଶ ଦେଇଥିବା ସରକାରୀ ଡାକ୍ତରଖାନାର ବରିଷ୍ଠ ଡାକ୍ତରଙ୍କ ବିରୋଧରେ ଏତଲା ରୁଜୁ କରିଛି। ଲାଟୁର ଜିଲ୍ଲାର ଏହି ମାମଲାକୁ ନେଇ ଦେଶରେ ଚର୍ଚ୍ଚା ଜୋର ଧରିଛି। ଏହାର ଏକ ଅଡିଓ କ୍ଲିପ୍ ମଧ୍ୟ ଭାଇରାଲ ହେବାରେ ଲାଗିଛି। ଏଥିରେ ଅଭିଯୁକ୍ତ ଡାକ୍ତର ଶଶିକାନ୍ତ ଦେଶପାଣ୍ଡେ ମହିଳା ରୋଗୀ କୌସର ଫାତିମାଙ୍କୁ ମାରିବା ପାଇଁ ନିଜର ସହଯୋଗୀ ଡାକ୍ତର ଶଶିକାନ୍ତ ଡାଙ୍ଗେଙ୍କୁ କହୁଥିବା ଶୁଣାଯାଉଛି। ତେବେ ଏହି ମହିଳା ପରେ କରୋନାରୁ ସୁସ୍ଥ ହୋଇ ଯାଇଥିଲେ। ଏହାକୁ ନେଇ ଗତ ୨୪ ତାରିଖରେ ଉଦଗିର ପୁଲିସ ଏତଲା ରୁଜୁ କରିଥିଲା। ଡ.ଦେଶପାଣ୍ଡ ୨୦୨୧ରେ ଲାଟୁର ସ୍ଥିତ ଉଦଗିର ସରକାରୀ ହସ୍ପିଟାଲରେ ଅତିରିକ୍ତ ଜିଲ୍ଲା ସର୍ଜନ ଭାବେ କାମ କରୁଥିଲେ। ସେହିପରି ଡାଙ୍ଗେ କୋଭିଡ କେୟାର ସେଣ୍ଟରରେ କାମ କରୁଥିଲେ। ଏବେ ଏହାକୁ ଅନ୍ୟ ଡାକ୍ତରଖାନାର ସ୍ଥିତି କଣ ହୋଇ ନ ଥିବ ବୋଲି ପ୍ରଶ୍ନ ଉଠୁଛି। ଅଭିଯୋଗକାରୀଙ୍କ ସ୍ୱାମୀ ଗୌସୋଦ୍ଦିନଙ୍କ ଅନୁଯାୟୀ ସେତେବେଳେ ସ୍ତ୍ରୀ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତେଣୁ ଚୁପ୍ ରହିବାକୁ ଉଚିତ ମଣିଥିଲେ। ଭାଇରାଲ ଅଡିଓ କ୍ଲିପରେ ଡ. ଦେଶପାଣ୍ଡେ କହୁଛନ୍ତି ଯେ ଭିତରକୁ କାହାକୁ ଛାଡ଼ନି। ସେ ମହିଳାଙ୍କୁ(ଫାତିମା) ମାରି ଦିଅ। ଏହା ଶୁଣି ଡାକ୍ତର ଡାଙ୍ଗେ ଅମ୍ଳଜାନ ସ୍ତରକୁ ପୂର୍ବରୁ ହିଁ ହ୍ରାସ କରି ଦିଆଯାଇଛି ବୋଲି କହୁଛନ୍ତି।

## ବ୍ରହ୍ମୋସ୍ ପାକିସ୍ତାନର ନିଦ ହଜାଇ ଦେଇଛି: ପ୍ରଧାନମନ୍ତ୍ରୀ

କାନପୁର,୩୦।୫(ଏଜେନ୍ସି): ଭାରତର ବ୍ରହ୍ମୋସ ମିସାଇଲ ପାକିସ୍ତାନର ନିଦ ହାଜାଇ ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଅପରେସନ ସିନ୍ଦୂରର ୩ ସପ୍ତାହ



ପରେ କାନପୁରରେ ୫୦,୦୦୦ କୋଟି ଟଙ୍କାର ଏକ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିବା ଅବସରରେ ସେ ଏହି କଥା କହିଛନ୍ତି। ଭାରତୀୟ ସେନାର ପରାକ୍ରମକୁ ସେ ପ୍ରଶଂସା କରିଥିଲେ। ପାକିସ୍ତାନରେ ଲୁଚିଥିବା ଶହ ଶହ ଆତଙ୍କବାଦୀଙ୍କ ଠିକଣା ଧ୍ୱଂସ କରିବାର ଭାରତ ସଫଳ ହୋଇଛି। ଆମ ସେନାବହିନୀର ପରାକ୍ରମ ଓ ସାହସିକତା ଆଗରେ ପାକିସ୍ତାନ ହାର ମାନିଥିଲା ଓ ଯୁଦ୍ଧ ରୋକିବାକୁ ଅନୁରୋଧ କରିଥିଲା। ଅପରେସନ ସିନ୍ଦୂର ମାଧ୍ୟମରେ ଭାରତୀୟ ସେନାର ଶକ୍ତି ଓ ସାମର୍ଥ୍ୟକୁ ସାରା ବିଶ୍ୱ ଦେଖିଲା। ବ୍ରହ୍ମୋସ କ୍ଷେପଣାସ୍ତ୍ର ପାକିସ୍ତାନ ସେନାର ନିଦ ହଜାଇବାରେ ସଫଳ ହୋଇଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ମେ ୯ ଓ ୧୦ ରାତିରେ ପାକିସ୍ତାନର ଏକାଧିକ ଠିକଣା ଉପରେ ଭାରତ ମିଶାଇଲ ମାଡ କରିଥିଲା। ଆଜରବୈଜାନରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ୍ ମଧ୍ୟ ବ୍ରହ୍ମୋସ ମିସାଇଲ ମାଡ ହୋଇଥିବା କଥାକୁ ସ୍ୱୀକାର କରିଛନ୍ତି। ଭୋର ନାମାଜ ପଢ଼ିବାପରେ ଆମେ ଆକ୍ରମଣୟ କରିବାକୁ ଯୋଜନା କରିଥିଲୁ। କିନ୍ତୁ ଏହା ପୂର୍ବରୁ ବ୍ରହ୍ମୋସ କ୍ଷେପଣାସ୍ତ୍ର ମାଡ ହୋଇଥିଲା ବୋଲି ସେ କହିଛନ୍ତି।

## ଭାରତର ବୈଦେଶିକ ନୀତି ବିଫଳ ହୋଇଛି: କଂଗ୍ରେସ

ନୂଆଦିଲ୍ଲୀ,୩୦।୫(ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ସେନାବାହିନୀ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଅପରେସନ

**ଅପରେସନ୍ ସିନ୍ଦୂର**

ସିନ୍ଦୂର ପରେ ଭାରତର ବୈଦେଶିକ ନୀତି ବିଫଳ ହୋଇଛି ବୋଲି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ କହିଛି। ଏହି ପ୍ରକ୍ରିୟାରେ ଭାରତକୁ କୌଣସି ଦେଶ ସମର୍ଥନ କରିନାହାନ୍ତି ବୋଲି କଂଗ୍ରେସ୍ ବରିଷ୍ଠ ନେତା ପବନ ଖେରା କହିଛନ୍ତି। କୌଣସି ଦେଶ ପାକିସ୍ତାନକୁ ଏକ ଆତଙ୍କବାଦୀ ରାଷ୍ଟ୍ର ବୋଲି ଅଭିହିତ କରିନାହାନ୍ତି। ଏହା ଆମର ବୈଦେଶିକ ନୀତିର ବିଫଳାତାକୁ ଦର୍ଶାଉଛି। ଅପରେସନ ସିନ୍ଦୂରକୁ ସମର୍ଥନ କରି କୌଣସି ଦେଶ ଏପର୍ଯ୍ୟନ୍ତ ଭାରତକୁ ସମର୍ଥନ କରି ମନ୍ତବ୍ୟ




ପ୍ରଦାନ କରିନାହାନ୍ତି। ପୂର୍ବରୁ ପାକିସ୍ତାନ ଉପରେ ଲାଗୁ କରିଥିବା ବିଭିନ୍ନ କଟକଣାକୁ କୁଏତ୍ ଏବେ ଉଠାଇ ଦେଇଛି। କେବଳ ସେତିକି ନୁହଁ ପାକିସ୍ତାନ ସହ ଇରାନ, ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ସମେତ ଅନ୍ୟ ମଧ୍ୟପ୍ରାଚ୍ୟ ଦେଶଗୁଡିକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛନ୍ତି। ଏପରିକି ରୁଷିଆ ମଧ୍ୟ ପାକିସ୍ତାନ ସହ ଏକ ଏମ୍‌ଓୟୁରେ ସ୍ୱାକ୍ଷର କରିଛି। ପାକିସ୍ତାନର ଏକ ପୁରଣା ଷ୍ଟିଲ ମିଲ୍‌ର ପୁନଃପ୍ରକ୍ରିୟା କରଣ ପାଇଁ ରୁଷିଆ ୨.୬ ମିଲିଆନ ଆମେରିକୀୟ ଡଲାର ରୁଷିଆକୁ ଦେବେ। ଏହା ହେଉଛି ଆମ ବିଫଳ ବୈଦେଶିକ ନୀତିର ନକରାତ୍ମକ ଫଳ ବୋଲି ପବନ କହିଛନ୍ତି। ଅନ୍ୟପଟେ ମେ ୭ରେ ଭାରତ ପାକିସ୍ତାନ ଉପରେ କରିଥିବା ମିଶାଇଲ ଷ୍ଟ୍ରାଇକ୍‌ରେ ମୃତାହତ ଲୋକଙ୍କ ପାଇଁ ଲାଟିନ ଆମେରିକୀୟ ଦେଶ କଲମ୍ବିଆ ଶୋକ ଜାହିର କରିଛି ଓ ଏ ନେଇ ବରିଷ୍ଠ କଂଗ୍ରେସ ନେତା ଶଶି ଥରୁର ଅସନ୍ତୋଷ ଜାହିର କରିଛନ୍ତି। ଭାରତ କେବଳ ଏପ୍ରିଲ ୨୨ରେ ଘଟିଥିବା ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବ ସ୍ୱରୂପ ଆତ୍ମରକ୍ଷା ପାଇଁ ମିଶାଇଲ ଷ୍ଟ୍ରାଇକ୍ କରିଛି ବୋଲି ସେ କହିଛନ୍ତି।

### ● ମୋଦୀଙ୍କ ନାମ ଭୁଲିଲେ ନୀତୀଶ

## ୩୦ ସେକେଣ୍ଡରେ ୧୦ଥର କ୍ଷମା ମାଗିଲେ

ପାଟନା,୩୦।୫(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିହାର ଗସ୍ତ ଶନିବାର ଦ୍ୱିତୀୟ ଦିନ ଥିଲା। ସାସାରାମଠାରେ ଆୟୋଜିତ ଏକ ଜନସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଭୁଲରେ ମୋଦିଙ୍କ ନାମ ନେବା ବଦଳରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମ ନେଇଥିଲେ। ଏଥିପାଇଁ ସେ ନିଜର ଭୁଲ ସ୍ୱୀକାର କରିଥିଲେ। ଭୁଲ



ସ୍ୱୀକାର କରିବା ସହ ସେ ୩୦ ସେକେଣ୍ଡରେ ୧୦ଥର ହାତ ଯୋଡ଼ିଥିଲେ। ଏଥିପାଇଁ ସଭାରେ ଉପସ୍ଥିତ ସବୁ ଲୋକଙ୍କୁ ଛିଡା ହୋଇ ହାତଯୋଡି ପ୍ରଣାମ କରିବାକୁ ନିବେଦନ କରିଥିଲେ। ଏହାର ଭିଡିଓ ଇଣ୍ଟରନେଟ୍‌ରେ ବେଶ୍ ଭାଇରାଲ ହୋଇଛି। ଏହି ଘଟଣାରେ ଆରଜେଡି ଏମ୍‌ଏଲ୍‌ଏ ତେଜସ୍ୱୀ ଯାଦବ ନୀତୀଶଙ୍କ ମାନସିକ ସ୍ଥିତି ଓ ସ୍ୱାସ୍ଥ୍ୟ ନେଇ ପ୍ରଶ୍ନ ଉଠାଇଛନ୍ତି।

## ପୁଣି ଭାରତ ବିରୋଧରେ ବିଷ ଓଗାଳିଲା ପହଲଗାମ୍ ଷଡ଼ଯନ୍ତ୍ରକାରୀ କଶୁରୀ



ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି): ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ତଥା ଲସ୍କର-ଇ-ତଇବାର କମାଣ୍ଡର ସୈଫୁଲ୍ଲା କାଶୁରୀ ଏବେ ପାକିସ୍ତାନରେ ଅଧିକ ପ୍ରସିଦ୍ଧ ହୋଇଛି। ଗତ ବୁଧବାର ଲାହୋରରେ ହୋଇଥିବା ରାଲିରେ ସେ ଭାରତ ବିରୋଧରେ ଉତ୍ତେଜକ ମନ୍ତବ୍ୟ ଦେଇଛି। ପାକସ୍ତାନର ନୀରାପତ୍ତାରକ୍ଷୀ ଓ ଗୋଇନ୍ଦା ବିଭାଗର ଅଧିକାରୀଙ୍କ ସୁରକ୍ଷା କବଚ ମଧ୍ୟରେ ତାକୁ ଦେଖିବାକୁ ମିଳିଥିଲା। ପହଲଗାମ ଘଟଣାରେ ମୋତେ ଅଭିଯୁକ୍ତ ଭାବେ ଅବିହିତ କରିବା ପରେ ଅଧିକ ପ୍ରସିଦ୍ଧ ହୋଇଯାଇଛି ବୋଲି ସେ କହିଛି। ଅବଶ୍ୟ ପୂର୍ବରୁ କଶୁରୀ ପହଲଗାମ ଆକ୍ରମଣରେ ତା'ର କୌଣସି ଭୂମିକା ନାହିଁ ବୋଲି ସେ ସ୍ପଷ୍ଟ କରିଥିଲା। ଏହି ରାଲିରେ ଆମେରିକା ଦ୍ୱାରା ଚିହ୍ନିତ ହୋଇଥିବା ଆତଙ୍କବାଦୀ ତଥା ଲସ୍କର ମୁଖ୍ୟ ହାଫିଜ ସଇଦର ପୁଅ ତଲ୍‌ହା ସଇଦ୍, ପଞ୍ଜାବ ପ୍ରଦେଶ ବିଧାନସଭା ବାଚସ୍ପତି ମଲିକ ଅହମ୍ମଦ ଖାନ ମଞ୍ଚ୍ ଉପରେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ କଡ଼ା ସମାଲୋଚନା କରିଥିଲା। ଆମେ ଗୁଳି ଖାଇବାକୁ ଡରୁନାହୁଁ। ତେଣୁ ଭାରତକୁ ଉଚିତ ଜବାବ ଦେବାକୁ ଆମେ ପ୍ରସ୍ତୁତ୍ ରହିଛୁ ବୋଲି ସେ ରାଲିରେ ମନ୍ତବ୍ୟ ଦେଇଥିଲା।

## ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କୁ ନେଇ ବିବାଦ

ସୋମନାଥ, ୩୦।୫ (ଏଜେନ୍ସି): ପ୍ରଥମ ଜ୍ୟୋତିର୍ଲିଙ୍ଗ ସୋମନାଥ ମନ୍ଦିରର ଶିବଲିଙ୍ଗଙ୍କୁ ନେଇ ବିବାଦ ଆରମ୍ଭ ହୋଇଛି। ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ସୋମନାଥ ମନ୍ଦିରରେ ଶିବଲିଙ୍ଗଙ୍କୁ ଦ୍ୱିତୀୟ ଥର ପାଇଁ ପ୍ରତିଷ୍ଠା କରିବା ନେଇ କରିଥିବା ଘୋଷଣାକୁ ଶଙ୍କରାଚାର୍ଯ୍ୟ, ସନ୍ଥ, ମହନ୍ତମାନେ ବିରୋଧ କରିଛନ୍ତି। ରବିଶଙ୍କର ଏପର୍ଯ୍ୟନ୍ତ ଏ ସଂକ୍ରାନ୍ତରେ କାହିଁକି କଥା ହୋଇ ନଥିଲେ ବୋଲି ଜ୍ୟୋତିଷ ପୀଠର ଶଙ୍କରାଚାର୍ଯ୍ୟ ଅଭିମୁକ୍ତେଶ୍ୱେରାନନ୍ଦ ସରସ୍ୱତୀ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଜ୍ୟୋର୍ତିଲିଙ୍ଗ ହେଉଛନ୍ତି ସ୍ୱୟମ୍ଭୁ ଓ ତାଙ୍କୁ ଦ୍ୱିତୀୟଥର ପାଇଁ ପ୍ରତିଷ୍ଠା କରିବାର ଆବଶ୍ୟକତା ନାହିଁ ବୋଲି ଦ୍ୱାରାକା ଶାରଦାପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ସଦାନନ୍ଦ ସରସ୍ୱତୀ କହିଛନ୍ତି। ଅଗ୍ନିଶିଖାକୁ କେବେବି ଦୁଇ ଭାଗ କରି ହେବନାହିଁ। ତେଣୁ ଜ୍ୟୋର୍ତିଲିଙ୍ଗଙ୍କୁ ଦ୍ୱିତୀୟଥର ପାଇଁ ପ୍ରତିଷ୍ଠା କରିବାର ପ୍ରଶ୍ନ ଉଠୁନାହିଁ ବୋଲି ହରିଗିରି ମହାରାଜ କହିଛନ୍ତି। ଶିବଲଙ୍ଗର ଏକ ଅଂଶ ମୋ ପାଖରେ ରହିଛି ବୋଲି ରବିଶଙ୍କର କହିଥିଲେ। କିନ୍ତୁ ଏହାକୁ ସମସ୍ତେ ବିରୋଧ କରିଛନ୍ତି। ହଜାର ହଜାର ବର୍ଷ ପୁରୁଣା ସୋମାନଥର ଶିବଲିଙ୍ଗ୍‌ଙ୍କ ଅଂଶ କାହାପାଖରେ ରହିବା ଅଂଶମ୍ଭବ ବୋଲି ଶିବ ଉପାସକ ନିଜାନନ୍ଦ ଜୀ ସ୍ୱାମୀ କହିଛନ୍ତି। ରବିଶଙ୍କର ପାଖରେ ଶିବଲିଙ୍ଗର ଏକ ଅଂଶ ରହିଛି ବୋଲି ପୂର୍ବରୁ କାହିଁକି କହି ନଥିଲେ ବୋଲି ଅଭିମୁକ୍ତେଶ୍ୱେରାନନ୍ଦ ସରସ୍ୱତୀ ପ୍ରଶ୍ନ କରିଛନ୍ତି।

ଶିବଲିଙ୍ଗର ଅଂଶ ମୋ ପାଖରେ ରହିଛି ବୋଲି କହି ରବିଶଙ୍କର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ପାଖରେ ସୋମନାଥ ଶିବଲିଙ୍ଗର ୪ଟି ଅଂଶ ରହିଛି ବୋଲି ରବିଶଙ୍କର କହିଥିଲେ। ୧,୦୦୦ ବର୍ଷ ପୂର୍ବେ ମହମ୍ମଦ ଗଜନବୀ ଏହି ଶିବଲିଙ୍ଗଙ୍କୁ ଭାଙ୍ଗିଦେଇଥିଲେ। ଶିବଲିଙ୍ଗର ଦୁଇଟି ଅଂଶ କିଛିଦିନ ତଳେ ସମ୍ପର୍ଣ୍ଣ ହୋଇଥିବା ମହାକୁମ୍ଭରେ ମିଳିଥିଲା ବୋଲି ରବିଶଙ୍କର କହିଛନ୍ତି। କିନ୍ତୁ ଏହାକୁ ସନ୍ଥ ସମାଜ ସାମୂହିକ ଭାବେ ବିରୋଧ କରିଛନ୍ତି। ତାଙ୍କ ପାଖରେ ଶିବଲିଙ୍ଗର ଦୁଇଟି ଅଂଶ ରହିଛି ବୋଲି କିଛି ପ୍ରମାଣ ଅଛି କି ବୋଲି ସୋମନାଥ ଟ୍ରଷ୍ଟର ଟ୍ରଷ୍ଟି ପିକେ ଲହରୀ କହିଛନ୍ତି।

### ଏନ୍‌ଡିଏରୁ ମହିଳାଙ୍କ ପ୍ରଥମ ବ୍ୟାଚ୍ ପାସ୍

## ୧୪୭ତମ ପାସିଙ୍ଗଆଉଟ୍ ପରେଡ୍‌ରେ ୧୭ ଯୁବତୀ

ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି): ପ୍ରଥମ ଥର ପାଇଁ ନ୍ୟାସନାଲ ଡିଫେନ୍ସ ଏକାଡେମି (ଏନଡିଏ)ରୁ ମହିଳା କ୍ୟାଡେଟ ପାସ୍ କରିଛନ୍ତି। ୧୭ ମହିଳା କ୍ୟାଡେଟଙ୍କ ସହ ୩୦୦ରୁ ଅଧିକ ପୁରୁଷଙ୍କ ସହିତ ଏନଡିଏରୁ ଗ୍ରାଜୁଏଟ ହୋଇଛନ୍ତି। ଏମାନେ ଭାରତୀୟ ସ୍ଥଳସେନା, ନୌସେନା ଏବଂ ବାୟୁସେନାରେ ସାମିଲ ହେବେ। ୨୦୨୧ରେ ଏ ନେଇ ଐତିହାସିକ ରାୟ ଦେଇଥିଲେ। ମହିଳାଙ୍କୁ ଏନ୍‌ଡିଏରେ ସାମିଲ ହେବାକୁ ଅନୁମତି ପ୍ରଦାନ କରିଥିଲେ। ଏହା ପୂର୍ବରୁ ଗତ ୭୫ ବର୍ଷ ଧରି ଟେରିଟୋରିଆଲ୍ ଆର୍ମୀର ଅଧିକାରୀ ପଦବୀରେ ମହିଳାମାନଙ୍କୁ ନିଯୁକ୍ତି ଦେବାର କୌଣସି ବ୍ୟବସ୍ଥା ନ ଥିଲା। ଏହା ବିରୋଧରେ କୁଶ କାଲରା ଦିଲ୍ଲୀ ହାଇକୋର୍ଟରେ ଆବେଦନ ଦାଖଲ କରିଥିଲେ। ପରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ୨୦୨୧ ଅଗଷ୍ଟ ୧୮ ରେ କୋର୍ଟ ପ୍ରଥମ ଥର ପାଇଁ ମହିଳାଙ୍କ ନିମନ୍ତେ ଏନ୍‌ଡିଏର ଦ୍ୱାର ଖୋଲି ଦେଇଥିଲେ। ଏହି ନିଷ୍ପତ୍ତି ପରେ,୨୦୨୨ ରେ ପ୍ରଥମ ଥର ପାଇଁ ୧୭ ଜଣ ମହିଳା ପ୍ରାର୍ଥୀଙ୍କ ଏକ ବ୍ୟାଚ୍ ଏନ୍‌ଡିଏରେ ଯୋଗ ଦେଇଥିଲା। ସେମାନେ ଆଜି ଗ୍ରାଜୁଏଟ ହୋଇଛନ୍ତି। ଏଥିପାଇଁ ପୁନେର ଖଡକଭାସଲା ସ୍ଥିତ ଏନଡିଏ କ୍ୟାମ୍ପସରେ ପାସିଂ ଆଉଟ୍ ପରେଡ୍ ହୋଇଥିଲା। ଅବସରପ୍ରାପ୍ତ ସେନା ମୁଖ୍ୟ ଜେନେରାଲ ଭିକେ ସିଂହ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ସେ କ୍ୟାଡେଟମାନଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରିଥିଲେ।



### ● କନ୍ନଡ ଭାଷା ଉପରେ ଆପତ୍ତିଜନକ ମନ୍ତବ୍ୟ

## ଭୁଲ୍ କରିନି; ତେଣୁ କ୍ଷମା ମାଗିବିନି: କମଲ ହାସନ

ଚେନ୍ନାଇ,୩୦।୫(ଏଜେନ୍ସି): ଲୋକପ୍ରିୟ ତାମିଲ ଅଭିନେତା କମଲ ହାସନ ନିକଟରେ କନ୍ନଡ ଭାଷା ଉପରେ ଅପତ୍ତିଜନକ ଟିପ୍ପଣୀ ଦେଇ ବିବାଦରେ ଛନ୍ଦି ହୋଇ ପଡିଛନ୍ତି। ନିଜ ବିବାଦୀୟ ମନ୍ତବ୍ୟ ପାଇଁ ସେ କ୍ଷମା ମାଗିବାକୁ ମନା କରିଦେଇଛନ୍ତି। ଯଦି ଭୁଲ୍ କରିନାହିଁ, ତେଣୁ କ୍ଷମା କାହିଁକି ମାଗିବି ବୋଲି ସେ ମୁକ୍ତିଲାଭ କରିବାକୁ ଯାଉଥିବା ନିଜ ସିନେମା 'ଠଗ୍ ଅଫ୍ ଲାଇଫ୍'ର ପ୍ରମୋଶନ ଅବସରରେ କହିଛନ୍ତି। ଭାରତ ଏକ ଗଣତାନ୍ତ୍ରିକ ଦେଶ। କାନୁନ ଓ ନ୍ୟାୟରେ ବିଶ୍ୱାସ କରେ।

କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ କେରଳ ପ୍ରତି ମୋର ଭଲପାଇବା ସତ ଓ ନିଷ୍କପଟ। ପ୍ରେମ ଓ ଭଲ ପାଇବା ସବୁବେଳେ ବିଜୟ ଲାଭ କରିଥାଏ। ପୂର୍ବରୁ ମୋତେ ଧମକ ଦିଆଯାଇଛି। କିନ୍ତୁ ଯଦି ଭୁଲ କରିଛି, ତେବେ କ୍ଷମା ମାଗିବି। କିନ୍ତୁ ଯଦି ଭୁଲ କରିନାହିଁ, ତେବେ କ୍ଷମା ମାଗିବି ନାହିଁ ବୋଲି ସେ କହିଛନ୍ତି। ସେପଟେ କର୍ଣ୍ଣାଟକ ଫିଲ୍ମ ଚାମ୍ବର ଓ କମର୍ସ (କେଏଫ୍‌ସିସି) କମଲଙ୍କ ସିନେମା 'ଠଗ୍ ଅଫ୍ ଲାଇଫ୍'ର ରିଲିଜ ଉପରେ ବ୍ୟାନ ଲଗାଇଛି। ଯଦି କମଲ ତାଙ୍କ ସେନେମାକୁ ରିଲିଜ କରିବାକୁ ଚାହୁଁଛନ୍ତି, ତେବେ ତାଙ୍କୁ କ୍ଷମା ମାଗିବାକୁ ହେବ ବୋଲି କେଏଫ୍‌ସିସି ଅଧ୍ୟକ୍ଷ ଲନ୍ ନରସିହ୍ମାଲୁ କହିଛନ୍ତି। ଉଲ୍ଲେଖଥାଉ କି, ଗତ ୨୪ ତାରିଖରେ 'ଠକ୍ ଅଫ୍ ଲାଇଫ୍'ର ଅଡିଓ ଲଞ୍ଚ୍ ଅବସରରେ କନ୍ନଡ ଭାଷା ତାମିଲ ଭାଷାରୁ ସୃଷ୍ଟି ହୋଇଥିଲା ବୋଲି କହି ବିବାଦ ସୃଷ୍ଟି କରିଥିଲେ। ସେପଟେ କମଲଙ୍କୁ କନ୍ନଡର ଇତିହାସ ବିଷୟରେ କିଛି ଜଣାନାହିଁ ବୋଲି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସିଦ୍ଧାରାମେୟା କହିଛନ୍ତି।

### ବିଆରଏସ୍‌ରେ ଉତ୍ତରାଧିକାରୀ ଲଢ଼େଇ

# ଭାଇ-ଭଉଣୀ ମୁହାଁମୁହିଁ

ନୂଆଦିଲ୍ଲୀ,୩୦।୫(ଏଜେନ୍ସି): ତେଲଙ୍ଗାନାର ଭାରତ ରାଷ୍ଟ୍ର ସମିତ (ବିଆରଏସ୍) ପାର୍ଟିରେ ଉତ୍ତରାଧିକାର ପାଇଁ ପରିବାର ମଧ୍ୟରେ ଭାଇ ଓ ଭଉଣୀଙ୍କ ମଧ୍ୟରେ ଲଢ଼େଇ ଆରମ୍ଭ ହୋଇଛି। ବିଆରଏସ୍ ନେତା ତଥା ବିଧାନ ପରିଷଦ ସଦସ୍ୟ ତଥା ପାର୍ଟି ସୁପ୍ରିମୋ କେ ଚନ୍ଦ୍ରଶେଖର ରାଓଙ୍କ ଝିଅ କେ. କବିତା ନିଜ ଭାଇ ତଥା ପାର୍ଟି ଅଧ୍ୟକ୍ଷ କେଟି ରାମାରାଓ (କେଟିଆର) ଓ ଅନ୍ୟ ବରିଷ୍ଠ ନେତାମାନଙ୍କ ବିରୋଧରେ ଅଭିଯୋଗ ଆଣି ରାଜ୍ୟରେ ହଇଚଇ ସୃଷ୍ଟି କରିଛନ୍ତି।

ବିଆରଏସ୍‌କୁ ଭାରତୀୟ ଜନତା ପାର୍ଟି (ବିଜେପି) ସହ ମିଶାଇବାକୁ ଷଡ଼ଯନ୍ତ୍ର କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି। ପାର୍ଟି ସୁପ୍ରିମୋ ଚନ୍ଦ୍ରଶେଖର ରାଓ ଜଣେ ଭଗବାନ ସଦୃଶ ବ୍ୟକ୍ତି। କିନ୍ତୁ ତାଙ୍କୁ ବହୁ ସୈତାନ ଘେରି ରହିଛନ୍ତି। ପୁଣି ଭାଇ କେଟିଆର ତାଙ୍କ ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି ଓ ତାଙ୍କ ଦଳରୁ ବାହର କରିବାକୁ ଚେଷ୍ଟା କରୁଛନ୍ତି। ପିତା ତଥା ପୂର୍ବତନ ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ମୁଁ ଦେଇଥିବା ଏକ ବ୍ୟକ୍ତିଗତ ଚିଠିକୁ ପାର୍ଟିର କିଛି ନେତା ଜାଣିଶୁଣି ଭାଇରାଲ କରିଥିଲେ ବୋଲି କବିତା ଅଭିଯୋଗ କରିଛନ୍ତି। ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଗତବର୍ଷ ଜେଲ ଯାଇଥିଲେ ମଧ୍ୟ ବିଜେପି ସହିତ ପାର୍ଟି ମିଶିବା ପ୍ରକ୍ରିୟାକୁ ବିରୋଧ କରିଥିଲି ବୋଲି ସେ କହିଛନ୍ତି। ପୁଣି ପାର୍ଟି ମଧ୍ୟରେ ଦେଖାଦେଇଥିବା ବିବାଦ ଓ ବିଦ୍ରୋହକୁ ସମାଧାନ କରିବାରେ ଓ କଂଗ୍ରେସ ତରଫରୁ ହେଉଥିବା ଆକ୍ରମଣାକୁ ସମ୍ନା କରିବାରେ ଭାଇ କେଟିଆର ବିଫଳ ହୋଇଛନ୍ତି ବୋଲି ସେ କହିଛନ୍ତି। ପାର୍ଟିରେ ମୋର ପ୍ରଭାବ କମାଇବାକୁ ଓ ମୋତେ ଅଣଦେଖା କରିବାକୁ ନିୟମିତ ଭାବେ ଷଡ଼ଯନ୍ତ୍ର କରାଯାଉଛି।

ମୋ ଚିଠି ଭାଇରାଲ କରିଥିବା ଓ ଦଳ ବିରୋଧୀ କାର୍ଯ୍ୟଭଳି ହିନ କାର୍ଯ୍ୟ କରୁଥିବା ଲୋକଙ୍କୁ ଚିହ୍ନଟ କରାଯାଇ କାହିଁକି ଦଣ୍ଡିତ କରାଯାଉ ନାହିଁ ବୋଲି କବିତା ପ୍ରଶ୍ନ ଉଠାଇଛନ୍ତି। ମୋତେ ତଡି ନିଆଦିବା ପର୍ଯ୍ୟନ୍ତ ବିଆରଏସ୍ ଛାଡିବି ନାହିଁ। କେସିଆରଙ୍କ ଛଡ଼ା ଆଉ କାହା ଅଧିନରେ କାର୍ଯ୍ୟ କରିବି ନାହିଁ। ତେବେ ନୂଆ ପାର୍ଟି ଗଠନ କରିବା ନେଇ ଚାଲିଥିବା ଚର୍ଚ୍ଚା ନେଇ ସେ କୌଣସି ଉତ୍ତର ଦେଇନାହାନ୍ତି। ବିଆରଏସ୍‌ରେ ସ୍ୱଚ୍ଛତା ଓ ସଂସ୍କାର ଆଣିବା ନେଇ ମୋର ଲଢ଼େଇ ଜାରି ରହିବ। କଂଗ୍ରେସରେ ଯୋଗ ଦେଉଥିବା ନେଇ ପ୍ରଚାରିତ ଖବରକୁ ସେ ଖଣ୍ଡନ କରିଛନ୍ତି। ୨୦୧୩ ପରେ କୌଣସି କଂଗ୍ରେସ ନେତାଙ୍କ ସହ କୌଣସି ସମ୍ପର୍କ ନାହିଁ। ତେଲଙ୍ଗାନା ରାଜ୍ୟ ଗଠନ ପାଇଁ ସେତେବେଳେ ସଂଗ୍ରାମ ଜାରି ରହିଥିଲା। ପାର୍ଟିରେ କୌଣସି ପଦ କିମ୍ବା କ୍ଷମତା ଲଢ଼େଇରେ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ଭାଇ କେଟିଆରଙ୍କ ତରଫରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନାହିଁ। ଉଲ୍ଲେଖଥାଉ କି, ୨୪ ବର୍ଷ ତଳେ କେ ଚନ୍ଦ୍ରଶେଖର ରାଓ ୨୦୦୧ ଏପ୍ରିଲ ୭ରେ ବିଆରଏସ୍ ପାର୍ଟି ପ୍ରତିଷ୍ଠା କରିଥିଲେ। ଏବେ ରାଜ୍ୟସଭାରେ ଦଳର ୩ ଜଣ ସଦସ୍ୟ ଓ ବିଧାନସଭାରେ ୨୮ ଜଣ ସଦସ୍ୟ ରହିଛନ୍ତି।





দীপিকাঙ্ক উপরে সন্দীপ খপ্পা

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-332 ◆BHUBANESWAR ◆SATURDAY ◆31 MAY 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୩୨ ◆ଭୁବନେଶ୍ୱର ◆ଶନିବାର ◆୩୧ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସମ୍ପର୍କ ଛିନ୍ନ ପରେ ଦୁଷ୍କର୍ମ ଅଭିଯୋଗ ଭୁଲ୍

**ଏପରି ଅଭିଯୋଗ ଦ୍ୱାରା ଅଭିଯୁକ୍ତର ଛବି ଖରାପ ହୋଇଥାଏ**

**ନ୍ୟାୟ ବ୍ୟବସ୍ଥା ଉପରେ ମଧ୍ୟ ବୋଝ ବଢ଼ୁଛି**

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ସୁପ୍ରିମକୋର୍ଟ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ସମ୍ପର୍କ ଭାଙ୍ଗିବା ପରେ ଦୁଷ୍କର୍ମ ଅଭିଯୋଗ ଲଗାଇବା ଭୁଲ୍ ବୋଲି କହିଛନ୍ତି। ଦୁଇ ବୟସ୍କଙ୍କ ମଧ୍ୟରେ ସହମତିରେ ଗଢ଼ି ଉଠିଥିବା ସମ୍ପର୍କ ଭାଙ୍ଗିଯିବା ପରେ କିମ୍ବା ଉଭୟ ପରସ୍ପରଠାରୁ ଦୂରେଇ ଯିବା ପରେ ଏହାକୁ ଆଧାର କରି ବିବାହର ମିଥ୍ୟା ପ୍ରତିଶ୍ରୁତି ନାମରେ ଦୁଷ୍କର୍ମ ଅଭିଯୋଗ ଲଗାଯାଇପାରିବ ନାହିଁ। ଏଭଳି ମାମଲାରେ ଦ୍ୱାରା ନ୍ୟାୟ ବ୍ୟବସ୍ଥା ଉପରେ ଅନାବଶ୍ୟକ ବୋଝ ବଢ଼ୁଛି। ସମାଜରେ ଅଭିଯୁକ୍ତର ଛବି ମଧ୍ୟ ଖରାପ ହେଉଛି। କେବଳ ବିବାହ ପ୍ରତିଶ୍ରୁତି ଭାଙ୍ଗିବାକୁ ମିଥ୍ୟା ପ୍ରତିଶ୍ରୁତି କୁହାଯାଇପାରିବ ନାହିଁ। ଯଦି ସମ୍ପର୍କର ଆରମ୍ଭରୁ ଅଭିଯୁକ୍ତର ଆଭିମୁଖ୍ୟ ପ୍ରଥମରୁ ଠକିବା ଭଳି ରହିଥାଏ ତେବେ ଏଭଳି ମାମଲା ହୋଇପାରେ। ବିବାହ ପ୍ରତିଶ୍ରୁତି ଭାଙ୍ଗିବା ଦର୍ଶାଇ ଧାରା ୩୭୬ ଅନୁଯାୟୀ ଦୁଷ୍କର୍ମ ମାମଲା ଲଗାଇବା ଅନୁଚିତ। ଏହା ପୂର୍ବରୁ ମଧ୍ୟ ସୁପ୍ରିମକୋର୍ଟ ଏଭଳି ମାମଲା ଉପରେ ଚିନ୍ତା ପ୍ରକଟ କରିଥିଲେ ବୋଲି ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି। ଏହି ରାୟ ଦେଇ ସୁପ୍ରିମକୋର୍ଟ ମହାରାଷ୍ଟ୍ରର ଅମୋଲ ଭଗବାନ ନେହୁଲଙ୍କ ବିରୋଧରେ ରୁଜୁ ଦୁଷ୍କର୍ମ ମାମଲାକୁ ରଦ୍ଦ କରିଦେଇଥିଲେ। ▶ପୃଷ୍ଠା-୭



## ଗୋଟିଏ ସିଫ୍ଟରେ ହେବ ନିଟ୍-ପିଜି ପରୀକ୍ଷା

**ଦୁଇ ସିଫ୍ଟ ବ୍ୟବସ୍ଥା ଉଚ୍ଛେଦ**

**ଅନୁଚିତ, ମନମୁତାଣିଆ କହିଲେ ସର୍ବୋଚ୍ଚ ନ୍ୟାୟାଳୟ**

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ସୁପ୍ରିମକୋର୍ଟ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସ୍ୱଚ୍ଛତା ଏବଂ ପାରଦର୍ଶିତାକୁ ସୁନିଶ୍ଚିତ କରିବା ପାଇଁ ନିଟ୍-ପିଜି ପ୍ରବେଶିକା ପରୀକ୍ଷା (୨୦୨୫)କୁ ଗୋଟିଏ ସିଫ୍ଟରେ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏହି ପରୀକ୍ଷାକୁ ଦୁଇଟି ସିଫ୍ଟରେ କରିବାକୁ ଘୋଷଣା କରାଯାଇଥିଲା। ମାତ୍ର ଏହା ବିରୋଧରେ ଛାତ୍ରଛାତ୍ରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଭଳି ପରୀକ୍ଷାକୁ ଅନୁଚିତ ଏବଂ ଅସଙ୍ଗତି ଥିବା କହିଥିଲେ। ୨ଟି ସିଫ୍ଟରେ ପରୀକ୍ଷା ହେଲେ ପ୍ରଶ୍ନପତ୍ରର ଜଟିଳତା ସ୍ତରରେ ଫରକ ରହିଥାଏ। ଏହା ପରୀକ୍ଷାର୍ଥୀଙ୍କ ମଧ୍ୟରେ ଖାମଖିଆଲ ମନୋଭାବ ମଧ୍ୟ ସୃଷ୍ଟି କରିପାରେ। ତେଣୁ ଏହା କୌଣସି ଦୃଷ୍ଟିରୁ ବି ଉଚିତ ନୁହେଁ। ଏହା ଦ୍ୱାରା ସଠିକ୍ ମୂଲ୍ୟାଙ୍କନ ମଧ୍ୟ ହୋଇ ନ ଥାଏ। ପରୀକ୍ଷାରେ ମିଳିଥିବା ମାର୍କରେ ବି ଫରକ ଦେଖା ଦେଇଥାଏ ବୋଲି ଛାତ୍ରଛାତ୍ରୀ ଆବେଦନରେ କହିଥିଲେ। ଏହି ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ୨ଟି ସିଫ୍ଟ ବ୍ୟବସ୍ଥାକୁ ଅନୁଚିତ ଏବଂ ମନ ମୁତାଣିଆ କହି ଉଚ୍ଛେଦ କରିଦେଇଛନ୍ତି। ଜାତୀୟ ଗୁରୁତ୍ୱ ବହନ କରୁଥିବା ଏଭଳି ପରୀକ୍ଷାର ମାନଦଣ୍ଡରେ ସମାନତା ରହିବା ଆବଶ୍ୟକ। ପରୀକ୍ଷା ଆୟୋଜନ କରିବା ପାଇଁ ନ୍ୟାସନାଲ ବୋର୍ଡ ଅଫ୍ ▶ପୃଷ୍ଠା-୭

**୨୦୨୪-୨୫ ଜିଡିପି ଅଭିବୃଦ୍ଧି ମନ୍ଥର**

# ଥମିବ ବିକାଶର ଗତି

**ଜାତୀୟ ପରିସଂଖ୍ୟାନ ରିପୋର୍ଟ**



- ▶▶ **୬.୫%ରେ ସୀମିତ ରହିବ ଅଭିବୃଦ୍ଧି**
- ▶▶ **୨୦୨୩-୨୪ରେ ୯.୨ ପ୍ରତିଶତ ଥିଲା**
- ▶▶ **ଚତୁର୍ଥ ତ୍ରୈମାସରେ ବି କମିଲା ଅଭିବୃଦ୍ଧି**

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ଶିଥିଳ ଅର୍ଥନୀତି। କାରଣ ଧିମା ପଡିଛି ବିକାଶର ଗତି। ମାର୍ଚ୍ଚ ତ୍ରୈମାସିକରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୪ ପ୍ରତିଶତକୁ ହ୍ରାସ ପାଇଛି। ଏହାଫଳରେ ୨୦୨୪-୨୫ରେ ବାର୍ଷିକ ଅଭିବୃଦ୍ଧି ହାର ୬.୫%ରେ ସୀମିତ ରହିବ ବୋଲି ସ୍ପଷ୍ଟ ହୋଇଗଲାଣି। ତେବେ ଜାନୁଆରୀ-ମାର୍ଚ୍ଚ ଅବଧିରେ ଅଭିବୃଦ୍ଧି ହାର ୭.୪% ରହିଛି, ଗତ ବର୍ଷର ପୂର୍ବ ସମାନ ତ୍ରୈମାସିକର ୮.୪% ଅଭିବୃଦ୍ଧି ହାର ତୁଳନାରେ ଏହା କମ୍। ଶୁକ୍ରବାର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ) ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୪-୨୫ରେ ଅର୍ଥନୀତି ମାତ୍ର ୬.୫% ହାରରେ ବୃଦ୍ଧି ପାଇବ, ଯେତେବେଳେ କି ୨୦୨୩-୨୪ ପାଇଁ ସରକାରଙ୍କ ପକ୍ଷରୁ ୯.୨ ପ୍ରତିଶତ ଅଭିବୃଦ୍ଧି ହାର ଆକଳନ କରାଯାଇଛି।

ଜାତୀୟ ହିସାବର ଦ୍ୱିତୀୟ ଅଗ୍ରିମ ଆକଳନରେ ଏନ୍ଏସ୍ଓ ୨୦୨୪-୨୫ ପାଇଁ ଦେଶର ଜିଡିପି ଅଭିବୃଦ୍ଧି ହାର ୬.୫% ହେବ ବୋଲି ଆକଳନ କରିଥିଲା। ଉତ୍ପାଦନ କ୍ଷେତ୍ରରେ ମାନ୍ଦାବସ୍ଥା ମୁଖ୍ୟତଃ ଜିଡିପି ହ୍ରାସର ମୁଖ୍ୟ କାରଣ କୁହାଯାଉଛି। ଅନ୍ୟପକ୍ଷରେ, ଚୀନ୍ ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ୫.୪% ଅର୍ଥନୈତିକ ଅଭିବୃଦ୍ଧି ହାର ରିପୋର୍ଟ କରିଛି। ପରିସଂଖ୍ୟାନ ରିପୋର୍ଟ ଅନୁସାରେ ନିର୍ମାଣ କ୍ଷେତ୍ର ୯.୪%ର ବାର୍ଷିକ ବୃଦ୍ଧି ସହ ସବୁଠୁ ଆଗରେ ରହିଛି। ଏହାପଛକୁ ଲୋକ ପ୍ରଶାସନ, ପ୍ରତିରକ୍ଷା ଓ ଅନ୍ୟ ସେବା ୮.୯% ଓ ଆର୍ଥିକ, ରିଅଲ ଇଷ୍ଟେଟ୍ ଓ କାରବାର ସେକ୍ଟରରେ ୭.୨% ବୃଦ୍ଧି ହୋଇଛି। ଚତୁର୍ଥ ତ୍ରୈମାସରେ ମେନ୍ୟୁଫ୍ୟାକ୍ଚରିଂ ସେକ୍ଟରରେ ଏହି ବୃଦ୍ଧି ୧୦.୮% ପହଞ୍ଚିଥିଲା। ଏନ୍ଏସ୍ଓ ଅନୁଯାୟୀ, ୨୦୨୪-୨୫ ଆର୍ଥିକବର୍ଷରେ ବାସ୍ତବ ଜିଡିପି କିମ୍ବା ସ୍ଥିର ମୂଲ୍ୟରେ ଜିଡିପି ୧୮୭.୯୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ୨୦୨୩-୨୪ ଆର୍ଥିକବର୍ଷ ପାଇଁ ଜିଡିପିର ପ୍ରଥମ ସଂଶୋଧିତ ଆକଳନ ୧୭୬.୫୧ ଲକ୍ଷ କୋଟି ଟଙ୍କା। ଏହି ଆଧାରରେ, ଅଭିବୃଦ୍ଧି ହାର ୬.୫ ପ୍ରତିଶତ ଥିଲା। ଏନ୍ଏସ୍ଓ କହିଛି, ୨୦୨୪-୨୫ ଆର୍ଥିକ ବର୍ଷରେ ନାମମାତ୍ର ଜିଡିପି କିମ୍ବା ବର୍ତ୍ତମାନର ମୂଲ୍ୟରେ ଜିଡିପି ୩୩୦.୬୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ତେବେ ଜିଡିପି ସଂଖ୍ୟା ଉପରେ ପ୍ରତିକ୍ରିୟା ଦେଇ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ଭାରତ ଲଗାତାର ଚତୁର୍ଥ ବର୍ଷ ପାଇଁ ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ଭାବରେ ଅଭିବୃଦ୍ଧିର ଗତି ବଜାୟ ରଖିଛି। ସେ କହିଛନ୍ତି ଯେ ଚତୁର୍ଥ ତ୍ରୈମାସିକରେ ଭାରତର ଉତ୍ପାଦନ କାର୍ଯ୍ୟକଳାପ ଭଲ ରହିଛି।

## ଜନଗଣନା ପୂର୍ବରୁ ଜାତି ତାଲିକା

**ସବୁ ରାଜନୈତିକ ଦଳ ସହ ଆଲୋଚନା କରିବେ କେନ୍ଦ୍ର ସରକାର**

**ଜନଜାତି ବର୍ଗରେ ସାମିଲ ପାଇଁ ଓଡ଼ିଶାର ୧୬୦ ଜାତିଙ୍କ ଦାବି**

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ଜାତିଗତ ଜନଗଣନା ପୂର୍ବରୁ କେନ୍ଦ୍ର ସରକାର ଜାତି ତାଲିକା ପ୍ରସ୍ତୁତ କରିବେ। ୧୯୩୧ ମସିହାରେ ସାରା ଦେଶରେ ୪୧୪୭ ଜାତି ବିଭିନ୍ନ ବର୍ଗରେ ସାମିଲ ହୋଇଥିଲେ, ପରବର୍ତ୍ତୀ ସମୟରେ ଦେଶରେ ଅନୁସୂଚୀତ ଜାତିଙ୍କ ମଧ୍ୟରେ ୧୨୭୦ ଉପଜାତି ଓ ଅନୁସୂଚୀତ ଜନଜାତିଙ୍କ ମଧ୍ୟରେ ୭୪୮ ଉପଜାତିଙ୍କୁ ଚିହ୍ନଟ କରାଯାଇଥିଲା। ଏବେ ବି ଅନେକ ବର୍ଗ ନିଜକୁ ଜନଜାତି ଓ ଅନୁସୂଚୀତ ଜାତି ସୂଚୀରେ ସାମିଲ ହେବାକୁ ଦାବି କରି ଆସୁଛନ୍ତି। ଓଡ଼ିଶାରୁ ପାଖାପାଖି ୧୬୦ ବର୍ଗର ଜନସାଧାରଣ ଅନୁସୂଚୀତ ଜନଜାତି ବର୍ଗରେ ସାମିଲ ନିମନ୍ତେ କେନ୍ଦ୍ରକୁ ତତ୍କାଳୀନ ବିଜେଡି ସରକାର ପ୍ରସ୍ତାବ ଦେଇଥିଲେ। ଏହି ଆଧାରରେ ଜାତିଗତ ଜନଗଣନା ପୂର୍ବରୁ ସବୁ ରାଜନୈତିକ ଦଳ ସହ ଆଲୋଚନା କରି କେନ୍ଦ୍ର ସରକାର ଏକ ଜାତି ତାଲିକା ପ୍ରସ୍ତୁତ କରିବେ ଓ ଏଥିପାଇଁ ଖୁବ୍ଶୀଘ୍ର କେନ୍ଦ୍ର ସରକାର ଏକ ସର୍ବଦଳୀୟ ବୈଠକ ଡାକିବେ ବୋଲି ସୂଚନା ମିଳିଛି।

୨୦୧୧ରେ ଜନଗଣନାରେ ଦେଶରେ ଜାତି-ଉପଜାତି ସଂଖ୍ୟା ୪୬.୭୩ ଲକ୍ଷ କୁହାଯାଉଥିଲା। ଏହାକୁ ନେଇ ସେତେବେଳେ ଯାବତୀୟ ବିବାଦ ସୃଷ୍ଟି ହୋଇଥିଲା ଓ ଏହି ରିପୋର୍ଟ ଅବିଶ୍ୱସନୀୟ ବୋଲି ବିବେଚନା କରାଯାଉଥିଲା। ପୁନଶ୍ଚ ଜାତି ଆଧାରରେ ସଂରକ୍ଷଣକୁ ନେଇ ଏବେ ବିଭିନ୍ନ ରାଜ୍ୟରେ ଭିନ୍ନଭିନ୍ନ ମତ ପ୍ରକାଶ ପାଉଥିବାରୁ ଏବେ ଏହାକୁ ସରଳ କରାଯିବା ପାଇଁ କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଜନସଂଖ୍ୟା ଆଧାର ସହ ଆର୍ଥିକ ସ୍ଥିତିକୁ ନେଇ ବିଚାର କରାଯିବାକୁ ମଧ୍ୟ ବିଭିନ୍ନ ସମାଜତତ୍ତ୍ୱବିତ୍ମାନେ ମତ ପ୍ରକାଶ କରିଛନ୍ତି। ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଦେଶରେ ▶ପୃଷ୍ଠା-୭

## ଜେଲ୍ ଗଲେ ଇଡି ଉପନିର୍ଦ୍ଦେଶକ



■ **ଭୁବନେଶ୍ୱର, ୩୦।୫ (ସମିସ):** ଖଣି ବ୍ୟବସାୟୀ ରତିକାନ୍ତ ରାଉତଙ୍କଠାରୁ ୨୦ଲକ୍ଷ ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଛନ୍ତି ଇଡିର ଉପନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀ ଏବଂ ତାଙ୍କ ସହଯୋଗୀ ଭକ୍ତି ବେହେରା। ଆଜି ସକାଳୁ ଗିରଫ ପରେ ସିବିଆଇ କ୍ୟାପିଟାଲ ହସ୍ପିଟାଲ୍‌ରେ ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର କରିଥିଲେ। କୋର୍ଟ ଉଭୟଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଜୁନ୍ ୪ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ। ଗତକାଲି ଉଭୟଙ୍କୁ ଜେରା ବେଳେ ଲାଞ୍ଚ ଟଙ୍କା ସମ୍ପର୍କରେ ସ୍ପଷ୍ଟ ସୂଚନା ଦେଇ ନ ପାରିବାରୁ ମାମଲା ରୁଜୁ କରି ଗିରଫ କରିଥିଲା ସିବିଆଇ। ରାତି ତମାମ୍ ସିବିଆଇ ଚିନ୍ତନ ରଘୁବଂଶୀ ଓ ଜଣେ ମଧ୍ୟସ୍ଥିଙ୍କୁ ମୁହାଁମୁହିଁ ଜେରା କରିଥିଲା।

ଖଣି ମାଲିକ ରତିକାନ୍ତ ରାଉତଙ୍କ ଅଭିଯୋଗ ଅନୁସାରେ, ଢେଙ୍କାନାଳରେ ତାଙ୍କର ଏକ ପଥର ଖଣି ବ୍ୟବସାୟ ରହିଥିଲା। ଗତ ୨୦୨୪ରେ ତାଙ୍କୁ ଇଡି ପକ୍ଷରୁ ଏକ ସମନ୍ ଆସିବା ପରେ ସେ ▶ପୃଷ୍ଠା-୭

## ସିକିମ୍‌ରେ ନଦୀକୁ ବସ୍ ଖସି ଜଣେ ମୃତ

**ଓଡ଼ିଶାର ବିଜେପି ନେତ୍ରୀଙ୍କ ସମେତ ୮ ନିଖୋଜ**

■ **ଗ୍ୟାଙ୍ଗଟକ/ବ୍ୟାସନଗର, ୩୦।୫ (ସମିସ):** ଉତ୍ତର ସିକିମରେ ଗୁରୁବାର ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଲାଚେନରୁ ଲାଚୁଙ୍ଗ ଯାଉଥିବା ଏକ ବସ୍ ବିପଦପୂର୍ଣ୍ଣ ବୁଲାଣିରେ ନିୟନ୍ତ୍ରଣ ହରାଇ ହଜାରେ ଫୁଟ ତଳେ ଥିବା ତିସ୍ତା ନଦୀକୁ ଖସି ପଡ଼ିଛି। ଏହି ଦୁର୍ଘଟଣାରେ ଜଣେ ପ୍ରାଣ ହରାଇଛନ୍ତି। ତାଙ୍କର ମୃତଦେହ ଉଦ୍ଧାର କରାଯାଇଛି। ସେହିପରି ନଦୀର ପ୍ରଖର ସ୍ରୋତରେ ଭାସି ଯାଇ ୮ଜଣ ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ଓଡ଼ିଶା ବିଜେପି ମହିଳା ସଂପାଦିକା ଇତିଶ୍ରୀ ନାୟକ ଜେନା (୪୬)ଙ୍କୁ ମିଶାଇ ତାଙ୍କ ପରିବାରର ୪ ସଦସ୍ୟ ରହିଛନ୍ତି। ଅନ୍ୟମାନେ ହେଲେ ଇତିଶ୍ରୀଙ୍କ ଭାଇ ଅଜିତ କୁମାର ନାୟକ(୪୫), ସାହିଲ ଜେନା (୨୧), ଭାଉଜ ସୁନୀତା ନାୟକ (୪୨)। ଅନ୍ୟପକ୍ଷରେ, ତାଙ୍କ ପୁତୁରା ସାଇରାଜ ଜେନା (୧୭) ଓ ପୁଅ ସ୍ୱୟଂ ସୁପ୍ରିତମ ନାୟକ (୧୬)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି।

ସୂଚନାନୁଯାୟୀ, ଗତ ୨୫ ତାରିଖରେ ଯାଜପୁର ବ୍ୟାସନଗର ପୌରାଞ୍ଚଳ ଉମାପଦା ଅଞ୍ଚଳର ନାୟକ ଓ ଜେନା ଭାଇଭଉଣୀଙ୍କ ଚାରୋଟି ପରିବାର ଗାଙ୍ଗଟକକୁ ବୁଲି ଯାଇଥିଲେ। ସେମାନେ ଗତ ଗୁରୁବାର ଦୁଇଟି ଗାଡ଼ିରେ ସିକିମର ଏକ ହିଲ୍ ଟପ୍ ଜିରୋ ପଏଣ୍ଟକୁ ବୁଲିବାକୁ ଯାଇଥିଲେ। ସେଠାରୁ ଦୁଇଟି ▶ପୃଷ୍ଠା-୭





### ଦୁଃଖ ପ୍ରକାଶ କଲେ ମୋହନ, ନବୀନ

■ **ଭୁବନେଶ୍ୱର, ୩୦।୫ (ସମିସ):** ସିକ୍କିମର ତିସ୍ତା ନଦୀରେ ଟୁରିଷ୍ଟ ବସ୍ ବହୁ ଗଭୀରକୁ ଖସି ପଡ଼ିବା ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ବସ୍‌ରେ ଓଡ଼ିଶାର ଅନେକ ଯାତ୍ରୀ ଥିବାର ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସିକ୍କିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ପରିବହନ ଆୟୁକ୍ତ ଦୀପ୍ତି ରଞ୍ଜନ ପାତ୍ର ଓ ଯୁଗ୍ମ ପରିବହନ ଆୟୁକ୍ତ ବିକାଶ ଚୌଧୁରୀ ସିକ୍କିମ୍ ଗସ୍ତ କରିଥିବା ଜଣାପଡ଼ିଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏକ୍ସ ମାଧ୍ୟମରେ ଦୁଃଖ ପ୍ରକାଶ କରିଛନ୍ତି। ନିଜ ଏକ୍ସ ଏକାଉଣ୍ଟରେ ନବୀନ ଦୁର୍ଘଟଣାଗ୍ରସ୍ତଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ଏପରି ପ୍ରତିକୂଳ ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କ ପରିବାରବର୍ଗଙ୍କୁ ଧୈର୍ଯ୍ୟ ଦିଅନ୍ତୁ ବୋଲି ଉଲ୍ଲେଖ କରିଛନ୍ତି।

**ଅବସରର ଦିନକ ପୂର୍ବରୁ ଭିଜିଲାନ୍ସ ଚଢ଼ଉ**

## ଆର୍‌ଡି ମୁଖ୍ୟଯନ୍ତ୍ରୀଙ୍କ ଅଚଳାଚଳ ସମ୍ପତ୍ତି ଠାବ

- **ଘରୁ ମିଳିଲା ନଗଦ ୨.୫୬ କୋଟି ଟଙ୍କା**
- **ଆକାଉଣ୍ଟରେ ୧.୫ କୋଟି ଜମାରାଶି, ସେୟାରରେ ଲାଗିଛି ୨.୮ କୋଟି**
- **ଦୁଇଟି ବହୁତଳ କୋଠା, ୨ଟି ଫ୍ଲାଟ୍, ବିଭିନ୍ନ ସ୍ଥାନରେ ୭ଦାମୀ ପ୍ଲଟ୍ ଠାବ**
- **୧.୧କେଜି ଓଜନର ସୁନା ଅଳଙ୍କାର, ୧୫ଟି ଦାମୀ ଘଣ୍ଟା ଜବତ**



■ **ଭୁବନେଶ୍ୱର/ଅନୁଗୁଳ, ୩୦।୫ (ସମିସ):** ଅବସରର ଦିନକ ପୂର୍ବରୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀ। ତାଙ୍କ ବାସଭବନରେ ଚଢ଼ଉ ବେଳେ ଭିଜିଲାନ୍ସ ବିପୁଳ ସମ୍ପତ୍ତି ଠାବ କରିଛି। ନଗଦ ୨.୫୬ କୋଟି ଟଙ୍କା ସହ ବ୍ୟାଙ୍କ ଓ ସେୟାରରେ ଶ୍ରୀ ଷଡ଼ଙ୍ଗୀ ବିପୁଳ ପରିମାଣର ଅର୍ଥ ଜମା କରିଛନ୍ତି । ଅନୁରୂପ ଭାବରେ ଦୁଇ ଦୁଇଟି ବହୁତଳ ବିଶିଷ୍ଟ ଅଟ୍ଟାଳିକା, ୨ଟି ଫ୍ଲାଟ, ରାଜ୍ୟର ବିଭିନ୍ନ ▶ପୃଷ୍ଠା-୭






**ସହଯୋଗୀ ଗୁଳିରେ ଶିକାରୀ ମୃତ; କଙ୍ଗାରୁ କୋର୍ଟରେ ରଫାଦଫା**

## ଜୁଇରୁ ଦରପୋଡ଼ା ଶବ ଉଠାଇଆଣିଲା ପୁଲିସ



**୧୦ରୁ ଊର୍ଦ୍ଧ୍ୱ ଅଟକ; ୨ ଶିକାରୀ ଫେରାର୍**

■ **ନୟାଗଡ଼/ଶରଣକୁଳ, ୩୦।୫ (ସମିସ):** ଶିକାରୀ ଗୁଳିରେ ପ୍ରାଣ ହରାଇଥିବା ଜଣେ ଆଦିବାସୀ ଯୁବକଙ୍କୁ ଅତି ସନ୍ତର୍ପଣରେ ପୋଡ଼ିଦେବା ବେଳେ ଧରିଲା ପୁଲିସ୍। ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣା ଆଜି ପଦାକୁ ଆସିବା ପରେ ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ, ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ପଞ୍ଚରିଡ଼ା ବନାଞ୍ଚଳ ଗୋଛା ଗ୍ରାମର ସୂର୍ଯ୍ୟମଣି ପ୍ରଧାନ ଓରଫ୍ ହୀନ। ପୁଲିସ୍ ତାଙ୍କ ଦରପୋଡ଼ା ଶବକୁ ଜୁଇରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ମୋଟ ୧୦ଜଣଙ୍କୁ ଅଟକ ରଖିଥିବା ବେଳେ ଅଭିଯୁକ୍ତ ଦୁଇ ଶିକାରୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ପୁଲିସ୍ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

ପୁଲିସ୍ ସୂଚନାନୁଯାୟୀ, ଗୁରୁବାର ରାତିରେ ନିକଟସ୍ଥ ବଧିସାହି ଗ୍ରାମର ସନ୍ତୋଷ ସାହୁ ଓ ମିଟୁ ପ୍ରଧାନ ଗୋଛା ଗ୍ରାମର ହୀନଙ୍କୁ ଡାକି ଶିକାର ଉଦ୍ଦେଶ୍ୟରେ ଗୋଛା ସଂରକ୍ଷିତ ଜଙ୍ଗଲକୁ ଯାଇଥିଲେ। ଶିକାର ସମୟରେ ଅସାବଧାନତାରୁ ଗୋଟିଏ ଗୁଳି ହୀନଙ୍କ ମୁଣ୍ଡରେ ବାଜିବାରୁ ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶୁକ୍ରବାର ସକାଳୁ ଏହି ଖବର ପ୍ରଘଟ ହେବା ପରେ ଶିକାରୀମାନେ ଗୋଛା ଗ୍ରାମବାସୀଙ୍କୁ ପ୍ରଲୋଭିତ କରିଥିଲେ। ଗୋଛା ଗ୍ରାମବାସୀ ଗାଁରେ ଡକରା ଦେଇ କଙ୍ଗାରୁକୋର୍ଟ କରିଥିଲେ। ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ହୀନଙ୍କ ପରିବାରଲୋକଙ୍କୁ ୪ଲକ୍ଷ ଟଙ୍କା ଓ ୩ମାଣ ଜମି ଦେଇ ତାଙ୍କୁ ମୁହଁ ବନ୍ଦ ରଖିବା ପାଇଁ କୁହାଯାଇଥିଲା। ▶ପୃଷ୍ଠା-୭

# ଚୋରା ମୋରମରେ ହେଉଛି ଜାତୀୟ ରାଜପଥ ନିର୍ମାଣ

କବାଟବନ୍ଧ, ୩୦।୫(ସମିସ)



ଚଣ୍ଡିଖୋଲ - ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣରେ ଚୋରା ମୋରମ ବ୍ୟବହାରକୁ ଜିଲ୍ଲା ପ୍ରଶାସନ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି। ପ୍ରାୟ ୫ ମାସ ହେଲା ନିୟମିତ ଭାବେ ଧର୍ମଶାଳା ତହସିଲ ଅଧିନ ଜେନାପୁର ଏବଂ ଧର୍ମଶାଳା ଥାନା ଅଧିନ ବିଭିନ୍ନ ସ୍ଥାନରୁ ମୋରମ ଉତ୍ତୋଳନ କରାଯାଇ ଜାତୀୟ ରାଜପଥ କାର୍ଯ୍ୟରେ ବ୍ୟବହାର ହେଉଛି। ଧର୍ମଶାଳା ତହସିଲ ଅଧିନ କୌଣସି ସ୍ଥାନରେ ମୋରମ ଉତ୍ତୋଳନ ପାଇଁ ଲଘୁ ଖଣିଜ ବିଭାଗ ପକ୍ଷରୁ ଲିଜ୍ ପ୍ରଦାନ କରାଯାଇ ନାହିଁ। ମାତ୍ର ଦୀର୍ଘ ଦିନ ହେବ ହଜାର ହଜାର ଟ୍ରିପ୍ ହାଇୱା ଏହି ତହସିଲ ଅଧିନ ଜେନାପୁର ଥାନା ଏବଂ ଧର୍ମଶାଳା ଥାନାର ବିଭିନ୍ନ ଅଞ୍ଚଳରୁ ଲୁଟ୍ ହେଉଛି। ଏହାକୁ ନେଇ ପ୍ରଶାସନର ଭୂମିକାକୁ ସାଧାରଣରେ ସନ୍ଦେହ କରାଯାଉଛି। ଧର୍ମଶାଳା ଅଞ୍ଚଳରେ ବେଆଇନ ଖଣି ଖାଦାନ ବନ୍ଦଥିବା କୁହା ଯାଉଥିଲେ ମଧ୍ୟ ବାସ୍ତବରେ ତାହା ପ୍ରହସନ ଏବଂ ସମ୍ପୂର୍ଣ୍ଣ ମିଥ୍ୟା। ବର୍ଷ ବର୍ଷ ଧରି କଳାପଥର ମାଫିଆ ମାନେ ଯେତିକି ଲୁଟ କରି ନ ଥିବେ ମୋରମ ମାଫିଆ ମାତ୍ର ୫ ମାସରେ ସେହି ପରିମାଣର ଲୁଟ କରି ଥିବା ଅଭିଯୋଗ ହେଉଛି। ଲୁଟ ହୋଇଥିବା ସମସ୍ତ ଚୋରା ମୋରମ ୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣ ହେଉଥିବା ତାରିଣୀ ଛକ, ଚଢ଼େଇଧରା, ବାଲିସାହି, ବାଘୁଆ, ପାଖର, ଆରୁହା ଆଦି ସ୍ଥାନରେ ବ୍ୟବହାର ହୋଇଛି।

ଚଣ୍ଡିଖୋଲରୁ ଦୁବୁରୀ ପର୍ଯ୍ୟନ୍ତ ୫୩ ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ମନ୍ଥର ଚାଲୁଛି। ଗତ ଡିସେମ୍ବର ୯ ତାରିଖରେ ବ୍ରାହ୍ମଣୀ ବ୍ରିଜ ନିକଟରେ ଆନ୍ଦୋଳନ ପରେ ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବାଧ୍ୟ ହୋଇଥିଲା। ରାଜପଥ ନିର୍ମାଣ ପାଇଁ ମୋରମର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ମୋରମ ଲୁଟ ପାଇଁ ମାଫିଆମାନଙ୍କୁ ଏହା ଏକ ବଡ଼ ସୁଯୋଗ ସୃଷ୍ଟି କଲା। ଧର୍ମଶାଳା ତହସିଲ ଅଞ୍ଚଳରେ ମୋରମ ଖାଦାନ ରହିଥିଲେ ମଧ୍ୟ ରାଜସ୍ୱ ବିଭାଗ ପକ୍ଷରୁ ମୋରମ ଖନନ ପାଇଁ କାହାକୁ ଅନୁମତି ଦିଆ ଯାଇନାହିଁ। ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକା ସଂସ୍ଥା ବାହାରୁ ମୋରମ ଆଣିବା ବ୍ୟୟ ବହୁଳ କାରଣରୁ ସ୍ଥାନୀୟ ଅଞ୍ଚଳର କେତେକ ମୋରମ ମାଫିଆଙ୍କୁ ଏକଜୁଟ କରି ପ୍ରୋକଲିନ, ଜେସିବି ଓ ହାଇୱା ସାହାଯ୍ୟରେ ରାତିଅଧିଆ ମୋରମ ଲୁଟ କରୁଥିବା ଜଣାପଡୁଛି। ଏହି ମୋରମ ଲୁଟ କାମରେ ଜଡିତ ମାଫିଆ ଲୁଟ ସ୍ଥାନରୁ କିଛି ଦୂରରେ ରହି ଲୋକଙ୍କ ଗତିବିଧି ଉପରେ ନଜର ରଖି ଫୋନ ମାଧ୍ୟମରେ ସୂଚନା ଦେଉଥାନ୍ତି। ମୋରମ ଉତ୍ତୋଳନ ହେଉଥିବା ସ୍ଥାନ ଗୁଡ଼ିକରେ ପ୍ରଶାସନିକ କଟକଣା ରହିଥିଲେ ମଧ୍ୟ ମାଫିଆ ମାନେ ଏହାକୁ ଖାତିର କରୁନାହାନ୍ତି। ଏହି ସ୍ଥାନ ଗୁଡିକ ଅଞ୍ଜିରା ମୌଜାର କାଲୁଣୀଗୋଡ଼ା ଓ ମାଣ୍ଡିଆ ଗୋଡ଼ା, ତାରିଣୀ ଛକ, କୁଆ ସାହି, ବଲାଙ୍ଗିଆ, ମହୁଲଖଣ୍ଡି, ବିଚ୍ଛାଖଣ୍ଡି ଆଦି ବହୁ ସ୍ଥାନରୁ ହେଉଥିବା ବେଳେ ଏହା କାଳୁ ଉନ୍ନୟନ ନିଗମ, ଜଙ୍ଗଲ କିସମ, ଅନାବାଦୀ, ଗୋଚର ଅଟେ। ଏହା ଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କାହାନି ହେବା ସହିତ ମୋରମ ଚୋରି ବୃଦ୍ଧି ପାଉଛି ତୁରନ୍ତ ବନ୍ଦ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ହେଉଛି।

## ଯାଜପୁର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ଯାଜପୁର, ୩୦।୫(ସମିସ):** ଯାଜପୁର ରଥଯାତ୍ରାର ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯାଜପୁର ତହସିଲଦାର ତଥା ଯାଜପୁର ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ରବୀନ୍ଦ୍ର ପାଢ଼ୀ, ଯାଜପୁର ଟାଉନ୍ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡା, ତହସିଲ ବଡ଼ବାବୁ ଅକ୍ଷୟ କୁମାର ଦାସ, ଡିଆଇପିଆରଓ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଯାଜପୁର ସହରରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା କିପରି ସୁରକ୍ଷିତ ଓ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରାଯିବ, ସେ ପରିପ୍ରେକ୍ଷୀରେ ଏକ ସର୍ବଦଳୀୟ ବୈଠକ ପ୍ରସ୍ତୁତି ହୋଇଛି। ଏଥିରେ ଯାଜପୁରର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ମାନେ ଯୋଗଦେଇଥିଲେ। ଯାଜପୁର ସହରରେ ଗୁଣ୍ଡିଚା ପରଦିନ ରଥଯାତ୍ରା ହୋଇଥିବା ବେଳେ, ବାହୁଡା ବିଜେ ଯାତ୍ରା ମଧ୍ୟ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ମହାଆଡମ୍ବରରେ ପାଳିତ ହେବ ବୋଲି ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ରବୀନ୍ଦ୍ର ପାଢ଼ୀ କହିଛନ୍ତି। ଘୋଷଯାତ୍ରା ସମୟରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ସହର ର ବିଭିନ୍ନ ସଂଗଠନର ପ୍ରତିନିଧି ଯଥା, ବରିଷ୍ଠ ସାମ୍ବାଦିକ ତରୁଣ ନନ୍ଦ, ଶୁଭେନ୍ଦୁ ଚାଟାର୍ଜୀ, ପୂର୍ବତନ ଚେୟାରମେନ ଭବପ୍ରକାଶ ଦାସ, ଭାଇସ୍ ଚେୟାରମେନ ସନ୍ତୋଷ କୁମାର ମଲ୍ଲିକ ଯୋଗଦାନ କରିଥିଲେ।

## ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ପାଣିକୋଇଲି, ୩୦।୫(ସମିସ):** ପଥରପଦା ଗଲିପୋଲ ନିକଟ ଜୟ ହନୁମାନ ଛକରେ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏଥି ନିମନ୍ତେ ମଙ୍ଗଳବାର ଅଙ୍କୁରାରୋପଣ ଓ ଶୁଭାଧିବାସ କରାଯାଇଥିଲା। ବୁଧବାର ପ୍ରତ୍ୟୁଷରୁ ପୂର୍ଣ୍ଣତୋୟା ବୈତରଣୀ ନଦୀରୁ କଳସ ଯାତ୍ରା ବିଗ୍ରହସ୍ଥଳରେ ପହଞ୍ଚିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ଗୁରୁବାର ବିଗ୍ରହ ନଗର ଭ୍ରମଣ, ମନ୍ଦିର ନ୍ୟାସ, ମହାସ୍ନାନ, ମନ୍ଦିର ଶୋଧନ, ମନ୍ଦିର ପ୍ରବେଶ ପରେ ପୂର୍ଣ୍ଣାହୁତି କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଭାବେ କରୁଣାକର ପଣ୍ଡା, ଉପପ୍ରଧାନ ଭାବେ ଚନ୍ଦ୍ର ଶେଖର ପାଢ଼ୀ, ସୁଦର୍ଶନ ପାଠକ ମନୋଜ ପାଢ଼ୀ, ବ୍ରହ୍ମା ଗଜେନ୍ଦ୍ର ପାଢ଼ୀ, ହୋତା ବୃନ୍ଦାବନ ପଣ୍ଡା, ପ୍ରଧାନ ଆଚାର୍ଯ୍ୟ ନିରଞ୍ଜନ ପଣ୍ଡା ଓ ସହକର୍ମୀ ମହେନ୍ଦ୍ର ପାଢ଼ୀ କାର୍ଯ୍ୟଭାର ତୁଲାଇଥିଲେ। ଏଥି ନିମନ୍ତେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ କୀର୍ତ୍ତନ, ପ୍ରବଚନ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ବେଳେ ବିରେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଥରପଦା, କାଜିପାଟଣା, ନୂଆଗାଁ, କଣ୍ଟିଗଡ଼ିଆ, ନୁରୁଙ୍ଗା, ଭଟିପୁର, ପାଣିକୋଇଲି ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

## ଜୟନ୍ତ ବିରିପଟା ପଞ୍ଚାୟତ ବିଜେପି ସଭାପତି

**କୟାଁଗୋଲା, ୩୦।୫(ସମିସ):** ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ବିଜେପି ପଞ୍ଚାୟତ ସଭାପତି ଭାବେ ଜୟନ୍ତ ମଲ୍ଲିକଙ୍କୁ ଚୟନ କରାଯାଇଛି। ସେ ଜଣେ ଯୁବ ସମାଜସେବୀ ଭାବରେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ନିରଞ୍ଜନ ବେହୁରିଆଙ୍କ ତତ୍ତ୍ୱାବଧାନରେ ମା' ନାହାକାଣୀଙ୍କ ପାଠରେ ଅନୁଷ୍ଠିତ ଏକ ବୈଠକରେ ତାଙ୍କ ନାମକୁ ପ୍ରତାପ କୁମାର ରାୟ ପ୍ରସ୍ତାବ ଦେଇଥିଲେ। ତାଙ୍କ ନାମ ସୁପାରିସ



କରାଯାଇଥିବାରୁ ଅକ୍ଷୟ କୁମାର ଧଳ, ପ୍ରମୋଦ ସ୍ୱାଇଁ, ମାନସ ଦାସ, ବିନ୍ଦୁ ରେଖା ମହାନ୍ତି, ନିରଞ୍ଜନ ନାୟକ, ବିକାଶ ଧଳ, ବାସୁଦେବ ବେହେରା, ଗୋବିନ୍ଦ ବେହେରା, ଜୟନ୍ତ ମଲିକ, ରାଜେଶ ନାଥ, ଘନଶ୍ୟାମ ଯେନା, ପ୍ରକାସ ସାହୁ, ଭାଗିରଥୀ ତ୍ରିପାଠୀ, ଅକ୍ଷୟ ସୂତାର, ବାବନ ଯେନା, ନିରଞ୍ଜନ ଯେନାଙ୍କ ସହ ଅନ୍ୟମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଛନ୍ତି।

## କ୍ରୋମାଇଟ ଚୋରି ରୋକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଯାଜପୁର, ୩୦।୫(ସମିସ):** ସୁକିନ୍ଦା କ୍ରୋମ ଉପତ୍ୟକାରେ ଦିନକୁ ଦିନ ବଢ଼ି ଚାଲିଥିବା କ୍ରୋମାଇଟ ଚୋରି ରୋକିବା ସହିତ ଏହି ମୂଲ୍ୟବାନ ଖଣିଜ ପଦାର୍ଥର ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ। ଆଜି ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଗତ ୨୦୨୪ ଅଗଷ୍ଟ ମାସରୁ ପ୍ରାୟ ୨୦ ଜଣ ପାଖାପାଖି ମାଫିଆ ଏହି ମୂଲ୍ୟବାନ ଖଣିଜ ପଦାର୍ଥ ଚୋରିରେ ସମ୍ପୃକ୍ତ ଥିବାର ସେ ଜଣେଇଛନ୍ତି। କଟକ ଡିଏଫ୍ଓଙ୍କ ଅଧୀନ ସୁକିନ୍ଦା ବନଖଣ୍ଡ ଓ ରାଂସୋଳ ସେକ୍ସନ ଅନ୍ତର୍ଗତ କ୍ରୋମାଇଟ ବ୍ଲକ-୧ରୁ ଏହି ନିୟମିତ ଚୋରିକୁ ରୋକିବା ପାଇଁ ଖଣି ବିଭାଗ, ଜଙ୍ଗଲ ବିଭାଗ କିମ୍ବା ପୁଲିସ ପକ୍ଷରୁ କୌଣସି ଠୋସ ପଦକ୍ଷେପ ନିଆଯାଉନାହିଁ। ଫଳରେ ମହାଗିରୀ ଡିପିଏଫ୍‌ର କାକୁଡ଼ିଆ ଗାଁ ନିକଟରେ ଥିବା ଡମ୍ପ ପାଖରୁ କ୍ରୋମ ମାଫିଆମାନେ ଏହି ମୂଲ୍ୟବାନ ଖଣିଜ ପଦାର୍ଥକୁ ଲୁଟ କରି ଚାଲିଛନ୍ତି। କ୍ରୋମାଇଟ ଚୋରି ରୋକିବା ନିମନ୍ତେ ଜିଲ୍ଲାସ୍ତରରେ ଖଣି ବିଭାଗ, ପୁଲିସ, ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ନେଇ ଗଠିତ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ତାହାର ଦାୟିତ୍ୱ ସଠିକ ଭାବେ ନିର୍ବାହ କରୁନାହିଁ। ଗତ ୨୭ ତାରିଖର ଚଢ଼ଉ କ୍ରୋମାଇଟ ମାଫିଆ ମାନଙ୍କ ଉପରେ କୌଣସି ପ୍ରଭାବ ପକେଇ ପାରିନାହିଁ। ଚୋରିରେ ସମ୍ପୃକ୍ତ ମାଫିଆ ମାନଙ୍କୁ ସ୍କ୍ୱାର୍ଡ ଗିରଫ କରିବାରେ ବିଫଳ ହେଇଛି। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ହସ୍ତକ୍ଷେପ କରି ଚୋରି ରୋକିବା ସହିତ ସୁକିନ୍ଦା ଅଞ୍ଚଳର ଏହି ମୂଲ୍ୟବାନ ଖଣିଜ ପଦାର୍ଥର ଭଣ୍ଡାରକୁ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନେବାକୁ ଶ୍ରୀ ଘଡ଼େଇ ଅନୁରୋଧ କରିଛନ୍ତି।

## ସାମ୍ବାଦିକ ସୁରକ୍ଷା ପାଇଁ ଓୟୁଜେର ଦାବିପତ୍ର



**ଯାଜପୁର, ୩୦।୫(ସମିସ):** ରାଜ୍ୟରେ ସାମ୍ବାଦିକଙ୍କ ସୁରକ୍ଷା ବିପନ୍ନ ହୋଇପଡ଼ିଛି। ଓଡ଼ିଶାରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରିବା ପାଇଁ ଓଡ଼ିଶା ସାମ୍ବାଦିକ ୟୁନିଅନ୍ ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥି ସହିତ ଓୟୁଜେର ମୂଳ ଦାବି, ଅନ୍ୟ ରାଜ୍ୟ ଭଳି ସାମ୍ବାଦିକଙ୍କୁ ପେନସନ ପ୍ରଦାନ ଓ ୧୬ ବର୍ଷ ଧରି ଶୀତଳ ଭଣ୍ଡାରରେ ଥିବା ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନର୍ଗଠନ, ଅନୁକମ୍ପା ମୂଳକ ସହାୟତା ରାଶିର ପରିମାଣକୁ ୮ ଲକ୍ଷ ଟଙ୍କାକୁ ବୃଦ୍ଧି ଓ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ବାବଦରେ ତୁରନ୍ତ ନିଷ୍ପତ୍ତି ନେଇ ଜୁନ ୧୨ ପୂର୍ବରୁ ଘୋଷଣା କରିବାକୁ ଦାବି କରାଯାଇଛି। ଜିଲ୍ଲା ସଭାପତି ଅରୁଣ କୁମାର ରାଉତରାୟ, ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ସାହୁ, ରାଜ୍ୟ ଉପସଭାପତି ରାଜୀବ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ବରିଷ୍ଠ ସଭ୍ୟ ଆଦିତ୍ୟ ମେକାପ, ଅଜୟ ରଣା, ଅଜୟ ରାଉଳ, କୌଶିକ ଦାସ, ମାନସ କୁମାର ଜେନା, ଅକ୍ଷୟ ଦାସ, ସବ୍ୟସାଚୀ ଦାସ, ବିଶ୍ୱଜିତ ଦାସ, ମନୋଜ କୁମାର ଦାସ, ଚିତ୍ତରଞ୍ଜନ ମଲିକ, ବିଶ୍ୱଜିତ ରଣା, ମହେଶ୍ୱର ସାହୁ, ବିଶ୍ୱଭୂଷଣ ଜେନା, ପରମେଶ୍ୱର ପଣ୍ଡା, ମନୋଜ ରଣା, ତପନ କୁମାର ମହାନ୍ତି, ସମରବିଜୟ ଶରଣ, ପରମେଶ୍ୱର ବେହୁରିଆ, ଶୁଭେନ୍ଦୁ ଚାଟାର୍ଜି, ସୁରେନ୍ଦ୍ର ସାମଲ, ବିରଜା ପାଣି, ଅଭିମନ୍ୟୁ ଧଳ, ଦେବପ୍ରସାଦ ସାହୁ, ଶଙ୍କର୍ଷଣ ସାମଲ, ସୁରେନ୍ଦ୍ର ସାମଲ, ପ୍ରଦୀପ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ କର୍ମୀଙ୍କୁ ଥାନାଧିକାରୀଙ୍କ ଦୁର୍ବ୍ୟବହାର

**ପାଣିକୋଇଲି, ୩୦।୫(ସମିସ):** ସାମାଜିକ କର୍ମୀଙ୍କୁ ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ ନାୟକ ଦୁର୍ବ୍ୟବହାର କରିଥିବାରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଏସ୍‌ସି ଏସ୍‌ଟି ଜଏଣ୍ଟ ଆକ୍ସନ କମିଟି ପକ୍ଷରୁ



ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଗତ ୧୦ ତାରିଖ ବାଲିଚନ୍ଦ୍ରପୁର ଥାନା ନସ୍ତା ଗ୍ରାମରେ ଏକ ଭୋଜି ଚାଲିଥିବା ବେଳେ ଜନକ ଗ୍ରାମର କିଛି ବ୍ୟକ୍ତି ରାସ୍ତାରେ ଯାଉଥିବା ସମୟରେ ଜଣଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକ ଘଟଣାସ୍ଥଳେ ପହଞ୍ଚି ଯିବାରୁ ଜନକ ଗ୍ରାମର କିଛି ଯୁବକ ଜାତିଆଣ ଗାଳିଗୁଲଜ କରି ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ନସ୍ତା ଗ୍ରାମର ଲୋକେ ଏସ୍‌ସି ଏସ୍‌ଟି ଜଏଣ୍ଟ ଆକ୍ସନ କମିଟିକୁ ଜଣାଇ ସାହାଯ୍ୟ ଲୋଡିବାରୁ ଉକ୍ତ କମିଟିର ସମ୍ପାଦକ ଦୁଷ୍ମନ୍ତ ଜେନା ଲୋକଙ୍କୁ ଅଭିଯୋଗ କରିବାକୁ ବାଲିଚନ୍ଦ୍ରପୁର ଥାନାକୁ ନେଇଥିଲେ। ସେହି ସମୟରେ ଯାଜପୁରରୋଡ୍ ଏସ୍‌ଡିପିଓ ସେଠାରେ ଉପସ୍ଥିତ ଥିବାରୁ ତାଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏସ୍‌ଡିପିଓ ଥାନାରୁ ଗଲା ପରେ ବାଲିଚନ୍ଦ୍ରପୁର ଥାନାଧିକାରୀ ଧମକପୂର୍ଣ୍ଣ ଗଳାରେ ଅଭିଯୋଗକାରୀଙ୍କ ସହ ସମାଜିକ କର୍ମୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏ କଥା ଅଭିଯୋଗରେ ଦର୍ଶାଇ ସାମାଜିକ କର୍ମୀ ଆମ୍ବେଦକର ଫାଉଣ୍ଡେସନର କାର୍ତ୍ତିକ ମଲିକ, ପଙ୍କଜ ମଲିକ, ସିଭିଲ ସୋସାଇଟିର ବିଶ୍ୱନାଥ ପାତ୍ର ଏବଂ ଅନ୍ୟ ସାମାଜିକ କର୍ମୀଙ୍କ ଉପସ୍ଥିତିରେ ଯାଜପୁର ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏସ୍‌ପି ଯଶ୍ ପ୍ରତାପ ଶ୍ରୀମଲ ଘଟଣାକୁ ଗୁରୁତ୍ୱ ଦେଇ ଏସ୍‌ଡିପିଓଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ମେଗା ପାନୀୟ ଜଳ ପ୍ରକଳ୍ପ: ଅଗ୍ରଗତିର ସମୀକ୍ଷା କଲେ କେନ୍ଦ୍ରୀୟ ଟିମ୍



**ବିଞ୍ଝାରପୁର, ୩୦।୫(ସମିସ):** ବିଞ୍ଝାରପୁର ବ୍ଲକ ୨୯ ପଞ୍ଚାୟତକୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ପୂର୍ବ ସରକାର ସମୟରୁ କଏଣା- ରଘୁନାଥପୁର ପଞ୍ଚାୟତରେ ୨୦୨୨ ମସିହା ଠାରୁ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁରହିଛି। ପାନୀୟ ଜଳ ଯୋଗାଣରେ ବିଭିନ୍ନ ସମସ୍ୟା କାରଣରୁ ବିଳମ୍ବିତ ହୋଇଛି। ଆଜି ଉକ୍ତ କାର୍ଯ୍ୟକୁ ତଦାରଖ କରିବା ପାଇଁ କେନ୍ଦ୍ରୀୟ ଟିମ୍‌ର ଜଣେ ଅଧିକାରୀ ବିଞ୍ଝାରପୁର ବିଡିଓ ହିତାଂଶୁ ଶେଖର ସାମଲ କଏଣା ରଘୁନାଥପୁରରେ ପହଞ୍ଚିଥିଲେ। ମେଗା ଇଞ୍ଜିନିୟରିଂ ଓ ଇନଫ୍ରାଷ୍ଟ୍ରକ୍‌ଚର ଲିମଟେଡ ଦ୍ୱାରା କଏଣା ରଘୁନାଥପୁରଠାରେ ନିର୍ମାଣାଧୀନ ପାଣିଟାଙ୍କିର କାର୍ଯ୍ୟକୁ ଅନୁଧ୍ୟାନ କରିବା ସହ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ପରାମର୍ଶ ଦେବା ସହ ସ୍ଥାନୀୟ ଲୋକମାନଙ୍କଠାରୁ ପାଣି କୁ ନେଇ ବିଞ୍ଝାରପୁର ଅଞ୍ଚଳରେ କ'ଣ କ'ଣ ସମସ୍ୟା ରହିଛି ପଚାରି ବୁଝିଥିଲେ। ଏହା ସହ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି, ଆଉ କ'ଣ ଅଧିକ କରି ହେବ ସେ ନେଇ ଆଲୋଚନା କରିଥିଲେ। ଏହି ସମୟରେ ଆରଡବ୍ଲ୍ୟୁଏସ୍‌ଏସ୍ ଏସି ରଶ୍ମୀ ରଞ୍ଜନ ମାରଥା, ଏଇ ବିକ୍ରମଦିତ୍ୟ ପ୍ରଧାନ, ଜେଇ ତୃପ୍ତାଞ୍ଜଳି ରଥ, ଜେଇ ବିଷ୍ଣୁ ମୋହନ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।

## ପୁଅ ମୃତ୍ୟୁର ଚାରି ଦିନରେ ବାପା ମୃତ

**ମଇଁନ୍ଦା, ୩୦।୫(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ପଞ୍ଚାୟତ ଅଧୀନ ବ୍ରାହ୍ମଣୀ ଗାଁର ଅବସରପ୍ରାପ୍ତ ପଶୁ ଚିକିତ୍ସକ ରାମଚନ୍ଦ୍ର ରାଉତଙ୍କ ୬୫ ବର୍ଷରେ ହୃଦ୍‌ଘାତରେ ଦେହାନ୍ତ ହୋଇଯାଇଛି। ସୂଚନା ଥାଉକି ଚାରି ଦିନ ପୂର୍ବରୁ ତାଙ୍କ ପୁତ୍ର ଦେବଦର୍ଶୀ ବିଶ୍ୱମୋହନ ରାଉତଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଥିଲା। ଶବ ସତ୍କାର ପରେ ପିତାର ହୃଦ୍‌ଘାତ ହୋଇଥିଲା। ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତତ୍‌ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସା ସମୟରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କର ଦେହାନ୍ତ ଖବର ପ୍ରଚାରିତ ହେବା ପରେ ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ବିଞ୍ଝାରପୁର ପୂର୍ବତନ ବିଜେପି ସଭାପତି ଥିଲେ। ଖବର ପାଇ ବିଜେପି ସଭାନେତ୍ରୀ ବବିତା ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରଦୀପ ମଲିକ, ପୂର୍ବତନ ଅଧ୍ୟକ୍ଷ ପୁରୁଷୋତ୍ତମ ବେହେରା, ପୂର୍ବତନ ସରପଞ୍ଚ ଧ୍ରୁବଚରଣ ସେଠୀ, ବିଜେପି ନେତା କୁମାର ପାତ୍ର, ଶ୍ରୀଧର ମଲିକ, ଉତ୍କଳ କିଶୋର ସାହୁ, ଦିବାକର ସାହୁ, ରାଧାଶ୍ୟାମ ସାହୁ, କୈଳାସ ମଲିକ, ବିଜୟ ସାମଲ, ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ତାଙ୍କ ଶୋକରେ ଚିକଣା ବଜାର ବନ୍ଦ କରାଯାଇଥିଲା। ପାର୍ଥିବ ଶରୀରକୁ ଗ୍ରାମ ପରିକ୍ରମା କରାଯାଇଥିଲା।

## ପ୍ରେସ୍ କାଉନସିଲ ନାମ ବ୍ୟବହାର ଉପରେ ନିଷେଧାଦେଶ

**ଯାଜପୁର, ୩୦।୫(ସମିସ):** 'ପ୍ରେସ କାଉନସିଲ ଅଫ ଇଣ୍ଡିଆ' ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଏକ ବୈଧାନିକ ସଂସ୍ଥା ହୋଇଥିବାରୁ କୌଣସି ଗଣମାଧ୍ୟମ ସଂସ୍ଥା 'ପ୍ରେସ କାଉନସିଲ' ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ରହିଛି। ଜିଲ୍ଲାରେ କୌଣସି ଗଣମାଧ୍ୟମ ସଂସ୍ଥା କିମ୍ବା ସରକାରୀ ସଂଘ ନିଜ ସଂସ୍ଥାର ନାମ ପଞ୍ଜୀକରଣ ସମୟରେ ପ୍ରେସ କାଉନସିଲ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କେନ୍ଦ୍ର ସରକାରଙ୍କ ଅନୁମତି ବିନା କୌଣସି ସଂସ୍ଥା ପ୍ରେସ୍ କାଉନସିଲ ନାମ ବ୍ୟବହାର କଲେ ଏହା ଆଇନ୍ ଅନୁଯାୟୀ ଗ୍ରହଣୀୟ ନୁହେଁ। ତେଣୁ ଜିଲ୍ଲାର କୌଣସି ସରକାରୀ ସଂଘ ବା ଗଣମାଧ୍ୟମ ସଂସ୍ଥା ନିଜ ନାମରେ ପ୍ରେସ୍ କାଉନସିଲ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ବାଲିଚନ୍ଦ୍ରପୁର, ୩୦।୫(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ପତରାଜପୁର ଗ୍ରାମ ଦଳିତ ସାହିର ଶତ୍ରୁଘ୍ନ ମଲ୍ଲିକଙ୍କ ପତ୍ନୀ ଧର୍ମପ୍ରାଣା ମହିଳା ସଞ୍ଜୁଲତା ମଲ୍ଲିକ (୬୨)ଙ୍କର ତାଙ୍କ ବାସଭବନରେ ଅକାଳ ବିୟୋଗ ଘଟିଛି। ସେ ଗତ କିଛି ଦିନ ହେବ କର୍କଟ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପତରାଜପୁର ପଞ୍ଚାୟତ ସମିତି ସଭ୍ୟ କୁଳମଣି ବାରିକ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ସେକ ରିୟାସତ ଅଲି, ବିଶ୍ୱପ୍ରକାଶ ସାମଲ, ପ୍ରତାପ କୁମାର ନାୟକ, ବସନ୍ତ କୁମାର ସାମଲ, ସାମ୍ବାଦିକ ରାକେଶ କୁମାର ବାରିକ, ପ୍ରଫୁଲ୍ଲ ବେହେରା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ ପୂର୍ବକ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ କରାଯାଇଥିବା ବେଳେ ସାନ ପୁଅ ଅଭିଷେକ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବଡ଼ଚଣା ବିଜେଡି ନେତା କ୍ୟାପ୍‌ଟେନ ରାଜ ନାରାୟଣ ମହାପାତ୍ର, କଂଗ୍ରେସ ନେତା ଅଜୟ କୁମାର ସାମଲ, ଶୁଭେନ୍ଦୁ ମହାନ୍ତି, ବଡ଼ଚଣା ବ୍ଲକ ବିଜେଡି ସଭାପତି ତାପସ ରାୟ, ନିରଞ୍ଜନ ସାମଲ, ପଞ୍ଚାୟତ ବିଜେଡି ସଭାପତି ପ୍ରତାପ ସେନାପତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ପ୍ରାକ୍ତନ ବିଧାୟକ ରବି ଲାବଣ୍ୟଙ୍କ ଜୟନ୍ତୀ



**ଧର୍ମଶାଳା, ୩୦।୫(ସମିସ):** ଧର୍ମଶାଳା ବ୍ଲକ ଜାରକା ଷ୍ଟାଡିୟମ ସଭାଗୃହରେ ପ୍ରାକ୍ତନ ବିଧୟକ ରବି ଲାବଣ୍ୟଙ୍କ ୮୮ତମ ଜନ୍ମଜୟନ୍ତୀ ଆଜି ପାଳିତ ହୋଇଯାଇଛି। ବନ୍ଦେ ଉତ୍କଳ ଜନନୀର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଜୟନ୍ତୀ ସମାରୋହରେ ଆମ ଓଡ଼ିଶାର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ସମାରୋହରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ମୁଖ୍ୟଅତିଥି, ଅନ୍ୟତମ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ଯୋଗଦେଇଥିଲେ। ସମାଜର ପୂର୍ବତନ କାର୍ଯ୍ୟକାରୀ ସମ୍ପାଦକ ସତ୍ୟ ରାୟ ଉତ୍ସବରେ ଅତିଥିଭାବେ ଯୋଗଦେଇ ରବି ଲାବଣ୍ୟ ସେବା, ତ୍ୟାଗ, କରୁଣା ଓ ସ୍ୱାଭିମାନର ପ୍ରତୀକ ଥିଲେ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ରବି ଲାବଣ୍ୟଙ୍କ ପରି ପ୍ରତିଭାବାନ ବ୍ୟକ୍ତିଙ୍କ ଜୀବନୀକୁ ନେଇ ଗବେଷଣା ହେବା ଉଚିତ ବୋଲି କହିଥିଲେ। ଅବସରପ୍ରାପ୍ତ ପୁଲିସ ଅଫିସର ସୂର୍ଯ୍ୟମଣି ତ୍ରିପାଠୀ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ଶିଶିର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସ୍ମରଣିକା 'ସ୍ୱାଭିମାନ'ର ତୃତୀୟ ଭାଗକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ଓଡିଆ ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଓ ଧର୍ମଶାଳା ବାଣୀପୀଠର ଅବସରପ୍ରାପ୍ତ ଶିକ୍ଷକ ମଦନ ମୋହନ କଣ୍ଡଙ୍କୁ ରବି ଲାବଣ୍ୟ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଙ୍ଗତ ହାସ୍ୟ ଅଭିନେତା ଅଜୟ ନାୟକଙ୍କୁ ଅନୁଷ୍ଠାନ ତରଫରୁ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ଅଭିନେତ୍ରୀ ମଧୁମିତା ମହାନ୍ତି ସମାରୋହରେ ଉଦ୍‌ଘୋଷିକା ଭାବେ ଯୋଗଦେଇଥିବା ବେଳେ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିନ୍ଦଲକୁ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର

ଦାନଗଦି, ୩୦।୫(ସମିସ)




ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍‌ର ଯାଜପୁର କାରଖାନା ପୁଣି ଥରେ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ଅର୍ଜନ କରିଛି। ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଏହାକୁ ପ୍ରତିଷ୍ଠିତ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର ପ୍ରଦାନ କରାଯାଇଛି। ଗତକାଲି ମୁମ୍ବାଇରେ ଅନୁଷ୍ଠିତ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ଅନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର ସମ୍ମିଳନୀରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ଯାଜପୁର ପ୍ଲାଣ୍ଟର କର୍ମକ୍ଷେତ୍ର ସୁରକ୍ଷା ପ୍ରତି ଅସାଧାରଣ ସମର୍ପଣ, ଏହାର ପ୍ରଭାବଶାଳୀ ଶୂନ୍ୟ-ଦୁର୍ଘଟଣା ପ୍ରଦର୍ଶନ ଏବଂ ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡ ପାଳନକୁ ମାନ୍ୟତା ପ୍ରଦାନ କରେ। ଏହି ଉତ୍ସବରେ ବ୍ରିଟିଶ ସେଫ୍ଟି ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଜୋନାଥନ ଗ୍ୟାଥ୍ରୋ ଏବଂ ବ୍ରିଟିଶ୍ ସେଫ୍ଟି କାଉନସିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ମାଇକ୍ ରବିନସନଙ୍କ ବ୍ୟତୀତ ପରିଚାଳନା ନିର୍ଦ୍ଦେଶକ ଭାରତ ବ୍ରିଟିଶ୍ ସେଫ୍ଟି କାଉନ୍ସିଲ ହେମନ୍ତ ସେଠୀ ଓ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଏବଂ ଶିଳ୍ପ ସୁରକ୍ଷା କ୍ଷେତ୍ରର ଉଲ୍ଲେଖନୀୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଜିନ୍ଦଲ କମ୍ପାନୀ ପକ୍ଷରୁ ଅଗ୍ନିଶମ ଏବଂ ସୁରକ୍ଷା ମୁଖ୍ୟ ମନୋଜ କୁମାର ବଳ ଏହି ପୁରସ୍କାର ଗ୍ରହଣ କରିଥିଲେ।

ଉଲ୍ଲେଖନୀୟ ଯେ, ଯାଜପୁରର ଜିନ୍ଦଲ ଷ୍ଟେନଲେସ୍ ୨୦୨୪ ମସିହାରେ 'ଶୂନ୍ୟ ଦୁର୍ଘଟଣା' ରେକର୍ଡ ବଜାୟ ରଖିବାର ଗୌରବ ହାସଲ କରିଛି। ଏହି ସଫଳତା ବିଷୟରେ ଯାଜପୁର ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ କହିଛନ୍ତି, 'କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର ହାସଲ କରିବା, ବିଶେଷକରି ୨୦୨୪ ମସିହାରେ 'ଶୂନ୍ୟ ଦୁର୍ଘଟଣା' ରେକର୍ଡ ସହିତ, କେବଳ ଏକ ସମ୍ମାନ ନୁହେଁ; ଏହା ଆମର ଗଭୀର ଭାବରେ ସ୍ଥାପିତ ସୁରକ୍ଷା ସଂସ୍କୃତିକୁ ବୈଧ କରୁଛି।

# ପୂର୍ତ୍ତ ରାସ୍ତାରେ ପଡ଼ି ଆହତ ହେଉଛନ୍ତି ପଥଚାରୀ

**ବାରିକପୁର, ୩୦।୫(ସମିସ)**



ଟେଣ୍ଡର ହୋଇଥିଲେ ସୁଦ୍ଧା ଠିକାଦାର ଚୟନ ହୋଇନଥିବାରୁ ରାସ୍ତା ମରାମତି କାର୍ଯ୍ୟ ବିଳମ୍ବିତ ହେଉଛି। ଫଳରେ ଭଗ୍ନ ରାସ୍ତାରେ ପଡ଼ି ଦୈନିକ ଆହତ ହେଉଛନ୍ତି ପଥଚାରୀ। ସୂଚନା ମୁତାବକ ଭଦ୍ରକ ପୂର୍ତ୍ତ ବିଭାଗ ଅଧୀନରେ ଥିବା ଭଣ୍ଡାରିପୋଖରୀ ୧୬ ନମ୍ବର ଜାତୀୟ ରାଜପଥର ପାଳଦା ବାଙ୍କ ଠାରୁ ପଡୋଶୀ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ରାସ୍ତା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପହଞ୍ଚି ଗଲାଣି। ପାଞ୍ଚ ସାତ ବର୍ଷ ପୂର୍ବରୁ ସମ୍ପୂର୍ଣ୍ଣ ୧୩କିମି ରାସ୍ତାଟି କଂକ୍ରିଟ ନିର୍ମାଣ ହୋଇଥିଲା।ଗତ କିଛି ବର୍ଷ ହେବ ରାସ୍ତାରେ କେଉଁଠି ଫାଟ ସୃଷ୍ଟି ହେଲାଣି ତ ପୁଣି କେଉଁଠି କଂକ୍ରିଟ ଦବି ଗଲାଣି। ବିଶେଷ କରି ରାଢୋ, ମାଳଦା ବଜାର ଓ ପୁରସ୍ତମପୁର ମଧ୍ୟ ସ୍ଥାନ ରହଣିଆ ମାଇନର ନିକଟରେ ରାସ୍ତାର ଦୁଇଭାଗ କଂକ୍ରିଟରୁ ଗୋଟିଏ ପାର୍ଶ୍ୱ ଦୀର୍ଘ ଦିନ ହେବ ଦବି ଯାଇଛି। ଫଳରେ ମୋଟରସାଇକେଲ ଓ ସାଇକେଲ ଆରୋହୀ ମାନେ ଟିକିଏ ଅସାବଧାନତା ହେଲେ ଦୁର୍ଘଟଣାର ଶିକାର ହେଉଛନ୍ତି।ଗତ ଦୁଇ ତିନି ମାସ ମଧ୍ୟରେ ଏଠାରେ ୮ରୁ ୧୦ଗୋଟି ଦୁର୍ଘଟଣା ହୋଇ ସାରିଲାଣି। ଏଥିରେ କାହାର ମୁଣ୍ଡ ଫାଟିଛି ତ ପୁଣି କାହାର ଗୋଡ଼ ହାତ ମଧ୍ୟ ଭାଙ୍ଗିଛି। ଏବେ ବର୍ଷା କାରଣରୁ ମାଳଦା ସମେତ ଅନ୍ୟ ସ୍ଥାନ ଗୁଡିକରେ ମୋଟରସାଇକେଲ ଆରୋହୀ ମାନେ ଅଧିକ ମାତ୍ରାରେ ଦୁର୍ଘଟଣା ର ଶିକାର ହେଉଛନ୍ତି। ଯେଉଁଥିପାଇଁ ରାସ୍ତାର ବିପଦ ସଙ୍କୁଳ ସ୍ଥାନରେ ଲୋକେ ଗଛଡାଳ ପକାଇଥିବା ଦେଖାଯାଇଛି। ଏହାଛଡା କେତୋଟି ସ୍ଥାନରେ ଦୀର୍ଘ ଦିନ ହେବ ପଡ଼ିରହି ଥିବା ଅସମ୍ପୂର୍ଣ୍ଣ ରାସ୍ତା କାର୍ଯ୍ୟ ଏଯାଏଁ ପୂର୍ଣ୍ଣ ହୋଇ ନାହିଁ।ନବୀକରଣ କାର୍ଯ୍ୟ ପରେ ରାସ୍ତାର ପଟାପୋଲ କେନାଲ ଠାରେ ଏକ କ୍ଷୁଦ୍ର ପୋଲ ନିର୍ମାଣ ହୋଇଥିଲା।ପୋଲ ନିର୍ମାଣ ପରେ ଏହାର ଦୁଇ ପାର୍ଶ୍ୱରେ ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇଥିଲେ ସୁଦ୍ଧା ଏଥିରେ ପ୍ରାୟ ୨୦ ଫୁଟ ଅସମ୍ପୂର୍ଣ୍ଣ ରହିଛି। ଫଳରେ ଯାତାୟତ ପାଇଁ ଲୋକେ ନାନାଦି ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରିକି ବର୍ଷା ଯୋଗୁଁ ଏଥିରେ ଏବେ ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତାର ଅନେକ ଅଂଶ ଫାଟି ଦୁଇ ଫାଳ ହୋଇଯିବା କାରଣରୁ ସାଧାରଣ ପଥଚାରୀଙ୍କ ପାଇଁ ଏହା ବିପଦ ଭାବେ ଉଭା ହୋଇଛି। ଏପରିକି ଅନେକ ସ୍ଥାନରେ କଂକ୍ରିଟ ଫାଟି ଦୁଇ ଫାଳ ହୋଇଛି। ରାସ୍ତା ମରାମତି ବାବଦରେ ଭାରପ୍ରାପ୍ତ କନିଷ୍ଠ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ପାଣୀଙ୍କ ମତାମତ ନେବାରୁ ଖୁବ୍ ଶୀଘ୍ର କାମ ଆରମ୍ଭ ହେବ ବୋଲି କହିଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମ୍ପର୍କିତ ସଚେତନତା

**ଧାମନଗର, ୩୦।୫(ସମିସ):** ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ୍ରମେ ଧାମନଗର ଏନ୍ଏସି ଅନ୍ତର୍ଗତ ୧୦ ୱାର୍ଡ ଅଧୀନ ହିନ୍ଦୁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବାସଗୃହ ନିର୍ମାଣ କାର୍ଯ୍ୟକୁ ନେଇ ସଚେତନତା ଶିବିର ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କ ସଞ୍ଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ, କାଉନସିଲର ପ୍ରତିନିଧି ମୀର ମୁରତୁଜା, ଆଇନଜୀବୀ ଅଜିତ କୁମାର ଦାସ, ନାରାୟଣ ଚନ୍ଦ୍ର ରାଉତ, ଚିତ୍ତରଞ୍ଜନ ଜେନା, ସ୍ୱପ୍ନାରାଣୀ ଦାସ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏନ୍ଏସି ଅଞ୍ଚଳର ୧୧ଟି ୱାର୍ଡ ମଧ୍ୟରୁ ଆଜି ସୁଦ୍ଧା ୯ ୱାର୍ଡରେ ସଚେତନତା ଅଭିଯାନ ସରିଥିବା ବେଳେ ଅବାସ ଯୋଜନାରେ ସମସ୍ତେ ଘର ପାଇପାରିବେ ବୋଲି କୁହାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ସଂଯୋଜକ ସୁଶାନ୍ତ କୁମାର ବଳ, ସ୍ୱଚ୍ଛସାଥୀ ରଶ୍ମିତା ଦାସ, ବିଜୟିନୀ ଦାସ, ରାଜେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ୱାର୍ଡ କାଉନସିଲର ପ୍ରତିନିଧି କୃଷ୍ଣଚନ୍ଦ୍ର ଜେନା ଏହି ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ, ଅତିଥି ପରିଚୟ ପ୍ରଦାନ ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାନ୍ଦବାଲି ବିଜେଡିର ନୂତନ ସଭାପତି



**ଭଦ୍ରକ, ୩୦।୫(ସମିସ):** ଚାନ୍ଦବାଲି ଏନ୍ଏସି ବିଜେଡି ସଭାପତି ଭାବେ ଦ୍ୱିଜବର ରାଉତ ଓ ବ୍ଲକ ସଭାପତି ଭାବେ ପୂର୍ବତନ ବ୍ଲକ ସଭାପତି ପ୍ରତାପ ଚନ୍ଦ୍ର ଧଳଙ୍କୁ ପୁନଃ ଦାୟିତ୍ୱ ଦିଆଯାଇଛି। ପ୍ରତାପଙ୍କ ନାମ ବ୍ଲକ ସଭାପତି ଭାବେ ଘୋଷଣା ହେବା ପରେ ବିଜେଡିର ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଜଳେଶ୍ୱର ପଞ୍ଚାୟତର ସରପଞ୍ଚ ପ୍ରଫୁଲ୍ଲ ବେହୁରା, ଅନୀଲ ନାୟକ, ମାଧବାନନ୍ଦ ବେହେରା, ବଳଭଦ୍ର ଲେଙ୍କା, ବିକି ମଣ୍ଡଳ, ବିବେକାନନ୍ଦ ଦୀକ୍ଷିତ, ଅରବିନ୍ଦ ପାଢ଼ୀ, ଜିତେନ୍ଦ୍ର ବିଶ୍ୱାଳ, ଅଜୟ ମାଝୀ, ଟୁନା ଦାସ, ରମେଶ ବିଶ୍ୱାଳ, କୃଷ୍ଣଚନ୍ଦ୍ର ମଲ୍ଲିକ, ପ୍ରଦୀପ ପଲ୍ଲାଇ, ବ୍ରଜ ମଲ୍ଲିକ, ପ୍ରଭାସ ନାୟକ, ଅକ୍ଷୟ ନାୟକ, ବିନୋଦ ଦାସ, ଗିରିଧାରୀ ମହାକୁଡ଼, ଆଶୁତୋଷ ଭୋଇ, ପ୍ରଶାନ୍ତ ମାଝୀ, ରମେଶ ନାୟକ, ବନ ବିହାରୀ ମାଇତି, ମୁକ୍ତିକାନ୍ତ ଖିଲାର, ଅଶୋକ ଜେନା, କୃଷ୍ଣ ଚନ୍ଦ୍ର ମଣ୍ଡଳ, ଅନନ୍ତ ବିଶ୍ୱାଳ, ଶୁକୁମାର ପରିଡ଼ା, କାଳନ୍ଦୀ ସାହୁ, ସୁବାସ ବଳ, ଦୁର୍ଯ୍ୟୋଧନ ରାଉତ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## 'ବିକଶିତ କୃଷି ସଂକଳ୍ପ' ଅଭିଯାନ କାର୍ଯ୍ୟକ୍ରମ



**ଅସୁରାଳି, ୩୦।୫(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ ସ୍ଥିତ କଲ୍ୟାଣୀ ମଣ୍ଡପରେ ଚାଷୀ ମାନଙ୍କ ଉଦ୍ଦେଶ୍ୟରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସ୍ଥାନୀୟ ସରପଞ୍ଚ ଅନ୍ତର୍ଯ୍ୟାମୀ ପତିଙ୍କ ସଭାପତିତ୍ୱରେ ଭଦ୍ରକ ସାଂସଦଙ୍କ ମନୋଜ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ, ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଚତୁର୍ଭୁଜ ନାୟକ, କୃଷି ବୈଜ୍ଞାନିକ କେନ୍ଦ୍ରର ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଦିଜ ବର ସେଠୀ, ଧାମନଗର କୃଷି ଅଧିକାରିଣୀ ଅନୁରାଧା ପଣ୍ଡା, ବ୍ଲକ କୃଷି ସହ ଅଧିକାରୀ ଦେବାଶିଷ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହାଛଡା ଧୂଷୁରି ତଥା ଆଖପାଖ ଗ୍ରାମାଞ୍ଚଳର କୃଷି ଅଧିକାରୀ, ବୁଦ୍ଧିଜୀବୀ ଗଣ, ବହୁ ମହିଳା ପୁରୁଷ ଯୋଗ ଦେଇ ଥିଲେ। ଉକ୍ତ କାର୍ଯ୍ୟକ୍ରମ ରେ ନୂତନ ପ୍ରଯୁକ୍ତି ବିଦ୍ୟା ଓ ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରଦାନ କରା ଯାଇ ବହୁ ଚାଷୀ ମାନଙ୍କ ପଞ୍ଜୀକୃତ କରା ଯାଇଥିଲା। କିପରି ଭାବେ ପ୍ରଯୁକ୍ତି ବିଦ୍ୟାର ବହୁଳ ଭାବେ ବ୍ୟବହାର କରାଯାଇ କୃଷକ ମାନଙ୍କ ମଧ୍ୟରେ ଡିଜିଟାଲ ସାକ୍ଷରତା ପ୍ରଚାର- ପ୍ରସାର କରି ହେବ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆ ଯାଇଥିଲା। କୃଷି ବୈଜ୍ଞାନିକ ଗଣ ମଧ୍ୟ ବହୁ ନୂତନ ପଦ୍ଧତି ଅବଲମ୍ବନ କରି କିପରି ଫସଲକୁ ଆହୁରି ଅମଳକ୍ଷମ କରି ହେବ ସେଥି ନିମନ୍ତେ ବିଭିନ୍ନ ପ୍ରକାରର ପ୍ରଣାଳୀ ବିଷୟରେ ଅବଗତ କରାଇ ଥିଲେ।

## ଆଇନଜୀବୀ ବିମାନ ଚନ୍ଦ୍ର ରାୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଭଦ୍ରକ, ୩୦।୫(ସମିସ):** ଭଦ୍ରକ ଜିଲ୍ଲାର ବରିଷ୍ଠ ଆଇନଜୀବୀ ବିମାନ ଚନ୍ଦ୍ର ରାୟଙ୍କ ମୃତ୍ୟୁ ବାର୍ଷିକ ପାଳନ ଅବସରରେ ତାଙ୍କର ଓ ତାଙ୍କ ପତ୍ନୀ କାନନବାଳା ମହାନ୍ତିଙ୍କ ପ୍ରତିମୂର୍ତ୍ତି ତାଙ୍କ ଭଦ୍ରକ ସହର ଅସ୍ତଳ ସ୍ଥିତ ବାସଭବନ ପରିସରରେ ଉନ୍ମୋଚିତ ହୋଇଛି। ଅଲଇଣ୍ଡିଆ ଲୟର୍ସ ୟୁନିୟନ ରାଜ୍ୟ ସଭାପତି ଲକ୍ଷ୍ମୀଧର ପଙ୍ଗାରୀ, ରାଜ୍ୟ ସମ୍ପାଦକ ଦୀପକ ମହାପାତ୍ର ଓ ଭଦ୍ରକ ପୌରାଧ୍ୟକ୍ଷା ଗୁଲ୍ଲୁମୁକ୍କୀ ଦଲୱାଜି ହବିବ୍ ମିଳିତ ଭାବେ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଭାରତୀୟ ନ୍ୟାୟ ବ୍ୟବସ୍ଥାର ସ୍ୱାଧୀନତା ଓ ନିରପେକ୍ଷତାର ସୁରକ୍ଷା ପାଇଁ ଭଦ୍ରକବାସୀ ଏକ ହୋଇ ଲଢିଲେ ବିମାନ ଚନ୍ଦ୍ର ରାୟଙ୍କ ସ୍ମୃତି ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟଅତିଥି ଶ୍ରୀ ପଙ୍ଗାରୀ ପ୍ରକାଶ କରିଥିଲେ। ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥ ଓ ଯୁବ ଆଇନଜୀବୀ ହେମନ୍ତ ନାୟକଙ୍କ ମିଳିତ ଆବାହାକତ୍ୱରେ ଏହି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଯୁବ ଆଇନଜୀବୀ ବିକାଶ ନାଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇନଜୀବୀ ଅଶୋକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଷ୍ଟେଟ ବାର୍ କାଉନସିଲର ଉପସଭାପତି ରାଜୀବ ମହାନ୍ତି, ଶିକ୍ଷାବିତ ଅଟଳବିହାରୀ ନାୟକ, ଓକିଲ ସଂଘ ସଭାପତି ସନ୍ତୋଷ ଆଚାର୍ଯ୍ୟ, ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ଓକିଲ ସଂଘର ପୂର୍ବତନ ସମ୍ପାଦକ ଦିବ୍ୟସିଂହ ନାୟକ, ପୂର୍ବତନ ସଭାପତି ବିଷ୍ଣୁ ମୋହନ ମହାପାତ୍ର, ବରିଷ୍ଠ ଆଇନଜୀବୀ ରଞ୍ଜନ ନାୟକ, ଶ୍ରୀକାନ୍ତ ତ୍ରିପାଠୀ, ରାଧାନାଥ ଦାସ, ପ୍ରଫୁଲ୍ଲ ପାଢ଼ୀ, ଗଦାଧର ବଳ, ଯାମିନକାନ୍ତ ନାୟକ, ଅଗଣି ଚରଣ ଜେନା, ଯୁବ ଆଇନଜୀବୀ ଉଜ୍ଜ୍ୱଳ ଜେନା, ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଏହି ସ୍ମୃତିଚାରଣ ସଭାରେ ସ୍ୱର୍ଗତ ରାୟଙ୍କ ଜ୍ୟୋଷ୍ଠ କନ୍ୟା ତଥା ନୟାଗଡ଼ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ରିଜା ରାୟଙ୍କ ସମେତ ପୂରା ପରିବାର, ବନ୍ଧୁବାନ୍ଧବ, ଆଇନଜୀବୀ ମହକିଲ ଓ ସାଧାରଣ ଜନତା ଉପସ୍ଥିତ ଥିଲେ।



## ବାଲି ଗାଡ଼ି ଧରପଗଡ଼

**ବାରିକପୁର, ୩୦।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନ ଓ ପରିବହନ ଯଦିଓ ଆପାତତଃ ହ୍ରାସ ପାଇଛି କିନ୍ତୁ ଅପର ପାର୍ଶ୍ୱ ଯାଜପୁର ଜିଲ୍ଲା ପଟୁ ଅହରହ ଲଘୁ ଖଣିଜ ପଦାର୍ଥର ଚୋରା ଚାଲାଣ ଲାଗି ରହିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମୋରମ, ମେଣ୍ଟାଲ, ଚିପ୍ସ ଓ ପଥର ସହିତ ବୈତରଣୀ, ଖରସ୍ରୋତା, ବୁଢା, ବ୍ରାହ୍ମଣୀ ନଦୀରୁ ଦୈନିକ ବାଲି ପରିବହନ ହେଉଛି। ବିଶେଷ କରି କୋରେଇ ତହସିଲ ଅନ୍ତର୍ଗତ ଧନ୍ୱନ୍ତରୀ, ରୁଡିଆ, ଖିର ସରସଦା ପ୍ରମୁଖ ସ୍ଥାନରୁ ଦୈନିକ ଟ୍ରକ ଯୋଗେ ଭଦ୍ରକ ଓ ବାଲେଶ୍ୱରକୁ ବେଆଇନ ଭାବେ ବାଲି ପରିବହନ ହେଉଛି। ଥାନା ପକ୍ଷରୁ ଏହା ଉପରେ ଅହରହ ଚଢ଼ଉ ଜାରି ରହିଥିବା ବେଳେ ପରିବହନ କିନ୍ତୁ କମ୍ୱା ନାଁ ଧରୁ ନାହିଁ। ତେଣୁ ଆଜି ଜିଲ୍ଲା ଖଣି ନଗମ ଅଧିକାରୀ ଓ ପୋଲିସ ପକ୍ଷରୁ ମିଳିତ ଭାବେ ବାଲି ଗାଡି ଧରପଗଡ଼ କରାଯାଇଛି। ଏହି ଚଢାଉ ଅଭିଯାନରେ ସନ୍ଧ୍ୟା ସୁଦ୍ଧା ପାଞ୍ଚ ଗୋଟି ବାଲି ଟ୍ରକ୍ ଜବତ ହୋଇଥିବା ସୂଚନା ମିଳିଛି। ସରକାର ନଦୀ ଘାଟ ଗୁଡ଼ିକୁ ନିଲାମ କରୁନଥିବା ବେଳେ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ବାଲିର ଢେର ଆବଶ୍ୟକତା ରହିଛି। ଏପରିକି ଘରୋଇ ଭାବେ ଗୃହ ନିର୍ମାଣ ପାଇଁ ମଧ୍ୟ ପ୍ରଚୁର ବାଲିର ଆବଶ୍ୟକ ରହିଛି। ତେଣୁ ଲୋକ ମାନଙ୍କ ଆବଶ୍ୟକତା ଅନୁଯାୟୀ ବାଲି ପରିବହନ ହେଉଥିବା ବେଳେ ପ୍ରଶାସନିକ ଧରପଗଡ଼କୁ ନେଇ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି।

## ମନ୍ଦିର ଭଣ୍ଡାର ଘରୁ ଚୋରି

**ଅସୁରାଳି, ୩୦।୫(ସମିସ):** ରଇପୁର ସ୍ଥିତ ମା' ଜାଗୁଳାଇ ମନ୍ଦିରର ଭଣ୍ଡାର ଘରୁ ଚୋରି ହୋଇଯାଇଅଛି। ସୂଚନା ଅନୁଯାୟୀ ମଧ୍ୟ ରାତ୍ରିରେ ଦୁର୍ବୃତ୍ତ ମାନେ ଆସି ଭଣ୍ଡାର ଘର ଭାଙ୍ଗି ହଜାର ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଯାଇଅଛି। ସକାଳୁ ସ୍ଥାନୀୟ ବାସିନ୍ଦା ଆସି ଦେଖିବାରୁ ଭଣ୍ଡାର ଘର ଚାବି ଭଙ୍ଗା ପଡ଼ି ଥିଲା। ଚୋରି ହୋଇଥିବା ସାମଗ୍ରୀ ର ମୂଲ୍ୟ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ପିତଳ ତସଲା, ହଣ୍ଡା, ଘଣ୍ଟି, ମାଇକ ସେଟ୍, ମେସିନ ପ୍ରମୁଖ। ମନ୍ଦିର ସମ୍ପାଦକ ବିଜୟ ଖଟୁଆ ଏହି ପରିପ୍ରେକ୍ଷୀରେ ଧୂଷୁରୀ ଥାନାରେ ଏତଲା ଦେଇଥିଲେ। ।ନାଧିକାରୀ ଅଜୟ ସୁଦର୍ଶନ ବାଗେ କେସ ନମ୍ବର ୨୫୪/୨୫ ରୁଜୁ କରି ମାମଲାର ତନାଘନା ଜାରି ରଖିଛନ୍ତି। ଖୁବ୍ ଶୀଘ୍ର ଚୋରି ହୋଇଥିବା ସାମଗ୍ରୀକୁ ଫେରାଇ ଆଣିବା ସହ ଦୋଷୀ କୁ ଉପଯୁକ୍ତ ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହିପରି ଭାବେ ବାରମ୍ବାର ଚୋରି ବଢୁଥିବାରୁ ରାତ୍ରି ପେଟ୍ରୋଲିଂ ପାଇଁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା।

## ଜଗନ୍ନାଥ ଖଟୁଆଙ୍କ ପୁସ୍ତକ 'ଓଡ଼ିଶାର ବିକାଶ ଓ ଓଡ଼ିଆ ସମ୍ବାଦପତ୍ର' ଲୋକାର୍ପିତ



**ଭୁବନେଶ୍ୱର, ୩୦।୫(ସମିସ):** ସମ୍ବାଦପତ୍ରରେ ସମସାମୟିକ ସମାଜର ବାର୍ତ୍ତାମୁଖୀ ଚିତ୍ର ଆଙ୍କି ହୋଇଯାଇଥାଏ। ସମ୍ବାଦପତ୍ର ହିଁ ବାସ୍ତବରେ ଗୋଟିଏ ଜାତିର ଭାଗ୍ୟ ନିର୍ମାତା। ଶୁକ୍ରବାର ଭୁବନେଶ୍ୱର ୬ ନମ୍ବରସ୍ଥିତ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ସରକାରୀ ବାସଭବନରେ ସାମ୍ବାଦିକ ଡ. ଜଗନ୍ନାଥ ଖଟୁଆଙ୍କ ରଚିତ ଏବଂ ଓଡ଼ିଶା ବୁକ୍ ଏମ୍ପୋରିୟମ ଦ୍ୱାରା ପ୍ରକାଶିତ ଗବେଷଣାତକ ପୁସ୍ତକ 'ଓଡ଼ିଶାର ବିକାଶ ଓ ଓଡ଼ିଆ ସମ୍ବାଦପତ୍ର' ଲୋକାର୍ପିତ ଉତ୍ସବରେ ମତପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସୁସାହିତ୍ୟିକ ଡ. ବୈଷ୍ଣବ ଚରଣ ସାମଲ, ଅଧ୍ୟାପକ ଡ. ଶିବପ୍ରସାଦ ଦଳେଇ, ସାମ୍ବାଦିକ ଡ. ମାଧବ ବେହୁରା ଯୋଗଦେଇଥିଲେ। ସ୍ୱାଧୀନତା ପୂର୍ବର ଓଡ଼ିଶା ଏବଂ ସ୍ୱାଧୀନତା ପରର ଓଡ଼ିଶାର ଚିତ୍ର ତଥା ରାଜ୍ୟର ବିକାଶ କ୍ଷେତ୍ରରେ ସମ୍ବାଦ ପତ୍ରର ଯେଉଁ ଗୁରୁଦାୟିତ୍ୱ ରହିଛି ତାହାର ଛବି ଏହି ପୁସ୍ତକରେ ସ୍ଥାନିତ ହୋଇଛି। ପୁସ୍ତକର ସମୀକ୍ଷା କରି ଡ. ସାମଲ ସାମ୍ବାଦିକଙ୍କ ଧର୍ମ ଏବଂ କର୍ମ ସମ୍ପର୍କରେ ଆଲୋଚନା କରିଥିଲେ। ସାମ୍ବାଦିକ ଡ. ମାଧବ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଖଟୁଆଙ୍କ ଘର ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ପଦ୍ମପୋଖରୀ ଗ୍ରାମରେ ହୋଇଥିବାବେଳେ ସେ ଏବେ ଦୈନିକ 'ସମାଜ' ବାଲେଶ୍ୱର ସଂସ୍କରଣରେ ସହ ସମ୍ପାଦକ ଭାବରେ କାର୍ଯ୍ୟରତ।

## କୃଷକ ପରାମର୍ଶ କର୍ମଶାଳା



**ବାରିକପୁର, ୩୦।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ହାଇସ୍କୁଲ ପରିସରରେ ବିକଶିତ କୃଷି ସଂକଳ୍ପ ଯୋଜନା ଆନୁକୂଲ୍ୟରେ କୃଷକ ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରିଣୀ ସୁଦୀପ୍ତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଞ୍ଜନ ପରିଡ଼ା, ସମ୍ମାନିତ ଅତିଥି ଭାବେ ମତ୍ସ୍ୟ ବିଭାଗ ବିଶେଷଜ୍ଞ ଡ. ବିଶ୍ୱରଞ୍ଜନ ସାମନ୍ତରାୟ, କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ ଅଧିକାରିଣୀ ଡ. ତାନିଆ ସେଟ, ମଣ୍ଟୁ ଚୌଧୁରୀ, ଉଦ୍ୟାନକୃଷି ଅଧିକାରି କଲ୍ୟାଣ ପାଣିଗ୍ରାହୀ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଲକ୍ଷ୍ମୀକାନ୍ତ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଧୁନିକ ଚାଷ ପ୍ରଣାଳୀ ସମ୍ପର୍କରେ ଶିବିରରେ ଚାଷୀ ମାନଙ୍କୁ ଅଧିକାରୀ ମାନେ ବିଭିନ୍ନ ପରାମର୍ଶ ଦେଇଥିଲେ। ସହକାରୀ କୃଷି ଅଧିକାରୀ ସଞ୍ଜୀବ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରକୁ ଗ୍ରାମ୍ୟ କୃଷି କର୍ମଚାରୀ ନିରୂପମା ନାୟକ, ଗୀତାଞ୍ଜଳି ପତି, ଶିବ ନାରାୟଣ ପାଣି, ଆଶିଷ ରାଉତ, ମମତାମଞ୍ଜରୀ ସେଠୀ, ସ୍ମୃତି ରଞ୍ଜନ ରାଉତ, ପ୍ରମୋଦ ନାୟକ, ମାନସ ଜେନା, ଅବିନାଶ ଜେନା, ତାରିଣୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇଥିଲେ।

## ସମାଜସେବୀ କାଶୀନାଥ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧୋତ୍ସବ

**ଦୋବଲ, ୩୦।୫(ସମିସ):** ଦୋବଲ ନିକଟସ୍ଥ ଆନନ୍ଦପୁର ପଞ୍ଚାୟତର ସମାଜସେବୀ କାଶୀନାଥ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ କାଶିଆ ଛକରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ କରା ଯାଇଥିଲା। ପରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ନାରାୟଣ ଦାସଙ୍କ ସଭାପତିତ୍ୱରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲାପରିଷଦ ପ୍ରତିନିଧି ପ୍ରତାପ ସାମଲ, ପୂର୍ବତନ ସରପଞ୍ଚ ବିଜୟ ଦାସ, ଶରତ ଚନ୍ଦ୍ର ମାଝୀ, ଶିକ୍ଷାବିତ ବୃନ୍ଦାବନ ମହାନ୍ତି, ତ୍ରିଲୋଚନ ମହାନ୍ତି, ବିଶ୍ୱନାଥ ମିଶ୍ର, ଗୋପାଳ ବେହେରା, ହିମାଂଶୁ ଦାସ, ରମେଶ ପତି, ସଞ୍ଜୟ ମିଶ୍ର, ବିଜୁ ଯୁବ ଜନତା ଦଳର ବ୍ଲକ ସଭାପତି ଭାରତ ବିଜୟ ଦଳାଇ, ସମବାୟ ସଭାପତି ସନ୍ଦୀପ ସ୍ୱାଇଁ ସମେତ ପ୍ରମୁଖ ବ୍ୟକ୍ତି ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ ସ୍ମୃତି ସଂସଦ ପକ୍ଷରୁ ଚାରା ରୋପଣ ଓ ସ୍ଥାନୀୟ ଅତିଥିଙ୍କୁ ଆମ୍ବ ଚାରା ବଣ୍ଟନ କରାଯାଇଥିଲା।

## ବିପଦ ସୃଷ୍ଟି କରୁଛି ଶୁଖିଲା ଗଛ ଡାଳ



**ବନ୍ତ/ଆଗରପଡ଼ା, ୩୦।୫(ସମିସ):** ଆଗରପଡ଼ା ଠାରୁ ବରପଦା ମଧ୍ୟରେ ଥିବା ବିଭିନ୍ନ ବଜାର ଅଞ୍ଚଳ ଯଥା ଆଗରପଡ଼ା, ଶେଉଳଗଡ଼ିଆ, ଜାମବଣି ଓ କାଦବରାଙ୍ଗରେ ଥିବା ପୁରୁଣା ଶୁଖିଲା ଗଛ ଡାଳ ଝୁଲି ରହିବା ଫଳରେ ଲୋକେ ଭୟଭୀତ ଅବସ୍ଥାରେ ଚଳପ୍ରଚଳ କରୁଛନ୍ତି। ସାମାନ୍ୟ ପବନ ହେଲେ ଏହି ଶୁଖିଲା ଡାଳ ଖସି ପଡ଼ି ଲୋକେ ଖଣ୍ଡିଆଖାବରା ହେବାସହ ଯାଆଆସ କରୁଥିବା ଯାନବାହାନ ନଷ୍ଟ ହେଉଛି। ଏହିପରି ଘଟଣାର ଅନେକ ନଜିର ରହିଛି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଜିଯାଏ ଏହାର କୌଣସି ପ୍ରତିକାର କରାଯାଇପାରିନାହିଁ। ବିଭିନ୍ନ ସ୍ଥାନକୁ ଯିବା ପାଇଁ ଉକ୍ତ ଛକ ଅଞ୍ଚଳରେ ବହୁ ଲୋକଙ୍କ ସମାଗମ ହୋଇଥାଏ। ତେଣୁ କୌଣସି ବଡ଼ ବିପଦ ଘଟିବା ପୂର୍ବରୁ ଶୁଖିଲା ଗଛ ଡାଳ ପରିଷ୍କାର କରିବାକୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବିକଶିତ କୃଷି ସଂକଳ୍ପ ଅଭିଯାନ

**ବନ୍ତ/ଆଗରପଡ଼ା, ୩୦।୫(ସମିସ):** ଆଗରପଡ଼ା ନିକଟସ୍ଥ ଆଡ଼ିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭଦ୍ରକ, ରାଣୀତାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ସଞ୍ଜୟ ମହାନ୍ତି, ଭୁବନେଶ୍ୱରସ୍ଥିତ ସିଆଇଡବ୍ଲ୍ୟୁଏ ବୈଜ୍ଞାନିକ ତନୁଜା ସୋମାରଞ୍ଜନ, ବନ ବିଜ୍ଞାନୀ ଡଃ ଗୟାଧର ଶିଅଳ, ବିଡିଓ ସୀତାକାନ୍ତ ରାଉତ, ବନ୍ତ ବିଏଓ ତୁଷାରକାନ୍ତ ପତି, ଏଓ ବଳଭଦ୍ର ବାଦ୍ରା, ଏଏଓ ସୁପ୍ରିୟା ମୁଦୁଲି, ଏଏଇଚଓ ପାୟଲ ଚୌଧୁରୀ, ଏଏଫ୍ଓ ଗୀତାଞ୍ଜଳି ବେହେରା, ସରପଞ୍ଚ ମୀନା କୁମାରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଶିବଶଙ୍କର ମୁର୍ମୁ, ତପନ ସେଠୀ, ବିମ୍ବାଧର ସେଠୀ, ଦୀପ୍ତି ରଞ୍ଜନ ନାୟକ, ଚିନ୍ମୟୀ ଜେନା, ରଶ୍ମୀରଞ୍ଜନ ଜେନା, ମନ୍ଦାକିନୀ ସେଠୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସେଠୀ, ନୀଳକଣ୍ଠ ବାରିକ, ସୁଭାଷ ଦାଶ ପ୍ରମୁଖ କୃଷି କର୍ମଚାରୀ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥିଲେ।


### ସୂଚନା ଅଧିକାର ଆଇନକୁ ବେଖାତିର

## ଅର୍ଥ ଦଣ୍ଡରେ ଦଣ୍ଡିତ ହେଲେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ

**ଭଦ୍ରକ, ୩୦।୫(ସମିସ)**

ସୂଚନା ଅଧିକାର ଆଇନକୁ ବେଖାତିର କରି ତତ୍କାଳୀନ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ବର୍ତ୍ତମାନ ସୁନ୍ଦରଗଡ଼ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀଙ୍କୁ ରାଜ୍ୟ ସୂଚନା ଆୟୋଗ ଅର୍ଥ ଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ; ଗତ ୨୦୨୧ ମାର୍ଚ୍ଚ ୨୫ ତାରିଖରେ ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜନ ସୂଚନା ଅଧିକାରୀଙ୍କୁ ସୂଚନା ଅଧିକାର କର୍ମୀ ବିକାଶ ଧଳ ବ୍ଲକର କିଛି ତଥ୍ୟ ମାଗିଥିଲେ। କିନ୍ତୁ ଜନ ସୂଚନା ଅଧିକାରୀ ସମୟସୀମା ମଧ୍ୟରେ ତଥ୍ୟ ପ୍ରଦାନ ନ କରିବାରୁ ଶ୍ରୀ ଧଳ ୨୦୨୧ ଜୁନ ମାସ ୨୩ ତାରିଖରେ ପ୍ରଥମ ଅପିଲ କରିଥିଲେ। ପ୍ରଥମ ଅପିଲରେ ମଧ୍ୟ ତାଙ୍କୁ ତଥ୍ୟ ପ୍ରଦାନ କରାନଯିବାରୁ ସେ ରାଜ୍ୟ ସୂଚନା ଆୟୋଗଙ୍କ ଠାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଗ୍ରହଣ କରି ୨୦୨୫ ଏପ୍ରିଲ ମାସ ୪ ତାରିଖରେ ରାଜ୍ୟ ସୂଚନା ଆୟୋଗ ଏକ ରାୟ ପ୍ରକାଶ କରିଥିଲେ ସେଥିରେ ସେ ବ୍ଲକ ଜନ ସୂଚନା ଅଧିକାରୀଙ୍କୁ ଆୟୋଗଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ତାରିଖରେ ଉପସ୍ଥିତ ରହି ନିଜ ପକ୍ଷ ରଖିବାକୁ କହିଥିଲେ। ଏବଂ ପରବର୍ତ୍ତୀ ସମୟରେ ଜିଲ୍ଲାପାଳ ଭଦ୍ରକଙ୍କ ମାଧ୍ୟମରେ ବିଡିଓ, ଚାନ୍ଦବାଲିଙ୍କୁ ନିଜେ ଉପସ୍ଥିତ ରହି ନିଜ ପକ୍ଷ ରଖିବା ସହ ଯେହେତୁ ଅଧିକାରୀ ସୂଚନା ଅଧିକାର ଆଇନକୁ ଅବମାନନା କରିଛନ୍ତି ତେଣୁ କାହିଁକି ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନାହିଁ ତାର କାରଣ ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଗତ ୯ ତାରିଖରେ ସୂଚନା ଆୟୋଗଙ୍କ ତରଫରୁ ପ୍ରକାଶ ପାଇଥିବା ଆଦେଶ ଅନୁସାରେ ଏପ୍ରିଲ ମାସ ୪ ତାରିଖରେ ଦିଆଯାଇଥିବା ନିର୍ଦ୍ଦେଶକୁ ତତ୍କାଳୀନ ଚାନ୍ଦବାଲି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତଥା ଜନ ସୂଚନା ଅଧିକାରୀ ଓ ବର୍ତମାନ ସୁନ୍ଦରଗଡ଼ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ବିବେକାନନ୍ଦ ମହାନ୍ତି ଅବମାନନା କରିଥିବାରୁ ତାଙ୍କୁ ୫ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିବା ସହ ଆଦେଶ ପାଇବାର ୩୦ଦିନ ମଧ୍ୟରେ ଉକ୍ତ ଅର୍ଥ ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ସମ୍ପାଦକୀୟ



ମାନବ ବିକାଶ ଲକ୍ଷ୍ୟରେ ସାମର୍ଥ୍ୟ ନିବେଶ ବିନା ଅର୍ଥନୈତିକ ଅଭିବୃଦ୍ଧି ଦୀର୍ଘସ୍ଥାୟୀ ଓ ନୀତିଗତ ହୋଇପାରେନାହିଁ।
-ଅମର୍ତ୍ତ୍ୟ ସେନ୍

ସକାଳ
THE SAKALA

## ଟ୍ରମ୍ପଙ୍କୁ ପାନେ

କ୍ଷମତା ସହ ରାଜନୈତିକ ଆଦର୍ଶ, ନୀତି ଓ ବିଚାରବୋଧର କୌଣସି ସମ୍ପର୍କ ନାହିଁ। କାରଣ ଆର୍ଥିକ ଶକ୍ତି ଓ ସାମର୍ଥ୍ୟ ମାଧ୍ୟମରେ ପ୍ରତିଷ୍ଠା ଓ ପ୍ରଭୁତ୍ୱ ଜାହିର କରିବା ଏକ ଗ୍ରହଣଯୋଗ୍ୟ ବ୍ୟବସ୍ଥାରେ ପରିଣତ ହୋଇଛି। ତେଣୁ ଯୁଦ୍ଧମୁକ୍ତ ବିଶ୍ୱ ସମ୍ଭାବନା କ୍ରମେ ଊଣା ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ ନିଜେ ପ୍ରତ୍ୟକ୍ଷ ସମ୍ପୃକ୍ତ ହେବା ଅପେକ୍ଷା ଅନୁଗତଙ୍କୁ ଲଢ଼େଇ ଦେଇ ଯୁଦ୍ଧାସ୍ତ୍ରର ବେପାର ସକାଶେ କ୍ଷେତ୍ର ପ୍ରସ୍ତୁତ କରିବା ହେଉଛି ପ୍ରଚଳିତ ବାଣିଜ୍ୟ ନୀତିର ଅଂଶବିଶେଷ। ଆର୍ଥିକ ଦୃଷ୍ଟିରୁ ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଆମେରିକା ଓ ଚୀନ ପରସ୍ପରର ପ୍ରତିଯୋଗୀ ହେଲେ ମଧ୍ୟ ପ୍ରତ୍ୟକ୍ଷ ଭାବେ ଯୁଦ୍ଧ ଲଢୁନାହାନ୍ତି। ଅଥଚ ସେମାନଙ୍କ ଅସ୍ତ୍ରଶସ୍ତ୍ର ବେପାର ବଢ଼ି ଚାଲିଛି। ଅନ୍ୟପକ୍ଷରେ ଆର୍ଥିକ ଶକ୍ତି, ସାମର୍ଥ୍ୟ ଓ ସମୃଦ୍ଧି ହାସଲ ସକାଶେ ଯେଉଁ ରାଷ୍ଟ୍ର ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଛନ୍ତି ସେମାନଙ୍କ ଅତିକ୍ରମଣ ଓ ଅଗ୍ରଗତିକୁ ବାଧା ଦେବାକୁ ଏହି ଦୁଇରାଷ୍ଟ୍ର ତତ୍ପର। ଏମାନଙ୍କ ବିଚିତ୍ର ଭୂମିକାକୁ ଦେଖିଲେ ମନେହୁଏ, ଉଭୟ ଭୂତ ଓ ଗୁଣିଆ ହୋଇ ଅନ୍ୟମାନଙ୍କ ଅଗ୍ରସରକୁ ଗତିରୋଧ କରୁଛନ୍ତି। ଟ୍ରମ୍ପଙ୍କ କର୍ପୋରେଟ ସହଯୋଗୀ ଏଲନ ମସ୍କ ନୂଆ ପ୍ରଶାସନିକ ବ୍ୟବସ୍ଥାରେ ସବୁଠାରୁ କ୍ଷମତା ସମ୍ପନ୍ନ ଥିଲେ। ଏପରିକି ଟାରିଫ ଯୁଦ୍ଧରେ ସମସ୍ତଙ୍କୁ ନାଲିଆଖି ଦେଖାଇ ନିଜ ଫାଇଦା ହାସଲ କରିଚାଲିଥିଲେ। ସରକାରୀ ଦକ୍ଷତା ବିଭାଗ ଦାୟିତ୍ୱରେ ରହି ସେ ଏପରି କିଛି କାମକଲେ, ଯାହା ତାଙ୍କୁ ସାଧାରଣରେ ନିନ୍ଦିତ କଲା। କ୍ଷମତା ଓ ବେପାର ଏକାସାଙ୍ଗେ ଚାଲେନି। ଏକଥା ବୁଝିବାକୁ ତାଙ୍କୁ ୪ମାସ ଲାଗିଗଲା। ଶେଷରେ ସେ ଦେଇଥିବା ଇସ୍ତଫା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ ଟ୍ରମ୍ପ ବାଣିଜ୍ୟଯୁଦ୍ଧ ମାଧ୍ୟମରେ ସମସ୍ତଙ୍କୁ ନାଲିଆଖି ଦେଖାଉଥିବା ବେଳେ ଚୀନ ଆର୍ଥିକ ଦୃଷ୍ଟିରୁ ଦୁର୍ବଳରାଷ୍ଟ୍ରଙ୍କୁ ଆର୍ଥିକ ସହାୟତା ଯୋଗାଇ ଶୋଷଣ କରିଚାଲିଛି। ଏହି ବିଚିତ୍ର ପରିସ୍ଥିତିରେ ଭାରତ – ପାକିସ୍ତାନ ଯୁଦ୍ଧ ବିରତି ସ୍ୱତନ୍ତ୍ର ଆଲୋଚନା ଦାବି କରେ।

ବାଣିଜ୍ୟ ସମ୍ପର୍କ ଛିନ୍ନ କରିବାର ନାଲି ଆଖି ଦେଖାଇ ଉଭୟ ଭାରତ ଓ ପାକିସ୍ତାକୁ ଯୁଦ୍ଧ ବିରତି ସକାଶେ ରାଜି କରାଇଛନ୍ତି ବୋଲି ଟ୍ରମ୍ପ ଯେଉଁ ଦାବି କରିଛନ୍ତି ତାହା ଆମେରିକାର ଆନ୍ତର୍ଜାତିକ ବାଣିଜ୍ୟ ଅଦାଲତ କ୍ଷମତା ବହିର୍ଭୂତ କାର୍ଯ୍ୟ ବୋଲି ଦର୍ଶାଇଛନ୍ତି। ଏହା ସଂଘୀୟ ସାମ୍ବିଧାନିକ ବ୍ୟବସ୍ଥାର ଅତିକ୍ରମଣ ବୋଲି ଦିଆଯାଇଥିବା ମନ୍ତବ୍ୟକୁ ଉଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିବା ବ୍ୟତୀତ ଟ୍ରମ୍ପ ପ୍ରଶାସନ ପାଖରେ ଅନ୍ୟ କୌଣସି ପନ୍ଥା ନଥିଲା। ତାହା ହିଁ ଟ୍ରମ୍ପଙ୍କ ପକ୍ଷରୁ କରାଯାଇଛି ଏବଂ ସାମୟିକ ଆଶ୍ୱସ୍ତି ମିଳିଛି। ଆନ୍ତର୍ଜାତିକ ବାଣିଜ୍ୟ ଅଦାଲତଙ୍କ ନିର୍ଦ୍ଦେଶ ଉପରେ ୟୁଏସ୍ କୋର୍ଟ ଅଫ୍ ଆପିଲ୍ ରହିତାଦେଶ ଜାରି କରିଛନ୍ତି। ଅର୍ଥାତ୍ ଟ୍ରମ୍ପଙ୍କ ତାରିଫ୍ ନୀତି ବଳବତ୍ତର ରହିବ। ଅଦାଲତରେ ଟ୍ରମ୍ପଙ୍କ ଶାସନତନ୍ତ୍ର ମିଳିତ ଭାବେ ଏହି ପଦକ୍ଷମତାକୁ ଜାହିର କରୁଥିବା ବେଳେ ଆମପକ୍ଷରୁ ଯେଉଁ ଢଙ୍ଗରେ ଖଣ୍ଡନ କରାଯିବା କଥା ତାହା ଏ ପର୍ଯ୍ୟନ୍ତ ହୋଇନି। କେବଳ ବୈଦେଶିକ ସଚିବ ବିକ୍ରମ ମିଶ୍ରି ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ ଦୁଇ ରାଷ୍ଟ୍ରର ଡିଜିଏମ୍ଓ ସ୍ତରରେ ଯୁଦ୍ଧ ବିରତି ପ୍ରସ୍ତାବ ସ୍ଥିରୀକୃତ ହୋଇଛି। ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିରବତାକୁ ସମାଲୋଚନା କରାଯାଉଥିବା ବେଳେ ଆମକୁ ଏଠାରେ କିନ୍ତୁ କହିବାକୁ ପଡ଼ିବ ଯେ ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥକୁ ପରାହତ କରିବା ଭଳି କିଛି ଉଚ୍ଚାରଣରୁ ନିବୃତ୍ତ ରହିବା ହେଉଛି ଜଣେ ଦୂରଦୃଷ୍ଟି ସଂପନ୍ନ ନେତାଙ୍କ କର୍ତ୍ତବ୍ୟ। ହୋଇପାରେ ଭାରତ ଓ ପାକିସ୍ତାନ ପ୍ରସଙ୍ଗରେ ତୃତୀୟ ରାଷ୍ଟ୍ର ହସ୍ତକ୍ଷେପ ବା ମଧ୍ୟସ୍ଥତାର ସୁଯୋଗ ନାହିଁ। ଏ ଦିଗରେ ସିମ୍ଲା ରାଜିନାମାର କଟକଣା ଆନ୍ତର୍ଜାତିକ ସ୍ତରରେ ସ୍ୱୀକୃତି ହାସଲ କରିଥିଲେ ମଧ୍ୟ ଟ୍ରମ୍ପଙ୍କୁ ଉତ୍ତର ଦେବା ସକାଶେ ସଠିକ୍ ସମୟ ଉପୁଜି ନାହିଁ।

ଭାରତ ଓ ପାକିସ୍ତାନ ମଧ୍ୟରେ ଏହା ଥିଲା ଅଘୋଷିତ ଯୁଦ୍ଧ। ଅଣୁଅସ୍ତ୍ର କ୍ଷମତାସଂପନ୍ନ ଦୁଇରାଷ୍ଟ୍ର ମଧ୍ୟରେ ପୂର୍ଣ୍ଣକାଳୀନ ଯୁଦ୍ଧ ହେଲେ ଲକ୍ଷ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟିବାର ଆଶଙ୍କା ଥିବାରୁ ଟ୍ରମ୍ପ ହସ୍ତକ୍ଷେପ କରିବାକୁ ବାଧ୍ୟ ହୋଇଥିଲେ ବୋଲି ଶାସନତନ୍ତ୍ର ପକ୍ଷରୁ ଅଦାଲତରେ ଦର୍ଶାଇଥିଲା। ଏକଥା ସତ ଯେ ଟ୍ରମ୍ପଙ୍କ ବାଣିଜ୍ୟ ଯୁଦ୍ଧ କେବଳ ଭାରତ ଓ ପାକିସ୍ତାନ ପ୍ରସଙ୍ଗରେ ସୀମିତ ନଥିଲା। ସେ ଜାନୁଆରୀରେ କ୍ଷମତାସୀନ ହେବା ମାତ୍ରେ ଚୀନ୍, ମେକ୍ସିକୋ ଓ କାନାଡ଼ା ବିରୋଧରେ ଏକତରଫା ଅତିରିକ୍ତ ତାରିଫ୍ ଲାଗୁ କରିଥିଲେ। ଆନ୍ତର୍ଜାତିକ ବାଣିଜ୍ୟ ଅଦାଲତରେ ଦର୍ଶାଯାଇଛି ଯେ ୧୯୭୭ରେ ଆନ୍ତର୍ଜାତିକ ଜରୁରୀ ଅର୍ଥନୀତି କ୍ଷମତା ଆଇନ(ଆଇପା)ର ଏ କ୍ଷେତ୍ରରେ ଦୁରୁପଯୋଗ କରିଛନ୍ତି ଟ୍ରମ୍ପ। ରାଷ୍ଟ୍ରପତିଙ୍କ ଏକତରଫା ତାରିଫ ଲାଗୁ କରିବାର କ୍ଷମତା ନାହିଁ। ଅତୀତରେ ରାଷ୍ଟ୍ରପତି ଜନ୍‌ସନ ମଧ୍ୟ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ଆମେରିକାର କଂଗ୍ରେସ ସହମତିରେ ରାଷ୍ଟ୍ରପତି ଏଦିଗରେ କିଛି ପଦକ୍ଷେପ ଗ୍ରହଣ କରିପାରିବେ। ବିଶ୍ୱ ଅର୍ଥନୀତି ଉପରେ ଟ୍ରମ୍ପଙ୍କ ଏହି ଅନମନୀୟ ଆଚରଣ ପ୍ରତିକୂଳ ପ୍ରଭାବ ପକାଇଛି। ଏହା ଆମେରିକା ସାଂବିଧାନିକ ବ୍ୟବସ୍ଥାର ପରିପନ୍ଥୀ। ଏକଥା ମଧ୍ୟ ଦର୍ଶାଯାଇଛି ଯେ ଟ୍ରମ୍ପଙ୍କ ଚାପ ଯୋଗୁଁ ଚୀନ ଆପୋସ ଆଲୋଚନା ସ୍ତରକୁ ଓହ୍ଲାଇବାକୁ ବାଧ୍ୟ ହେଇଛି। ତେବେ ତାରିଫ ଆତଙ୍କରାଜ ସୃଷ୍ଟି ଯେ ଗ୍ରହଣୀୟ ନୁହେଁ ତାହା ଆନ୍ତର୍ଜାତିକ ବାଣିଜ୍ୟ ଅଦାଲତ ମତାମତରୁ ସ୍ପଷ୍ଟ ହୋଇଛି। ଏ ନେଇ ଟ୍ରମ୍ପ ପ୍ରଶାସନ ସଂଘୀୟ ଅଦାଲତରେ ଯେଉଁ ପ୍ରତିକୂଳ ରାୟର ସମ୍ମୁଖୀନ ହୋଇଛନ୍ତି ତାହା ବିରୋଧରେ ଉଚ୍ଚ ଅଦାଲତରେ ଆବେଦନ କରି ସାମୟିକ ଆଶ୍ୱସ୍ତି ଲାଭ କରିଛନ୍ତି।

ଘଟଣାକ୍ରମର ଗତି ଓ ପ୍ରକୃତି ଯେଉଁ ଦିଗକୁ ଯାଉଛି ତାହାକୁ ବିଶ୍ଳେଷଣ କଲେ ମନେ ହୁଏ କିଛି ନା କିଛି ରହସ୍ୟ ରହିଯାଇଛି, ଯାହା ଏପର୍ଯ୍ୟନ୍ତ ଉନ୍ମୋଚନ ହୋଇପାରିନାହିଁ। ଭାରତ ପକ୍ଷରୁ ଦିଆଯାଇଥବା ସ୍ପଷ୍ଟୀକରଣର ବିଶ୍ୱସନୀୟତା ନେଇ ବିଭିନ୍ନ ମହଲରେ ସନ୍ଦେହ ଉଙ୍କିମାରିଛି। ଉଭୟ ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀଙ୍କ ଭୂମିକା ଅସ୍ପଷ୍ଟ। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ 'ଅପରେସନ ସିନ୍ଦୂର'ର ସଫଳତାରେ ସମଗ୍ର ଦେଶବାସୀଙ୍କୁ ସିନ୍ଦୂରିମା କରିପକାଇଲେଣି। ଏକଥା ସତ ଯେ ଉଭୟ ପକ୍ଷର ସ୍ୱାର୍ଥ ଦୃଷ୍ଟିରୁ ଯୁଦ୍ଧ ବିରତିର ଆବଶ୍ୟକତା ଥିଲା। ଯୁଦ୍ଧ ବଦଳରେ ଶାନ୍ତି ଚାହୁଁଥିବା ଲୋକଙ୍କ ସକାରାତ୍ମକ ଅଭିବ୍ୟକ୍ତି ଯେଭଳି ପ୍ରଶଂସନୀୟ ସେହିଭଳି ବିଜୟର ନିକଟବର୍ତ୍ତୀ ହୋଇଥିବା ଭାରତର ଦେଶପ୍ରେମୀ ଯୁଦ୍ଧବିରତି ଘୋଷଣାରେ ଭୟଙ୍କର ଅସନ୍ତୁଷ୍ଟ। ଏତଦ୍‌ବ୍ୟତୀତ କୂଟନୈତିକ ସ୍ତରରେ ଆମର ଅସଫଳତା ବାରି ହୋଇପଡୁଛି। ବହୁଦଳୀୟ ଦୂତଙ୍କୁ ପଠାଯାଇଥିଲେ ମଧ୍ୟ ଏହି ପ୍ରୟାସରୁ ଆକାଂକ୍ଷିତ ସୁଫଳ ମିଳିନାହିଁ। ଆମକୁ ଏଠାରେ କହିବାକୁ ପଡ଼ିବ ଯେ ଏଭଳି ଏକ ସଂକଟ ସମୟରେ ବୈଦେଶିକ ନୀତି ମଧ୍ୟ କଠୋର ପରୀକ୍ଷାର ସମ୍ମୁଖୀନ ହୋଇଛି।

## ଜ୍ଞାନ-ବିଜ୍ଞାନ-ଆତ୍ମଜ୍ଞାନ

ମନୋରଞ୍ଜନ ମହାନ୍ତି

ବହି ପଢ଼ି ଯେଉଁ ସୂଚନା ସଂଗ୍ରହ କରାଯାଏ, ତାହା 'ଜ୍ଞାନ'। ପରୀକ୍ଷାଲବ୍ଧ ପ୍ରଣାଳୀବଦ୍ଧ ବ୍ୟାପକ ଜ୍ଞାନ ହେଉଛି 'ବିଜ୍ଞାନ'। ନିଜ ଭିତରେ ଯେଉଁ ଅନନ୍ତ ଶକ୍ତି, ଅସୀମ ସମ୍ଭାବନା ରୂପରେ ଐଶ୍ୱରିକ ଐଶ୍ୱର୍ଯ୍ୟ ଭରି ରହିଛି ତା'କୁ ଉପଲବ୍ଧି କରି ଉପଯୋଗ କରିବା ଅର୍ଥାତ୍ ନିଜେ ବ୍ରହ୍ମାନୁଭବରେ ପ୍ରତିଷ୍ଠିତ ହୋଇ ସର୍ବତ୍ର ବ୍ରହ୍ମଦର୍ଶନ କରିବା ହେଉଛି 'ଆତ୍ମଜ୍ଞାନ'। ଜଣେ ଜ୍ଞାନୀ ସରଳ ହେଇପାରେ, ଜଟିଳ ବି ହେଇପାରେ; ବିନୟୀ ହେଇପାରେ, ଅହଂକାରୀ ବି ହେଇପାରେ। କିନ୍ତୁ ଜଣେ ଆତ୍ମଜ୍ଞାନୀ ସ୍ୱାଭାବିକ ଭାବରେ ସରଳ ଓ ବିନୟୀ।

ଐତିହାସିକ ଆବୁଲ୍‌ଫଜଲ୍ କାଶ୍ମୀର ଉପତ୍ୟକାରେ ସାକ୍ଷାତ କରିଛନ୍ତି ସୁଫି ସନ୍ଥ ୱାହିଦ୍‌ଙ୍କୁ, ଯାହାଙ୍କ ସମ୍ପର୍କରେ ସେ ଲେଖିଛନ୍ତି:- 'ସୁଫି ୱାହିଦ୍ ତିରିଶ ବର୍ଷ ଧରି ଗୋଟେ ପୁରୁଣା ଚଟ ବା ଆସନକୁ ବ୍ୟବହାର କରୁଛନ୍ତି, ଖୁସି ବି ଅଛନ୍ତି, ସୁଖ-ଦୁଃଖରୁ ଅଲଗା ରହୁଛନ୍ତି। କାହାରିଠାରୁ ଟୁକୁଡ଼ା ରୁଟି ବ୍ୟତୀତ ଅନ୍ୟ କିଛି ଗ୍ରହଣ କରୁନାହାନ୍ତି। ତାଙ୍କ ମିତାଚାର, ମିତାହାର, ସ୍ଥିତପ୍ରଜ୍ଞ ସ୍ୱଭାବକୁ ଦେଖିଲେ ବୋଧ ହେଉଛି ସେ ଜଣେ ଆତ୍ମଜ୍ଞାନୀ।' ମୋଗଲ ସମ୍ରାଟ ଜାହାଙ୍ଗୀର ନିଜର ଆତ୍ମଚରିତରେ ଲେଖିଛନ୍ତି, 'ସୁଫିମାନେ ସରଳ ଓ ଛଳନାଶୂନ୍ୟ, କାହାକୁ ଗାଳିଦିଅନ୍ତି ନାହିଁ, କାହା ପ୍ରତି ଦୁର୍ବ୍ୟବହାର କରନ୍ତି ନାହିଁ, ଇଚ୍ଛାର ଜିଭରେ ଲଗାମ ଲଗାନ୍ତି, ଖୋଜିବାର ପାଦକୁ ରୋକନ୍ତି, ଫଳ ଧାରଣ କରୁଥିବା ଗଛର ଚାରାରୋପଣ କରନ୍ତି, ଯେପରି ଅନ୍ୟମାନେ ସେଥିରୁ ଉପକାର ପାଇବେ। ସେମାନଙ୍କର ନିଜର କୌଣସି ଲାଭର ଆଶା ନଥାଏ। ଯାକୁ ହିଁ କହନ୍ତି ଆତ୍ମଜ୍ଞାନ।'

ପ୍ରସିଦ୍ଧ ସୁଫି ସନ୍ଥ ହମ୍‌ଦାନ୍ ଇରାନ୍‌ରୁ ସାତଶହ ସୁଫିଙ୍କୁ ସାଥିରେ ଆଣି ଶ୍ରୀନଗରକୁ ଆସିଥିଲେ। ସେ ଥିଲେ ଜଣେ ଲେଖକ, କବି। ସେ ଓ ତାଙ୍କର ଶିଷ୍ୟ, ଅନୁଗାମୀମାନେ ସାଧାରଣ ଲୋକଙ୍କ ପାଇଁ ଧର୍ମଶାଳା ନିର୍ମାଣ କରିଥିଲେ। ଉପତ୍ୟକାର ତତ୍କାଳୀନ ସୁଲ୍‌ତାନ୍ କୁତବ୍-ଉଦ୍ଦିନ୍ ତାଙ୍କର ମହାନତାକୁ ସ୍ୱୀକାର କରି କହିଥିଲେ, 'ଆତ୍ମଜ୍ଞାନୀମାନଙ୍କର ମହାନତା ସେମାନଙ୍କ ମହାନୁଭବତାରେ ଥାଏ। ହମ୍‌ଦାନ୍ କେବଳ କବିତା ରଚନା କରୁନଥିଲେ, ସମସ୍ତଙ୍କଠାରେ ପରମେଶ୍ୱର ଦର୍ଶନ କରି ପରୋପକାରରେ ମନୋନିବେଶ କରିଥିଲେ।

ଗତ ଶତାବ୍ଦୀର ଦୁଇଜଣ ପାଶ୍ଚାତ୍ୟ ବିଦ୍ୱାନ, ପ୍ରାଚ୍ୟବିଦ୍ୟାବିଶାରଦ, ଆଧ୍ୟାତ୍ମିକ ରୂପରେ ଇଚ୍ଛୁକ ବ୍ୟକ୍ତି ଆଲ୍‌ଡସ୍ ହକ୍ସଲେ ଓ କାର୍ଲ୍ ଗୁସ୍ତାଭ୍ ଜଙ୍ଗ୍ ସେମାନଙ୍କ ଫଳପ୍ରଦ ଜୀବନର ଅନ୍ତିମଚରଣରେ ଆତ୍ମଜ୍ଞାନ ସମ୍ବନ୍ଧରେ ସନ୍ଦେହ ପୋଷଣ କରିଥିଲେ। ଜଣେ ଯଶସ୍ୱୀ ମନୋଚିକିତ୍ସକ ଭାବରେ ଜଙ୍ଗ୍‌ଙ୍କ ମନରେ ଆତ୍ମଜ୍ଞାନର ସମ୍ପୂର୍ଣ୍ଣ ସଂଜ୍ଞା ସମ୍ବନ୍ଧରେ ପ୍ରବଳ ସନ୍ଦେହ ଥିଲା। ପ୍ରଥମତଃ, ଆତ୍ମଜ୍ଞାନର ସମ୍ପୂର୍ଣ୍ଣ ଅବଧାରଣା ବା ସଂକଳ୍ପନା ହେଉଛି ଏକ ବ୍ୟକ୍ତିନିଷ୍ଠ ପ୍ରକ୍ରିୟା। ବାସ୍ତବରେ ଆତ୍ମଜ୍ଞାନ ହେଉଛି ସର୍ବୋତ୍କୃଷ୍ଟ, ସାରମୟ ଆଧ୍ୟାତ୍ମିକ ଆତ୍ମବାଦ ବା 'ଅହଂବ୍ରହ୍ମୋସ୍ମି'ବାଦ। ଏଇଟା ପୂର୍ଣ୍ଣତଃ ଗୋଟେ ବ୍ୟକ୍ତିନିଷ୍ଠ ଅନୁଭୂତି, ଯାହା ଏତେ ତରଳ ଓ ଅଣାକାର ଯେ ତାକୁ ମାପିବାକୁ, ଆକଳନ କରିବାକୁ କୌଣସି ପଦ୍ଧତି ନାହିଁ। ଆମେରିକାର ଦାର୍ଶନିକ, କବି ୱାଲ୍ଟ ହ୍ୱିଟ୍‌ମ୍ୟାନ୍ କହନ୍ତି, ଆମେ ମଣିଷମାନେ ହେଉଛୁ ଆତ୍ମବୋଧ ବା ଆତ୍ମାନୁଭୂତିର ପଥରେ ଶାଶ୍ୱତ ସାଧକ। ଆମର ଅସ୍ତିତ୍ୱ ଅଛି ବୋଲି ଭଗବାନଙ୍କର ଅସ୍ତିତ୍ୱ ଅଛି!

ସେହିଭଳି ଜଣେ ଆତ୍ମଜ୍ଞାନୀ ଥିଲେ ଶୁଦ୍ଧ ବା ସୈଦ୍ଧାନ୍ତିକ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍। ଜଣେ ଆତ୍ମଜ୍ଞାନୀର ସକଳ ଲକ୍ଷଣ: ସରଳତା, ବିନୟ, ସମଦର୍ଶିତା, ଭଗବତ୍ ବିଶ୍ୱାସ, ଅଧ୍ୟାତ୍ମ ସାଧନା, ଆତ୍ମୋପଲବ୍ଧି, ସର୍ବତ୍ର ବ୍ରହ୍ମାନୁଭବ ତାଙ୍କଠାରେ ପ୍ରକାଶ ପାଇଥିଲା। ତ୍ୟାଗରାଜ ଓ ବିସ୍‌ମିଲ୍ଲା ଖାଁଙ୍କର ସଙ୍ଗୀତ ମାର୍ଗରେ, ମୀରାବାଈଙ୍କର ଭଜନ ମାର୍ଗରେ, ଆଦି ଶଙ୍କରଙ୍କର ଦର୍ଶନ, ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କର କର୍ମବାଦ ବା ସକ୍ରିୟତାବାଦ ମାର୍ଗରେ ଈଶ୍ୱରାନୁଭବ ହୋଇଥିଲା। ସେହି ଈଶ୍ୱର ସର୍ବବ୍ୟାପୀ ଓ ଅନନ୍ତ। ପୁଣି ସୂକ୍ଷ୍ମ ଓ ଅଦୃଶ୍ୟ। ସେ ଏକ, ଅନନ୍ତ ଓ ଶୂନ୍ୟ ମଧ୍ୟ। ତତ୍କାଳୀନ ମହୀଶୂର ଷ୍ଟେଟ୍ (ଏବର ତାମିଲନାଡୁ)ର ଇରୋଡ୍‌ଠାରେ ୧୮୮୭ ମସିହାରେ ଜନ୍ମଗ୍ରହଣ କରିଥିବା ଶ୍ରୀନିବାସ ରାମାନୁଜନ୍ ଗଣିତ ମାର୍ଗରେ ଈଶ୍ୱରାନୁଭବ ପ୍ରାପ୍ତ ହୋଇଥିଲେ। ବିଜ୍ଞାନ ଭଳି ଗଣିତ ଦୁଇ ପ୍ରକାର: ଶୁଦ୍ଧ ବା ସୈଦ୍ଧାନ୍ତିକ ଓ ବ୍ୟାବହାରିକ। ରାମାନୁଜନ୍‌ଙ୍କର ବ୍ୟାବହାରିକ ଗଣିତରେ ରୁଚି ନଥିଲା, ସେ ଶୁଦ୍ଧ ଗଣିତ ପ୍ରତି ସମର୍ପିତ ଥିଲେ।

ମାନବ-ଗଣକମାନେ ଏପରି ବ୍ୟକ୍ତି, ଯେଉଁମାନେ କୌଣସି ଉପକରଣ ବିନା ସହାୟତାରେ ଜଟିଳ ଗଣନା କରିପାରନ୍ତି। ପରନ୍ତୁ ସଚ୍ଚା ଗଣିତଜ୍ଞମାନେ ସୃଷ୍ଟିରେ ପ୍ୟାଟର୍ଣ୍ଣ ଯାଞ୍ଚ କରନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ଗଣିତୀୟ ପ୍ରମେୟ(ଥିଓରମ୍) ଆକାରରେ ପ୍ରକାଶ କରନ୍ତି। ସେମାନଙ୍କ ଗଣିତରେ ଗୋଟେ ଆଧ୍ୟାତ୍ମିକ ଅନ୍ତର୍ଧାରା ଥାଏ। ପିଥାଗୋରାସ୍, ନିଉଟନ୍, ଆଇନ୍‌ଷ୍ଟାଇନ୍, ଶ୍ରୀନିବାସ ରାମାନୁଜନ୍ ପ୍ରମୁଖ ସେହିପରି ଗଣିତଜ୍ଞ ଥିଲେ। ସେମାନେ ଏକାଧାରରେ ବିଜ୍ଞାନୀ, ଆତ୍ମଜ୍ଞାନୀ।

ଶୁଦ୍ଧ ଗଣିତଜ୍ଞମାନେ ଅନନ୍ତ (ଇନ୍‌ଫିନିଟି) ସହିତ ଯୋଡ଼ି ହୋଇରହନ୍ତି। ପାରମ୍ପରିକ ଅର୍ଥରେ ସେମାନେ ଧର୍ମନିଷ୍ଠ ହୋଇପାରନ୍ତି ବା ନ ପାରନ୍ତି। କିନ୍ତୁ ରାମାନୁଜନ୍‌ଙ୍କର ଧାର୍ମିକତା, ପୁଣ୍ୟଶୀଳତା ଅତ୍ୟନ୍ତ ସ୍ପଷ୍ଟ ଥିଲା। ସେ ନିଜ କୁଳଦେବତା 'ନାମଗିରି'ଙ୍କ ପ୍ରତି ସମର୍ପିତ ଥିଲେ। ନାମଗିରି ନରସିଂହଙ୍କ ପତ୍ନୀ। ନରସିଂହ ହେଉଛନ୍ତି ମହାବିଷ୍ଣୁଙ୍କର ଅବତାର। ରାମାନୁଜନ୍‌ଙ୍କର କୌଣସି ଔପଚାରିକ ଡିଗ୍ରୀ ନଥିଲା ଏବଂ ୧୯୧୦ ମସିହାରେ ସେ ଥିଲେ ବେରୋଜଗାର୍। ସେତିକିବେଳେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ତାଙ୍କୁ ନିମନ୍ତ୍ରଣ ମିଳିଲା। ରାମାନୁଜନ୍ ବ୍ରାହ୍ମଣ ହୋଇଥିବାରୁ ସମୁଦ୍ର ଅତିକ୍ରମ କରି ପାଠ ପଢ଼ିବା ପାଇଁ ଯିବା (ସେତେବେଳେ ସମୁଦ୍ର ଅତିକ୍ରମ କରି ବିଦେଶକୁ ଯିବା 'ଆଧ୍ୟାତ୍ମିକ ପ୍ରଦୂଷଣ' ରୂପେ ବିଚାର କରାଯାଉଥିଲା) ଉଚିତ୍ ହେବ କି ନାହିଁ, ଏହି ମାର୍ଗଦର୍ଶନ ନିମିତ୍ତ ନାମକ୍କଲ୍‌ସ୍ଥିତ ଦେବୀ ମନ୍ଦିର ପ୍ରାଙ୍ଗଣରେ ତିନିରାତି ଜାଗ୍ରତ ହୋଇ ବିତାଇଲେ। ତୃତୀୟ ଦିନର ମଧ୍ୟରାତ୍ରିରେ ଉଜ୍ଜ୍ୱଳ ଆଲୋକର ଏକ ସ୍ତମ୍ଭ ଚମକିଉଠିଲା, ଯାହାକୁ ସେ ଦେବୀଙ୍କ ସହମତି ରୂପରେ ଗ୍ରହଣ କଲେ, ଜଳଯାତ୍ରା କରି କେମ୍ବ୍ରିଜ୍‌ରେ ପହଞ୍ଚିଲେ। ପରବର୍ତ୍ତୀ ସମୟରେ ଗଣିତଶାସ୍ତ୍ର ଇତିହାସରେ ସେ ହେଲେ ଜଣେ ଯୁଗପୁରୁଷ, ଏକାଧାରରେ ଜ୍ଞାନୀ, ବିଜ୍ଞାନୀ, ଆତ୍ମଜ୍ଞାନୀ, ଯିଏ ଗଣିତୀୟ ସତ୍ୟ ପ୍ରତି ନିଜ ଅନ୍ତର୍ଜ୍ଞାନର ଶ୍ରେୟ ଈଶ୍ୱରଙ୍କୁ ହିଁ ଦେଉଥିଲେ। ବାଳକ ରାମାନୁଜନ୍ ଗଣିତ ସହିତ ଯୁକ୍ତ ରହସ୍ୟମୟ ଏକାଳାପ (ମନୋଲଗ୍)ରେ ଲିପ୍ତ ରହୁଥିଲେ, ଯାହାକୁ ତାଙ୍କର ଶ୍ରୋତାମାନେ ବିଚିତ୍ର ବା ଅଜବ ବୋଲି ଭାବୁଥିଲେ। ଥରେ କୁମ୍ଭକୋନମ୍‌ରେ ସ୍ଥାନୀୟ ଶ୍ରୋତାମାନଙ୍କ ଆଗରେ 'ଈଶ୍ୱର', 'ଶୂନ୍ୟ' ଓ 'ଅନନ୍ତ' ମଧ୍ୟରେ ସମ୍ବନ୍ଧ ଆଧାରିତ ତାଙ୍କର ଏକାଳାପ ବିଷୟରେ କହି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ସେ କହୁଥିଲେ, କୌଣସି ସମୀକରଣର ସେପର୍ଯ୍ୟନ୍ତ କିଛି ମୂଲ୍ୟ ନାହିଁ ଯେପର୍ଯ୍ୟନ୍ତ ତାହା ଈଶ୍ୱରଙ୍କ ବିଚାରକୁ ବ୍ୟକ୍ତ କରୁନାହିଁ।

'ବିଷ୍ଣୁ ସହସ୍ରନାମମ୍'ରେ ମହାବିଷ୍ଣୁଙ୍କର ୧ ହଜାର ନାମ ମଧ୍ୟରେ 'ଅନନ୍ତ' (ଇନ୍‌ଫିନିଟି) ଗୋଟିଏ ନାମ। ଗଣିତରେ ରାମାନୁଜନ୍‌ଙ୍କ ଅଧିକାଂଶ ଆବିଷ୍କାର 'ଅନନ୍ତ-ଶୃଙ୍ଖଳା' (ଇନ୍‌ଫିନିଟି ସିରିଜ୍) ସହିତ ସମ୍ବନ୍ଧିତ। ଯେତେବେଳେ ସେ କହୁଥିଲେ ତାଙ୍କର ଅନେକ ନିଷ୍କର୍ଷକୁ ଈଶ୍ୱର ତାଙ୍କୁ ସ୍ୱପ୍ନରେ କହିଦେଉଥିଲେ, ତାହା ତାଙ୍କ ପାଶ୍ଚାତ୍ୟର ତର୍କସଙ୍ଗତ ମିତ୍ରମାନଙ୍କ ପାଇଁ ଚିତ୍ତାକର୍ଷକ, ପ୍ରାୟତଃ ସଙ୍କୋଚଶୀଳ ଥିଲା। ତାଙ୍କର ପ୍ରମେୟଗୁଡ଼ିକ ଅନେକ ସମୟରେ ସୋପାନ ଡେଇଁ ଯାଉଥିଲେ। ବେଦାନ୍ତର ସୂତ୍ର ଭଳି ସେଗୁଡ଼ିକ ଗୁପ୍ତ ବା ଅପ୍ରକଟ ଥିଲା, ଗୂଢ଼ ଥିବାରୁ ଅବ୍ୟକ୍ତ ବୋଧ ହେଉଥିଲା। ପାଶ୍ଚାତ୍ୟ ଗଣିତଜ୍ଞମାନେ ରାମାନୁଜନ୍‌ଙ୍କ ପ୍ରମେୟଗୁଡ଼ିକୁ ଶୈକ୍ଷଣିକ ଅନୁଶାସନର ଅନୁରୂପ କରିବା ପାଇଁ ପ୍ରମାଣ କରିବାକୁ କଠିନ ପରିଶ୍ରମ କରୁଥିଲେ। ସେମାନେ ରାମାନୁଜନ୍‌ଙ୍କ ପ୍ରତିଭାରେ ଆଶ୍ଚର୍ଯ୍ୟଚକିତ ହେଉଥିଲେ, ଚିନ୍ତା କରୁଥିଲେ ଅତି ସାଧାରଣ ଭଳି ଦୃଶ୍ୟ ହେଉଥିବା ଜଣେ ମଣିଷଠାରେ ଈଶ୍ୱର ସତରେ ଏପରି ଅନ୍ତର୍ଜ୍ଞାନକୁ ପ୍ରେରିତ କରିଥିଲେ, ଯାହା ଥିଲା ତାଙ୍କର ଆତ୍ମଜ୍ଞାନ, ଯେଉଁ ଆତ୍ମଜ୍ଞାନ ଥିଲା ଜ୍ଞାନ ଓ ବିଜ୍ଞାନର ବହୁ ଊର୍ଦ୍ଧ୍ୱରେ, ଅକଳ୍ପନୀୟ ଦୂରତାରେ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
ଧର୍ମଶାଳା(ଯାଜପୁର), ମୋ: ୯୮୫୩୭୮୨୯୬୨

## ଭାଷା-ବିନ୍ୟାସର ଆହ୍ୱାନ

ଅଧ୍ୟାପକ ଅଶୋକ ମହାରଣା

ଛାତ୍ରଛାତ୍ରୀ ଓଡ଼ିଆ ଭାଷାରେ ଏତେ ଦୁର୍ବଳ ହେବା ଆମ ଭାଷା ପ୍ରତି ନିଶ୍ଚିତ ଭାବରେ ଲଜ୍ଜାର ବିଷୟ। କାହିଁକି ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷାର ବ୍ୟବହାର, ଉଚ୍ଚାରଣ, ଲିଖନ, ପଠନରେ ଏତେ ଦୁର୍ବଳ? ଆମ ମାତୃଭାଷା ଓଡ଼ିଆ। ତା' ପରେ ବି ଆମେ ଓଡ଼ିଆରେ ଦୁର୍ବଳ- ଏ କଥାଟି ଯେତିକି ମର୍ମାହତ କରେ ସେତିକି ବୁଦ୍ଧିଜୀବୀ, ଶିକ୍ଷକ/ଶିକ୍ଷୟତ୍ରୀ, ଅଭିଭାବକ ସର୍ବୋପରି ସରକାରଙ୍କ ପାଇଁ ଆହ୍ୱାନ ସୃଷ୍ଟି କରେ।

ମନୁଷ୍ୟର ଭାଷା ବିନ୍ୟାସ ହିଁ ତା'ର ପରିଚୟ। ଭାଷା ବ୍ୟକ୍ତିକୁ ଶାଳୀନତା ପ୍ରଦାନ କରେ ଏବଂ ବ୍ୟକ୍ତିତ୍ୱକୁ ମାର୍ଜିତ କରେ। ଭାଷା ଏକ ପୋଷାକ ପରି। ସଠିକ ଭାବରେ ପିନ୍ଧି ନ ପାରିଲେ ବ୍ୟକ୍ତିତ୍ୱ ଉଲଗ୍ନ ହୋଇଯାଏ, ଶରବ୍ୟର ଶିକାର ହେବାକୁ ପଡ଼େ। ଓଡ଼ିଆ ଭାଷା ମୋ ମାଆ ମାଟିର ଭାଷା। ମାଆ ମାଟିର ଭାଷାକୁ କରାଗତ କରିବାରେ ଆମେ ବିଫଳ। ଏହା ଜଣେ ସଚ୍ଚା ଓଡ଼ିଆକୁ ବିଚଳିତ କରିବାରେ ଯଥାର୍ଥ। ସଙ୍ଗୀତର ସୁମଧୁର ମୂର୍ଚ୍ଛନା - 'କେଡ଼େ ସୁନ୍ଦର ରାଇଜ ମୋର କେଡେ ମିଠା ମୋ ଭାଷା, ଓଡ଼ିଶା ମୋ ଓଡ଼ିଶା' ଯେତେବେଳେ ଝଙ୍କୃତ ହୁଏ ସେତେବେଳେ ଓଡ଼ିଆର ଛାତି ଗର୍ବରେ ଫୁଲିଉଠେ। ପ୍ରତିଟି ଓଡ଼ିଆର ହୃଦୟକୁ ଆନ୍ଦୋଳିତ କରେ। ଓଡ଼ିଶାକୁ ଓଡ଼ିଆ ଭାଷାକୁ ଭଲ ପାଉଥିବା ମହାମନୀଷୀଙ୍କର ଉଦ୍ୟମ ଯୋଗୁଁ ଆଜି ଓଡ଼ିଶା ଏକ ଭାଷାଭିତ୍ତିକ ରାଜ୍ୟରେ ପରିଣତ ହୋଇଛି। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମଧ୍ୟ ମିଳିଛି। କିନ୍ତୁ ଆମେ ଓଡ଼ିଆ ଭାଷାରେ ଦୁର୍ବଳ - ଏକଥା ଚିନ୍ତନ କରିବା ମାତ୍ରକେ ନିଜର ସ୍ୱପ୍ରୀତି କେତେ ତାହା ସ୍ପଷ୍ଟ ପ୍ରତୀୟମାନ ହେଉଛି।

ମାଟି ମାଆର ଭାଷାରେ ଆମେ ଏତେ ଦୁର୍ବଳ କାହିଁକି? ଜନ୍ମଠାରୁ ଆମେ ଆମ ମାତୃଭାଷା ସହିତ ପରିଚିତ। କିନ୍ତୁ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସାମାଜିକ ଚାଲିଚଳଣିରେ ଭାଷାଗତ ଜ୍ଞାନର ଅଭାବ ପରିଲକ୍ଷିତ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷା ଜ୍ଞାନ, ବନାନ ଶୁଦ୍ଧତାର ଲେଶମାତ୍ର ଚିହ୍ନନାହିଁ। କାରଣ ପିଲାଟି ଦିନରୁ ଛାତ୍ରଛାତ୍ରୀଙ୍କର ଶ୍ରୁତଲିଖନ, ସଂଶୋଧନ, ବର୍ଣ୍ଣବୋଧ ପାଠ, ପୁସ୍ତକ ପଠନ, ହସ୍ତାକ୍ଷର ମଧ୍ୟରେ ସୁନ୍ଦର ଅକ୍ଷର ଲିଖନ, ଉଚ୍ଚାରଣ ଆଦିର ଘୋର ଅଭାବ ରହିଛି। ଉଚ୍ଚାରଣରେ ଭାଷାର ଶୁଦ୍ଧତା ନାହିଁ। ବ୍ୟାକରଣ ଶୁଦ୍ଧତା ଆଦୌ ନାହିଁ କହିଲେ ଚଳେ। ଧୀରେ ଧୀରେ ଓଡ଼ିଆ ଭାଷାର ଶାଳୀନତା ହ୍ରାସ ପାଉଛି। ଭାଷାର ବର୍ଣ୍ଣ ଶୁଦ୍ଧି/ଅଶୁଦ୍ଧି ବି ଦେଖାଯାଉ ନାହିଁ।

ବର୍ଣ୍ଣବୋଧ ପଢ଼ିଥିବା ଏବଂ ସ୍ୱରବର୍ଣ୍ଣ ବ୍ୟଞ୍ଜନବର୍ଣ୍ଣ ସହିତ ମାତ୍ରା, ଫଳାକୁ ଯେ ସଠିକ ଭାବରେ ହାସଲ କରିଛି ସେ କେବେ ମାତୃଭାଷାରେ ଦୁର୍ବଳ ନୁହଁ। ଯେ ଲେଖିବାର ଅଭ୍ୟାସ ବଳବତ୍ତର ରଖିଛି, ଖବରକାଗଜଠାରୁ ଆରମ୍ଭ କରି ଉପନ୍ୟାସ, ଗଳ୍ପ, କାହାଣୀ, ପତ୍ରପତ୍ରିକା ପଠନରେ ମନୋନିବେଶ କରିଛି ସେ ନିଶ୍ଚିତ ଭାଷାର ବ୍ୟବହାର ଜାଣିଛି। ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଶିକ୍ଷକ/ଶିକ୍ଷୟତ୍ରୀ ଯଦି ମୂଳରୁ ପିଲାମାନଙ୍କୁ ବର୍ଣ୍ଣବୋଧର ବର୍ଣ୍ଣକୁ ସଠିକ ଭାବରେ ଶିକ୍ଷା ଦେଇଥିବେ, ହସ୍ତାକ୍ଷର ଠାରୁ ଆରମ୍ଭ କରି ସଂଶୋଧନ କାର୍ଯ୍ୟ କରିଥିବେ, ତେବେ ଭାଷାରେ ଛାତ୍ରଛାତ୍ରୀ ଦୁର୍ବଳ ହେବେ କାହିଁକି? କିନ୍ତୁ ଯଦି ମୂଳରୁ 'ମାନେବହି'ର ସାହାରା ଏକମାତ୍ର ଲକ୍ଷ୍ୟ ହୁଏ, ତେବେ ଭାଷାର ବିକାଶ ହେବ କେମିତି! ଘରର ମୂଳଦୂଆ ଯେଉଁଠି ଦୁର୍ବଳ, ତା' ଉପରେ କୋଠାଘରର ସ୍ୱପ୍ନ କଳ୍ପନା କରିବା ଅବାସ୍ତବ। ପ୍ରାଥମିକ ସ୍ତରରୁ ହିଁ ଏହି ଦୁର୍ବଳତା ଏବର ପିଢ଼ିଙ୍କୁ କବଳିତ କରିରଖିଛି।

ସ୍ମରଣ ରଖିବା ଉଚିତ ଯେ ଜାତିର ପରିଚୟ ହିଁ ତା'ର ଭାଷା। ଭାଷା ନାହିଁ ତ ମଣିଷ ନାହିଁ। ଭାଷା ମରିଗଲେ ମଣିଷ ବଞ୍ଚିବା କଷ୍ଟକର ହୋଇପଡ଼ିବ। ପ୍ରାୟ ଦଶହଜାର ବର୍ଷ ତଳର ଓଡ଼ିଆ ଭାଷା ଲିଖିତ ଭାବରେ ଦୁଇ ହଜାର ପାଞ୍ଚଶହ ବର୍ଷ ତଳର। ଯେତେବେଳେ ଲିଖିତ ଭାଷା ନ ଥିଲା, ଅର୍ଥାତ୍ ଯେ ନିରକ୍ଷର ଥିଲା, ସେ ବି ଭାଷା ଜାଣିଥିଲା। ଓଡ଼ିଆ ଭାଗବତ ହେଉ କି ପୁରାଣ, ରାମାୟଣ ହେଉ କି ମହାଭାରତ ଶୁଣି ଶୁଣି ମନେ ରଖୁଥିଲା। ଭାବକୁ ପରିବ୍ୟାପ୍ତ କରି ନିଜର ଆବଶ୍ୟକତାକୁ ପରିପ୍ରକାଶ କରିବା ଥିଲା ମୂଳଲକ୍ଷ୍ୟ। ଓଡ଼ିଆ ଭାଷାର ପ୍ରକୃତ ବିକାଶ ଗଙ୍ଗବଂଶୀ ରାଜାମାନଙ୍କ ସମୟରେ ଘଟିଥିବାର ଜଣାଯାଏ। ଚୋଡ଼ଗଙ୍ଗଙ୍କ ସମୟରେ ମାଦଳା ପାଞ୍ଜିକୁ ବି ଓଡ଼ିଆ ଭାଷା ବିକାଶର ବାହକ ଭାବରେ ଗ୍ରହଣ କରାଯାଏ। ଏହାସହିତ ବିଭିନ୍ନ ସ୍ଥାନରେ ରହିଥିବା ଲୋକଗୀତ, ଲୋକନୃତ୍ୟରେ ବୋଲା ଯାଉଥିବା ସଙ୍ଗୀତ ଭାଷାର ବିକାଶରେ ସହାୟକ ହୋଇଥିଲା। ଖନା ବଚନ କୃଷି ଏବଂ ଜ୍ୟୋତିଷ ଶାସ୍ତ୍ର ସମ୍ପର୍କରେ ବିସ୍ତୃତ ଭାବରେ ଲିଖିତ ହୋଇଥିବା ବେଳେ ଏହା ଥିଲା ଓଡ଼ିଆ ଭାଷା ବିକାଶର ଅନ୍ୟ ଏକ ସାହାରା। ଓଡ଼ିଆ ଭାଷାର ପ୍ରକୃତ ଉତ୍ପତ୍ତି ସାରଳା ଦାସଙ୍କ ଲିଖିତ ମହାଭାରତଙ୍କୁ ହିଁ ଅୟମାରମ୍ଭ ବୋଲି କୁହାଯାଏ। ବିଲଙ୍କା ରାମାୟଣ, ଅଠର ଖଣ୍ଡ ମହାଭାରତ ଏବଂ ଚଣ୍ଡିପୁରାଣ ଓଡ଼ିଆ ଭାଷାର ବିକାଶ ସମ୍ପର୍କରେ ଉଲ୍ଲେଖ କରିଥାଏ। ଜଗନ୍ନାଥ ଦାସଙ୍କ 'ଓଡ଼ିଆ ଭାଗବତ' ଏବଂ ବତ୍ସଦାଶଙ୍କ 'କଳସ ଚଉତିଶା', ମାର୍କଣ୍ଡଦାସଙ୍କ 'କେଶବ କୋଇଲି', ନାରାୟଣ ନନ୍ଦ ଅବଧୂତ ସ୍ୱାମୀଙ୍କର 'ରୁଦ୍ରସୁଧାନିଧି' ବି ଓଡ଼ିଆ ଭାଷାର ବିକାଶର ସହାୟକ। ସବୁଠାରୁ ଅଧିକ ଲୋକପ୍ରିୟ ଏବଂ ପ୍ରସାର-ପ୍ରଚାର କରିବାରେ ସହାୟକ ହୋଇଥିଲା ଆଞ୍ଚଳିକ ଭିତ୍ତିରେ ଅନୁଷ୍ଠିତ ସାଂସ୍କୃତିକ ଓ ପାରମ୍ପରିକ କଥାକୁ ନେଇ ପ୍ରଚଳିତ ଲୋକଗୀତ, ବୋଲି, ଲୋକନୃତ୍ୟ, ଦଣ୍ଡ, ବଣ୍ଠି, ଘୋଡ଼ା ନାଚ, ଦାସକାଠିଆ ପ୍ରଭୃତି। ସବୁକିଛି ଏବେ ସ୍ୱପ୍ନ ପାଲଟି ଯାଇଛି।

ଓଡ଼ିଶା ମାଟିରେ ଓଡ଼ିଆ ଭାଷା କ୍ରମଶଃ ଲୁକ୍କାୟିତ ହେବାରେ ଲାଗିଛି। ମାତୃଭାଷା ଦୁର୍ବଳ ହେବାରେ ଲାଗିଛି। ପ୍ରଶ୍ନ ସବଳ ହେବ କିପରି? କୁମ୍ଭକାର କର୍ମ ଯଦି ତ୍ରୁଟିପୂର୍ଣ୍ଣ ହୁଏ, ମାଟିପାତ୍ର ଭାଙ୍ଗିବା ସାର। ମାଟିରେ ଗୋଡ଼ି କିମ୍ବା ଅଦରକାରୀ ପଦାର୍ଥ ମିଶିଲେ ପାତ୍ରରେ ପାଣି ଗଳିବା ସାର। ମାଟିପାତ୍ର ଭଲରେ ପୋଡ଼ା ନଗଲେ ଭାଙ୍ଗିବା ସାର। ଏଠି ଦୋଷ କାହାର? ମାଟିର ନା କୁମ୍ଭାରର? ମୂର୍ତ୍ତି ଗଢ଼ିବାର ମଣିଷଟି ମାଟିର ପାତ୍ରଟି ଗଢ଼ିବା ପୂର୍ବରୁ ବାରମ୍ବାର ମାଟିକୁ ଚକଟି ପ୍ରସ୍ତୁତ କରିବା ଦରକାର। ନଚେତ ମାଟିର ପାତ୍ରରେ ପାଣିଗଳିବା ସାର। ହୁଏତ ଷ୍ଟିଲ ପାତ୍ର ବ୍ୟବହାର କରାଯାଇପାରେ। କିନ୍ତୁ ଷ୍ଟିଲପାତ୍ରରେ 'ପଣ୍ଡା' ନୁହଁ କେବଳ ଅନୁସାର ଦେଇ 'ପଂଡା' ଲେଖିହେବ। ସେତେବେଳେ ଓଡ଼ିଆ ଭାଷା ବିନ୍ୟାସ କେବଳ ପୋଥିରେ ରହିବା ସାର। ତେଣୁ ଏବେଠୁ ସଚେତନ ହେବା ଦରକାର।

ଢେଙ୍କାନାଳ, ମୋ: ୯୪୩୭୨୯୦୧୮୧

## ପଦ୍ମସମ୍ଭବଙ୍କ ତିବ୍ବତ ଯାତ୍ରା

ପ୍ରବୀର କୁମାର ପଟ୍ଟନାୟକ

(ପୂର୍ବପ୍ରକାଶିତ ଉତ୍ତାରୁ...)

ଶାନ୍ତରକ୍ଷିତ ରାଜାଙ୍କ ନିମନ୍ତ୍ରଣ ରକ୍ଷା କରି ତିବ୍ବତ ଯାଇ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର କାର୍ଯ୍ୟ ଆରମ୍ଭ କରିଥିଲେ। ସେ ମହାଯାନ ଶାଖାର ମାଧ୍ୟମିକ ସମ୍ପ୍ରଦାୟର ଆଚାର୍ଯ୍ୟ ଥିବାରୁ ସମ୍ଭବତଃ ଅତ୍ୟନ୍ତ କଠିନ ଶୂନ୍ୟବାଦୀ ବୌଦ୍ଧଧର୍ମର ବାଣୀ ତଥା ରୀତିନୀତିର ପ୍ରଚାର କରିବାରୁ ତାହା ଲୋକମାନଙ୍କୁ ଆକର୍ଷିତ କରିପାରିଲା ନାହିଁ। ଏଣେ ସେ ସମୟକୁ ତିବ୍ବତ ଏକ ପ୍ରାକୃତିକ ଦୁର୍ବିପାକରେ ସମ୍ମୁଖୀନ ହେଲା। ଏହି ସବୁ ନକାରାତ୍ମକ ପରିବେଶରେ ଶାନ୍ତରକ୍ଷିତଙ୍କ ଉଦ୍ୟମ ବିଫଳ ହେଲା। ଅନ୍ୟପକ୍ଷରେ ଶାନ୍ତରକ୍ଷିତ ରାଜାଙ୍କୁ ତାନ୍ତ୍ରିକ ବୌଦ୍ଧଧର୍ମ ବଜ୍ରଯାନର ବିଚକ୍ଷଣ ଆଚାର୍ଯ୍ୟ ତଥା ତାଙ୍କର ଶ୍ୟାଳକ ପଦ୍ମସମ୍ଭବଙ୍କୁ ଏହି ଧର୍ମପ୍ରଚାର କାର୍ଯ୍ୟ ପାଇଁ ନିମନ୍ତ୍ରଣ ଜଣାଇବାକୁ ପରାମର୍ଶ ଦେଲେ। ରାଜା ଏହି ପରାମର୍ଶ ଗ୍ରହଣ କରି ପଦ୍ମସମ୍ଭବଙ୍କୁ ନିମନ୍ତ୍ରଣ କରିବା ନିମନ୍ତେ ତିନିଜଣିଆ ପ୍ରତିନିଧି ଦଳକୁ ବିନୀତ ନିବେଦନ ସହ ପଦ୍ମସମ୍ଭବଙ୍କ ନିକଟକୁ ପଠାଇଲେ। ସେତେବେଳେ ପଦ୍ମସମ୍ଭବ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ତନ୍ତ୍ର ବିଭାଗର ଆଚାର୍ଯ୍ୟ ଭାବେ ଅଧିଷ୍ଠିତ ଥିଲେ। ସେ ଅତ୍ୟନ୍ତ ଆଦରର ସହ ନିମନ୍ତ୍ରଣକୁ ସ୍ୱୀକାର କଲେ।



ଦ୍ୱିତୀୟ-ବୁଦ୍ଧ କଥା

ତିବ୍ବତୀୟ ପଞ୍ଜିକା ଅନୁଯାୟୀ ପୁରୁଷ-ବ୍ୟାଘ୍ର ବର୍ଷର ଏକାଦଶ ମାସର ପଞ୍ଚଦଶ ଦିବସରେ ପଦ୍ମସମ୍ଭବ ତିବ୍ବତ ଯାତ୍ରାରମ୍ଭ କଲେ। ଏହାଥିଲା ଖ୍ରୀ୭୪୬ର ଘଟଣାକ୍ରମ। ସେହି ମାସର ତ୍ରୟୋଦଶ ଦିବସରେ ସେ ନେପାଳରେ ପହଞ୍ଚିଲେ ଏବଂ ସେଠାକାର ରାଜା ବସୁଧରଙ୍କ ଆତିଥ୍ୟରେ ସେଠାରେ ତିନିମାସ ରହିଲେ। ଏହି ସମୟରେ ତାଙ୍କ ସହିତ ଯାଇଥିବା ପ୍ରତିନିଧି ଦଳଙ୍କୁ ରକ୍ଷାକବଚସୂଚକ ଆଶୀର୍ବାଦ ସହ ଆଗୁଆ ତିବ୍ବତ ପଠାଇଦେଲେ। ନେପାଳରେ ରହଣି ସମୟରେ ବିଭିନ୍ନ ବୌଦ୍ଧବିହାର ପରିଦର୍ଶନ ସହ ବୌଦ୍ଧଧର୍ମର ପ୍ରଚାର ପ୍ରସାର କଲେ। ଏହାପରେ ସେ ତିବ୍ବତ ଯାତ୍ରା ଆରମ୍ଭ କଲେ।

ତାଙ୍କର ପ୍ରଥମ ବିଶ୍ରାମସ୍ଥଳ ଥିଲା ଲାସାଠାରୁ ବାର ମାଇଲ ଦୂର ତୋଡ୍-ଲୁଙ୍ଗ ନାମକ ସ୍ଥାନ। ତିବ୍ବତ ରାଜା ସେଠାରୁ ପାଞ୍ଚଶହ ଘୋଡ଼ା ସବାର ସହ ଦୁଇଜଣ ମନ୍ତ୍ରୀଙ୍କୁ ପଦ୍ମସମ୍ଭବଙ୍କୁ ସ୍ୱାଗତ ଜଣାଇବା ପାଇଁ ଆବଶ୍ୟକ ସ୍ୱାଗତପତ୍ର ଓ ଉପହାର ସହ ସେଠାକୁ ପଠାଇଥିଲେ। ରାଜା ପଦ୍ମସମ୍ଭବଙ୍କୁ ତୋଡ୍-ଲୁଙ୍ଗ ଠାରୁ ଲାସା ନେବା ପାଇଁ ସାଜସଜା ସହକାରେ ନିଜର ଅଶ୍ୱକୁ ମଧ୍ୟ ପଠାଇଥିଲେ। ସେହିସ୍ଥାନରେ ପାନୀୟ ଜଳ ଉପଲବ୍ଧ ନଥିବାରୁ ସ୍ୱାଗତକାରୀ ଦଳ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କୁହାଯାଏ ପଦ୍ମସମ୍ଭବ ଗୋଟିଏ ବାଡ଼ି ଉଠାଇ ପଥରଟିଏକୁ ଠୁକି ଦେବାରୁ ସଙ୍ଗେସଙ୍ଗେ ସେଠାରୁ ସ୍ୱଚ୍ଛ ଜଳର ଉତ୍ସଟିଏ ସୃଷ୍ଟି ହୋଇ ସମସ୍ତଙ୍କର ତୃଷା ମେଣ୍ଟାଇଥିଲା।

ରାଜା ନିଜେ ପଦ୍ମସମ୍ଭବଙ୍କୁ ସ୍ୱାଗତ ଜଣାଇବା ନିମନ୍ତେ ଲାସାଠାରୁ ସାତ/ଆଠ ମାଇଲ ଦୂରସ୍ଥ ହାଓପୋରି ଗିରସଙ୍କଟ ସନ୍ନିକଟ ଜୁଙ୍ଗ-କର ନାମକ ସ୍ଥାନ ନିକଟକୁ ଆସିଥିଲେ। ସେଠାରେ ସ୍ଥାନୀୟ ଅଧିବାସୀମାନେ ମଧ୍ୟ ଆଚାର୍ଯ୍ୟଙ୍କୁ ସ୍ୱାଗତ ସମ୍ମାନ ଜଣାଇବା ସକାଶେ ବହୁସଂଖ୍ୟାରେ ରୁଣ୍ଡ ହୋଇଥିଲେ। ଆଚାର୍ଯ୍ୟ ପଦ୍ମସମ୍ଭବଙ୍କୁ ସେଠାରେ ରାଜା-ମନ୍ତ୍ରୀ-ପ୍ରଜା ସମସ୍ତେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇବା ସହ ଏକ ବିଶାଳ ତଥା ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରାରେ ଲାସାକୁ ନିଆଯାଇଥିଲା। ଏହିଭଳି ଭାବେ ପଦ୍ମସମ୍ଭବ ତିବ୍ବତରେ ଖ୍ରୀ୭୪୭ ବସନ୍ତ ଋତୁ ଆରମ୍ଭ ବେଳକୁ ପହଞ୍ଚିଥିଲେ।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରକାଶ ପାଇଲା ମାତୃତ୍ୱ ଛୁଟି ବିଜ୍ଞପ୍ତି

■ ସେବାରେ ଯୋଗଦେବା ପରେ ଶିଶୁକୁ ଛଅ ମାସ ହେବା ପର୍ଯ୍ୟନ୍ତ ନେଇପାରିବେ ଛୁଟି

■ ଯେକୌଣସି ସରକା ରୀ ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ପ୍ରସବ ହୋଇଥିବା ଆବଶ୍ୟକ

**ଭୁବନେଶ୍ୱର,୩୦।୫(ସମିସ):** ଜଣେ ମହିଳା ସରକାରୀ କର୍ମଚାରୀ ଦୁଇଟିରୁ କମ୍ ଜୀବିତ ପିଲାଙ୍କ ପାଇଁ, ମାତୃତ୍ୱ ସମୟରେ ୧୮୦ ଦିନ ପର୍ଯ୍ୟନ୍ତ ଛୁଟି ପାଇବାର ନିୟମ ରହିଥିବା ବେଳେ ଏହାର ଅବଧି, ଜଣେ ମହିଳା ସରକାରୀ କର୍ମଚାରୀ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନ ଥାଇ ପରବର୍ତ୍ତୀ ସମୟରେ ମାତୃତ୍ୱ ଛୁଟି ନେଇପାରିବେ କି ନାହିଁ ସେ ବିଷୟରେ ରହିଥିବା ଦ୍ୱନ୍ଦ୍ୱକୁ ଦୂର କରିଛନ୍ତି ରାଜ୍ୟ ସରକାର। ମାତୃତ୍ୱ ଛୁଟି ସମ୍ପର୍କିତ ନୂତନ ପ୍ରାବଧାନ ଆଣିବା ପାଇଁ ସରକାର ସ୍ପଷ୍ଟୀକରଣ ଓ ମାର୍ଗଦର୍ଶିକା ଜାରୀ କରିଛନ୍ତି।

ଏହି ମାର୍ଗଦର୍ଶିକା ଅନୁସାରେ, ଜଣେ ମହିଳା କର୍ମଚାରୀ ପ୍ରସବ ତାରିଖର ତିନି ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ଛଅମାସ ମଧ୍ୟରେ ୧୮୦ଦିନର ମାତୃତ୍ୱ ଛୁଟି ନେଇପାରିବେ। କିନ୍ତୁ ଜଣେ ସରକାରୀ କର୍ମଚାରୀ ଯଦି ଶିଶୁ ଜନ୍ମ ହେବା ସମୟରେ ସରକାରୀ ସେବାରେ ନ ଥିବେ, ତେବେ ସେବାରେ ଯୋଗଦେବା ପରେ ଶିଶୁଟିକୁ ଛଅ ମାସ ହେବା ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ। ତେଣୁ ଏକ୍ଷେତ୍ରରେ ଛୁଟିର ଅବଧି ୧୮୦ ଦିନରୁ କମ୍ ରହିବ। ସେହିପରି ମାତୃତ୍ୱ ଛୁଟିରେ ଥିବା ସମୟରେ ଯଦି ଗର୍ଭପାତ କିମ୍ବା ଜନ୍ମିତ ଶିଶୁର ମୃତ୍ୟୁ (ଜନ୍ମର ୨୮ ଦିନ ମଧ୍ୟରେ) ହୁଏ କିମ୍ବା ମୃତ ଶିଶୁ ଜନ୍ମ ହୁଏ, ତେବେ ତାଙ୍କର ମାତୃତ୍ୱ ଛୁଟିର ଅବଧି ସେହି ଦୁର୍ଘଟଣା ଦିନଠାରୁ ୪୨ଦିନ ପର୍ଯ୍ୟନ୍ତ ରହିବ। ଯଦି ଶିଶୁର ମୃତ୍ୟୁ ଜନ୍ମର ୨୯ ଦିନରୁ ୧୨୦ ଦିନ ମଧ୍ୟରେ ହୁଏ, ତେବେ ସେହି ଦିନଠାରୁ ୧୪ଦିନ ପର୍ଯ୍ୟନ୍ତ ଛୁଟି ରହିବ। ଯଦି ମାତୃତ୍ୱ ଛୁଟି ଅବଧି ଶେଷ ହୋଇଯାଇଥିବ, ତେବେ ସେ ଅଧିକ ୧୪ ଦିନର ଛୁଟି ପାଇବେ କିମ୍ବା ମାତୃତ୍ୱ ଛୁଟିର ଅବଧି ଦୁର୍ଘଟଣା ଦିନଠାରୁ ୧୪ ଦିନ ଭିତରେ ଶେଷ ହୋଇଯାଇଥିବ, ତେବେ ୧୪ ଦିନରୁ ବଳକା ରହିଥିବା ଦିନର ଅଧିକ ମାତୃତ୍ୱ ଛୁଟି ପାଇବେ। ପୂର୍ବରୁ ଯେତେଥର ମାତୃତ୍ୱ ଛୁଟି ନେଇଥିଲେ ବି ଜଣେ ମହିଳା ସରକାରୀ କର୍ମଚାରୀ ତାଙ୍କର ଦ୍ୱିତୀୟ ଜୀବିତ ସନ୍ତାନ ରଖିବା ପାଇଁ ବାରମ୍ବାର ଛୁଟି ନେଇପାରିବେ। ଏହାସହ ମାତୃତ୍ୱ ଛୁଟି ସମୟରେ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଏ, ତେବେ ସେ ଉଚ୍ଚ ପଦବୀରେ ଯୋଗଦେଲେ ବୋଲି ସଂପୃକ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଜଣାଇବେ। ଅର୍ଥାତ୍ ସେହିଦିନରୁ ସେ ଉଚ୍ଚ ପଦବୀରେ ଯୋଗଦେଲେ ବୋଲି ଧରାଯିବ। ଏହାସହ ତାଙ୍କର ମାତୃତ୍ୱ ଛୁଟିର ଅବଶିଷ୍ଟ ଅବଧି ନିରବଚ୍ଛିନ୍ନ ଭାବେ ନେଇପାରିବେ ଏବଂ ମାତୃତ୍ୱ ଛୁଟି ଏକକାଳୀନ ଅବା ବିଭିନ୍ନ ପର୍ଯ୍ୟାୟରେ ନେଇପାରିବେ। ତେବେ ମାତୃତ୍ୱ ଛୁଟି ଲାଭ କରିବା ପାଇଁ ସନ୍ତାନ ପ୍ରସବ ଯେକୌଣସି ସରକାରୀ ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ହେବା ଆବଶ୍ୟକ ବୋଲି ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି।

# ବିପଦ ବଢ଼ାଇବ ମୌସୁମୀ ବ୍ରେକ୍

## ରାଜ୍ୟରେ ହେବ ଭୀଷଣ ବଜ୍ରପାତ ● ଚାଷୀଙ୍କୁ ସୁରକ୍ଷିତ ରହିବାକୁ ସତର୍କ ସୂଚନା

**ଭୁବନେଶ୍ୱର, ୩୦।୫(ସମିସ):** ଅଟକିଗଲା ମୌସୁମୀ। ଯେଉଁ ଗତିରେ ଓଡ଼ିଶାକୁ ମାଡ଼ି ମାଡ଼ି ଆସିଥିଲା, ସେଥିରେ ଏବେ ବ୍ରେକ୍ ଲାଗିଛି। ଆଉ ଆଗକୁ ବଢ଼ୁନି। ପ୍ରାୟ ଦୁଇ ସପ୍ତାହ ଧରି ଏମିତି ଷ୍ଟାଣ୍ଡ ହୋଇ ରହିବ ମୌସୁମୀ। ଫଳରେ, ଆଗକୁ ରାଜ୍ୟରେ ବର୍ଷା କମିବ ଓ ପାଗ ଶୁଖିଲା ରହିବ। ଗଲା କିଛି ବର୍ଷ ହେବ, ମୌସୁମୀ ଓଡ଼ିଶା ଛୁଇଁବାର ମାସେରୁ ଦେଢ଼ମାସ ପରେ ଏପରି ସ୍ଥିତି ଅର୍ଥାତ୍ 'ମୌସୁମୀ ବ୍ରେକ୍' ହେଉଥିବା ବେଳେ ଚଳିତ ବର୍ଷ ଆରମ୍ଭରୁ ଏଭଳି ସ୍ଥିତି ସୃଷ୍ଟି ହେବା ରାଜ୍ୟ ପାଇଁ ଶୁଭଙ୍କର ନୁହେଁ ବୋଲି ପାଣିପାଗ ବିଜ୍ଞାନୀମାନେ ଚେତାଇ ଦେଲେଣି।

ସେମାନଙ୍କ କହିବା କଥା, ମୌସୁମୀ ବିରତି ସମୟରେ ବିଜୁଳି ଘଡ଼ିଘଡ଼ି ପାଇଁ ସ୍ଥିତି ଅନୁକୂଳ ରହିଥାଏ ଓ ଏହାର ମାତ୍ରା ବୃଦ୍ଧି ପାଏ। ମୌସୁମୀ ଦୁର୍ବଳ ଯୋଗୁଁ ବର୍ଷାର ପରିମାଣ କମିଥାଏ ଓ ତାପମାତ୍ରା ବୃଦ୍ଧି ହୁଏ। ଏହି ସମୟରେ ବଙ୍ଗୋପସାଗରରୁ ରାଜ୍ୟକୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସି ବଜ୍ରପାତ ସୃଷ୍ଟି କରିଥାଏ। ଯେହେତୁ ରାଜ୍ୟରେ ଗଲା କିଛି ଦିନ ମଧ୍ୟରେ ଭଲ ବର୍ଷା ହୋଇଛି, ତେଣୁ ଚାଷ କାମ ପାଇଁ ଚାଷୀମାନେ କ୍ଷେତରେ ରହିବାର ସମ୍ଭାବନା ରହିଛି। ତେଣୁ ଏହି ସମୟରେ ଚାଷୀଙ୍କ ପାଇଁ ବଜ୍ରପାତର ଅଧିକ ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଚାଷୀମାନଙ୍କୁ ଯଥେଷ୍ଟ ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଛି।

ସାଧାରଣତଃ ମୌସୁମୀ ସହ ଜଡ଼ିତ ନିମ୍ନଚାପରେଖା ଉତ୍ତରମୁହାଁ ହେଲେ ଓଡ଼ିଶା ସମେତ କେନ୍ଦ୍ରୀୟ ଭାରତରେ ବର୍ଷା କମିଥାଏ। ନିମ୍ନଚାପ ରେଖା ଏହି ସମୟରେ ଉତ୍ତରମୁହାଁ ହୋଇ ହିମାଳୟ ପାଦଦେଶରେ ସକ୍ରିୟ ରହିବା ସହ ସେଠାରେ ବର୍ଷା କରାଏ। ସେହିପରି ମୌସୁମୀ ବିରତି ସମୟରେ ପଶ୍ଚିମାଝଡ଼ର ପ୍ରଭାବ ରହିଲେ, ଏହି ବିରତି ଅବଧି ବୃଦ୍ଧି ହେବାକୁ ସହାୟକ ହୋଇଥାଏ। ତେବେ ଚଳିତ ବର୍ଷ ସାରା ଦେଶକୁ ମୌସୁମୀ ଅଗ୍ରସର ହୋଇ ନ ଥିବା ସତ୍ତ୍ୱେ ମୌସୁମୀ ବିରତି ଆରମ୍ଭ ହୋଇଯାଇଛି। ମୁଖ୍ୟତଃ ଆରବସାଗର ଓ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଦୁଇଟି ଲଘୁଚାପ ସ୍ୱାଭାବିକଠୁ ଯଥେଷ୍ଟ ଆଗରୁ ମୌସୁମୀକୁ ଟାଣି ଆଣିଥିଲେ ମଧ୍ୟ ଏହାର କ୍ରମାଗତ ପ୍ରଭାବ ଜାରି ରହିବାରେ ଆହ୍ୱାନ ସୃଷ୍ଟି ହୋଇଛି। ଚଳିତ ବର୍ଷ ଉତ୍ତର ଆଫଗାନୀସ୍ତାନରେ ପଶ୍ଚିମା ଝଡ଼ ଓ ଏହା ପଛକୁ ସୃଷ୍ଟି ହେବାକୁ ଥିବା ଆଉ ଏକ ପଶ୍ଚିମା ଝଡ଼ ମୌସୁମୀକୁ ଆଗରେ ପ୍ରତିବନ୍ଧକ ହୋଇଛି। ଏହି ସ୍ଥିତି ଯୋଗୁଁ ମୌସୁମୀ ଆଗକୁ ଅଗ୍ରସର ହୋଇପାରୁ ନଥିବାରୁ ରାଜ୍ୟ ତଥା ଦେଶର ପ୍ରମୁଖ ସ୍ଥାନମାନଙ୍କରେ ପାଗ ଶୁଖିଲା ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ତେଣୁ ଶନିବାରଠାରୁ ରାଜ୍ୟର ଆଉ କୌଣସି ଜିଲ୍ଲା ପାଇଁ ବର୍ଷା ଜନିତ ସତର୍କ ସୂଚନା ଜାରି କରାଯାଇନାହିଁ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୩୦ତାରିଖ ସୁଦ୍ଧା ରାଜ୍ୟରେ ୨୨୧.୫ମିମି ବର୍ଷା ହୋଇସାରିଛି। କିଛି ଜିଲ୍ଲାରେ ସ୍ୱାଭାବିକଠୁ ଯଥେଷ୍ଟ ଅଧିକ ହୋଇଥିବା ବେଳେ କିଛିରେ ସ୍ୱାଭାବିକଠୁ ଅଧିକ ଓ ବାକି ଜିଲ୍ଲାରେ ସ୍ୱାଭାବିକ ବର୍ଷା ରହିଛି। ବର୍ଷା ୪୭୬.୮ ମିମି ତୁଳନାରେ ୨ ପ୍ରତିଶତ ଅଧିକ ରହିଛି। ଅନ୍ୟପଟେ, ଶନିବାରଠାରୁ ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ବିଜୁଳି ଘଡ଼ଘଡ଼ିଜନିତ ସ୍ଥିତି ନେଇ ସତର୍କ ରହିବା ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଦିଆଯାଇଛି।

## ଅବଶିଷ୍ଟାଂଶ

### ସମ୍ପର୍କ ଛିନ୍ନ ପରେ...

ଏହା ପୂର୍ବରୁ ବମ୍ବେ ହାଇକୋର୍ଟ ତାଙ୍କ ବିରୋଧରେ ରୁଜୁ ମାମଲାକୁ ରଦ୍ଦ କରିବାକୁ ମନା କରି ଦେଇଥିଲେ। ପରେ ସେ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ପଲଟାଇ ସର୍ବୋଚ୍ଚ ନ୍ୟାୟାଳୟ ଆପରାଧିକ କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରିଦେଇଛନ୍ତି। ଶୁଣାଣି ସମୟରେ ସୁପ୍ରିମକୋର୍ଟ ଅନୁଧ୍ୟାନ କରିଥିଲେ ଯେ ମାମଲାର ଏତଲା ୧୩ ମାସ ପରେ ରୁଜୁ ହୋଇଥିଲା। ଏତେ ବିଳମ୍ବରେ ରୁଜୁ ଏତଲାର ସତ୍ୟତା ଉପରେ ସନ୍ଦେହ ସୃଷ୍ଟି ହେଉଛି। ମହିଳାଙ୍କ ମେଡିକାଲ ରିପୋର୍ଟରେ ମଧ୍ୟ ଜୋର ଜବରଦସ୍ତି ଯୌନ ସମ୍ବନ୍ଧ କିମ୍ବା ଅପ୍ରାକୃତିକ ସମ୍ବନ୍ଧର ପ୍ରମାଣ ମିଳିନାହିଁ। ଅଭିଯୁକ୍ତ ଏବଂ ପୀଡ଼ିତା ବର୍ଷେରୁ ଅଧିକ ସମୟ ପର୍ଯ୍ୟନ୍ତ ସମ୍ବନ୍ଧରେ ଥିଲେ। ମହିଳା ତାଙ୍କ ସହ ଦୁଇ ଥର ଲଜ୍‌କୁ ମଧ୍ୟ ଯାଇଥିଲେ।

### ଗୋଟିଏ ସିଫ୍ଟରେ...

ଏକ୍ସାମିନେସନ (ଏନବିଇ)କୁ ପର୍ଯ୍ୟାପ୍ତ କେନ୍ଦ୍ର ମିଳି ନାହିଁ କହିବା ଅନୁଚିତ। ଏହି ତର୍କକୁ ଗ୍ରହଣ କରାଯିବ ନାହିଁ। ୨ଟି ପ୍ରଶ୍ନପତ୍ରର ଜଟିଳତା ସ୍ତର ମଧ୍ୟ ସମାନ ହୋଇପାରିବ ନାହିଁ। କେବଳ ଜଟିଳ ମାମଲାରେ ନର୍ମାଲାଇଜେସନକୁ ବ୍ୟବହାର କରାଯିବା ଉଚିତ। ନିୟମିତ ପରୀକ୍ଷାରେ ଏହାକୁ ବ୍ୟବହାର କରା ନ ଯିବା ଆବଶ୍ୟକ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ନିଟ୍-ପିଜି ପରୀକ୍ଷା ଜୁନ୍ ୧୫ରେ ହେବ। ଏବେ ବି ପରୀକ୍ଷା କେନ୍ଦ୍ର ଆଦି ଚୟନ କରିବା ପାଇଁ ୨ ସପ୍ତାହରୁ ଅଧିକ ସମୟ ରହିଛି। ଏହା ସତ୍ତ୍ୱେ ଯଦି ଅଧିକ ସମୟ ଦରକାର ତେବେ ଆବେଦନ କରିବାକୁ ସୁପ୍ରିମକୋର୍ଟ କହିଛନ୍ତି।

### ଜେଲ୍ ଗଲେ ଇଡି...

ଜାଣିବାକୁ ପାଇଲେ ତାଙ୍କ ନାମରେ ଏକ କେସ୍ ପଞ୍ଜିକୃତ ହୋଇଛି। ଏପରିକି ୨୦୨୫ ଜାନୁଆରୀ ୮ ତାରିଖରେ ତାଙ୍କ ଅଫିସରେ ମଧ୍ୟ ଇଡି ଚଢ଼ଉ କରିଥିଲା। ଏହି ମାମଲାରେ ଗତ ମାର୍ଚ୍ଚ ମାସରେ ସମନ୍ ପାଇ ସେ ଇଡି କାର୍ଯ୍ୟାଳୟରେ ହାଜର ହୋଇଥିଲେ। ସେ ଡେପୁଟି ଡାଇରେକ୍ଟରଙ୍କ ଚାମ୍ବରରେ ପହଞ୍ଚିବା ପରେ ତାଙ୍କୁ ମଧ୍ୟ ପଚରାଉଚରା କରାଯାଇଥିଲା। ପରେ ତାଙ୍କୁ ଇଡି କାର୍ଯ୍ୟାଳୟରେ ଭକ୍ତି ବେହେରାଙ୍କ ସହ ପରିଚିତ କରାଯାଇଥିଲା। ଭକ୍ତିଙ୍କ ସହ ଘଟଣା ସମ୍ପର୍କରେ ଯୋଗାଯୋଗରେ ରହିବାକୁ ତାଙ୍କୁ କୁହାଯାଇଥିଲା। ସେବେଠୁ ସେହି ତୃତୀୟ ବ୍ୟକ୍ତିଙ୍କ ଜରିଆରେ ଗତ ମେ ମାସ ୨୬ ତାରିଖରେ ସେ ଏକ ହୋଟେଲରେ ଭେଟଘାଟ ହୋଇଥିଲେ। କେସ୍‌ରୁ ମୁକାଳିବା ଓ ଅଯଥା ସମନ୍‌ରୁ ବର୍ତ୍ତିବାକୁ ତାଙ୍କୁ ଇଡି ଅଧିକାରୀ ଜଣକ ୫ କୋଟି ଟଙ୍କାର ଲାଞ୍ଚ ମାଗିଥିଲେ ବୋଲି ରତିକାନ୍ତ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଫୋନ ଯୋଗେ ସେହି ତୃତୀୟ ବ୍ୟକ୍ତି ଚିନ୍ତନ ରଘୁବଂଶୀଙ୍କ ସହ କଥା କରାଇଥିଲେ। ପରେ ୨ କୋଟି ଦେବା ପାଇଁ ସେ ରାଜି ହୋଇଥିଲେ। ଅଗ୍ରୀମ ଭାବେ ୫୦ ଲକ୍ଷ ଟଙ୍କା ଓ ପରେ ଦେବା ପାଇଁ ବିଲ୍ ଅନୁସାରେ କଥା ଛିଡ଼ିଥିଲା। ଗତ ୨୮ ମେ'ରେ ତାଙ୍କୁ ଲାଞ୍ଚ ଟଙ୍କା ଦେବା ପାଇଁ କୁହାଯାଇଥିଲା। ଯାହାକୁ ଆଧାର କରି ସେ ସିବିଆଇକୁ ଜଣାଇବା ପରେ ସିବିଆଇ ପଦକ୍ଷେପ ନେଇଥିଲା। ଭୁବନେଶ୍ୱରରେ ସିବିଆଇର ଜଣେ ଅଫିସରଙ୍କ ନେତୃତ୍ୱରେ ଏପରି ଲାଞ୍ଚ କାରବାର ଧରପଗଡ଼ ପାଇଁ ପୂର୍ବରୁ ଯୋଜନା ହୋଇଥିଲା। ଯୋଜନା ମୁତାବକ ରତିକାନ୍ତ ଗତକାଲି ରଙ୍ଗବୋଳା ଟଙ୍କା ନେଇ ଭୁବନେଶ୍ୱର ନୟାପଲ୍ଲୀ ଇଡି ଅଫିସରେ ଉପନିର୍ଦ୍ଦେଶକଙ୍କୁ ଦେବା ପାଇଁ ଯାଇଥିବା ବେଳେ ସିବିଆଇ ଟିମ୍ ଜଗି ରହିଥିଲେ। ସେଠାରେ ଲାଞ୍ଚ ଟଙ୍କା ନେବା ସମୟରେ ସିବିଆଇ ଅଧିକାରୀ ମାଡ଼ି ବସିଥିଲେ। ଉପନିର୍ଦ୍ଦେଶକ ରଘୁବଂଶୀ ଏବଂ ମଧ୍ୟସ୍ଥି ଭକ୍ତିଙ୍କ ଘର ସମେତ ଅଫିସ ଓ ଅନେକ ସ୍ଥାନରେ ମଧ୍ୟ ସିବିଆଇ ପକ୍ଷରୁ ଚଢ଼ଉ କରାଯାଇଛି।

### ସିକିମ୍‌ରେ ନଦୀକୁ...

ଗାଡ଼ିରେ ଆଗପଛ ହୋଇ ଫେରୁଥିଲେ। ପଛ ଗାଡ଼ିଟି ରାତ୍ରିରେ ଘାଟିରୁ ତଳକୁ ଖସିବା ସମୟରେ ଭାରସାମ୍ୟ ହରାଇ ଖାଇକୁ ଖସି ତିସ୍ତା ନଦୀରେ ପଡ଼ିଥିଲା। ଅନ୍ୟ ଗାଡ଼ିଟି ଆଉ ୫ଜଣଙ୍କୁ ନେଇ ଆଗକୁ ଚାଲିଯାଇଥିବାରୁ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲା। ଏହି ପର୍ଯ୍ୟଟକ ଦଳରେ ପଶ୍ଚିମବଙ୍ଗର ମଧ୍ୟ କିଛି ଯାତ୍ରୀ ଥିବା ସୂଚନା ମିଳିଛି।

ଦୁର୍ଘଟଣାର ସୂଚନା ପାଇବା ପରେ ଭାରତୀୟ ସେନା, ଆଇଟିବିପି, ସିକିମ ପୁଲିସ ଏବଂ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ରାତାରାତି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ବୁଡ଼ାଳି ଏବଂ ଦକ୍ଷ ଉଦ୍ଧାରକାରୀ ଦଳକୁ ମଧ୍ୟ ମୁତୟନ କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଅଞ୍ଚଳକୁ କର୍ଡନ କରି ଦିଆଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଲାଚେନ-ଲାଚୁଙ୍ଗ ମାର୍ଗରେ ନଆସିବା ପାଇଁ ଯାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି।

ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସ୍ୱତନ୍ତ୍ର ଟିମ୍‌କୁ ଘଟଣାସ୍ଥଳକୁ ଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମସିଂହ ତମାଙ୍ଗ ସହ ମଧ୍ୟ କଥା ହୋଇଛନ୍ତି। ଓଡ଼ିଶା ଯାତ୍ରୀଙ୍କ ବିଷୟରେ ପଚାରି ବୁଝିଛନ୍ତି। ଶ୍ରୀ ମାଝୀ ଯାତ୍ରୀଙ୍କ ସୁରକ୍ଷା ଏବଂ ଚିକିତ୍ସାକୁ ଗୁରୁତ୍ୱ ଦେଇଛନ୍ତି। ସିକିମ ଯାତ୍ରୀ କରିଥିବା ଓଡ଼ିଶା ପର୍ଯ୍ୟଟକଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ବ୍ୟବସ୍ଥା କରିବାକୁ ଶ୍ରୀ ମାଝୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଆରଡି ମୁଖ୍ୟଯନ୍ତ୍ରୀଙ୍କ...

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୈକୁଣ୍ଠଙ୍କ ଅନୁଗୋଳ ଜିଲ୍ଲାରେ ଥିବା ଘର ସମେତ ଭୁବନେଶ୍ୱର, ପୁରୀର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଅନୁଗୋଳ କାରଡ଼ାଗାଡ଼ିଆ ସ୍ଥିତ ବାସଭବନ, ଲୋକେଇପଶି ପୈତୃକ ବାସ ଭବନ, ମାଟିଆସାହି ଓ ଶିକ୍ଷକପଡ଼ାରେ ଥିବା ସମ୍ପର୍କୀୟଙ୍କ ଘରେ ଭିଜିଲାନ୍ସ ଚଢ଼ଉ କରିଛି। ଏହା ସହ ଭୁବନେଶ୍ୱରରେ ଥିବା ଅଫିସ, ଡୁମୁଡୁମାରେ ଥିବା ଫ୍ଲାଟ୍ ସମେତ ପୁରୀ ଜିଲ୍ଲା ପିପିଲିର ଶିଉଳାରେ ଫ୍ଲାଟରେ ଚଢ଼ାଉ କରାଯାଇଛି। ଅନୁଗୁଳ କରଡ଼ାଗାଡ଼ିଆ ଘରୁ ନଗଦ ୧କୋଟି ୩୪ଲକ୍ଷ ୩୪ ହଜାର ଟଙ୍କା ଜବତ କରାଯାଇଥିବା ବେଳେ ଭୁବନେଶ୍ୱର ଡୁମୁଡୁମା ଫ୍ଲାଟରୁ ୧କୋଟି ୨୧ଲକ୍ଷ ୯୫ ହଜାର ଟଙ୍କା ଜବତ କରାଯାଇଛି।

ତାଙ୍କ ନାମରେ କାରଡ଼ାଗାଡ଼ିଆରେ ଦୁଇ ତାଲା କୋଠା ରହିଥିବା ବେଳେ ଅନୁଗୁଳ ମାଟିଆସାହିରେ ଅନ୍ୟ ଏକ ଦୁଇ ତାଲା କୋଠା ରହିଛି। ସେହିପରି ଡୁମୁଡୁମା ଓ ସିଉଳାରେ ଫ୍ଲାଟ, ଭୁବନେଶ୍ୱର ଏବଂ ଅନୁଗୋଳରେ ୭ଟି ଦାମୀ ପ୍ଲଟ ରହିଛି। ୩ଟି ପ୍ଲଟ ଅନୁଗୋଳରେ ଥିବା ବେଳେ ୪ଟି ପ୍ଲଟ ପିପିଲିରେ ଅଛି। ଏହା ସହିତ ଘରୁ୧.୧କେଜିର ସୁନା ଗହଣା ଠାବ କରାଯାଇଥିବା ବେଳେ ବାବୁ ସେୟାର ମାର୍କେଟ ଏବଂ ଏମ୍‌ଏଫରେ ୨.୭୦କୋଟି ଟଙ୍କା ଲଗାଇଛନ୍ତି। ଏଥିସହ ବ୍ୟାଙ୍କ ଆକାଉଣ୍ଟ ଏବଂ ଇନ୍ସୁରାନ୍ସରେ ୧.୫କୋଟି ଟଙ୍କା ଜମା ରହିଥିବା ବେଳେ କୋଟିଏ ଚାରି ଚକିଆ ଯାନ ଏବଂ ଗୋଟିଏ ଦୁଇ ଚକିଆ ଏବଂ ୧୫.୪୪ଲକ୍ଷର ଘରର ଆସବାବପତ୍ର ରହିଛି। ବଡ଼ କଥା ହେଲା ବାବୁ ଦାମୀ ଘଣ୍ଟା ପିନ୍ଧିବାକୁ ଭଲ ପାଉଥିଲେ। ତାଙ୍କ ଘରୁ ୧୫ଟି ଦାମୀ ଘଣ୍ଟାକୁ ଜବତ କରାଯାଇଛି। ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ପତ୍ନୀଙ୍କ ନାଁରେ ଅନୁଗୋଳ ସ୍ଥିତ ଆକ୍ସିସ୍ ବ୍ୟାଙ୍କରେ ଗୋଟିଏ ଲକର ଅଛି।

ବୈକୁଣ୍ଠନାଥ ମୁଖ୍ୟଯନ୍ତ୍ରୀ ଭାବେ ୧୯୯୧ ସେପ୍ଟେମ୍ବର ୩୦ ତାରିଖରେ ସରକାରୀ ଚାକିରି ଆରମ୍ଭ କରିଥିଲେ। କଣିହା ବ୍ଲକରେ ପଞ୍ଚାୟତରାଜ ବିଭାଗରେ ଷ୍ଟାଇପେଣ୍ଡାରୀ ଯନ୍ତ୍ରୀ ଥିଲେ। ସେତବେଳେ ସେ ୨ହଜାର ପ୍ରତି ମାସରେ ଦରମା ପାଉଥିଲେ।୧୯୯୯ ଅକ୍ଟୋବର ୧୫ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକ୍‌ରେ ସେ ଯନ୍ତ୍ରୀ ଭାବେ କାମ କରିଥିଲେ। ପରେ ସୁନ୍ଦରଗଡ଼ ପିଡବ୍ଲୁ୍ୟଡି ଡିଭିଜନରେ ସହକାରୀ ଯନ୍ତ୍ରୀ(ନିୟମିତ) କାର୍ଯ୍ୟ କରିଥିଲେ। ୨୦୧୨ରେ ତାଳଚେର ଏବଂ ଅନୁଗୁଳରେ କାମ କରିଥିଲେ। ୨୦୧୬ରେ ଆଠମଲ୍ଲିକରେ ସହାକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ଆରଡି ଡିଭିଜନରେ କାମ କରୁଥିଲେ। ୨୦୨୩ରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ। ଏ ସମ୍ପର୍କରେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶବନ୍ତ ସିଂ ଜେଠୱା କହିଛନ୍ତି ଯେ, ଦୁର୍ନୀତି କରି ଅବସର ନେଇଗଲେ ଭିଜିଲାନ୍ସ ନଜର ପଡ଼ିବନି। ଅବସର ନେଲେ ବି ଭିଜିଲାନ୍ସ ଗୋଡାଇ ଧରିବ। ତେଣୁ ସେଭଳି କିଛି ସୀମା ଭିଜିଲାନ୍ସର ନାହିଁ। ଦୁର୍ନୀତି କଲେ ଭିଜିଲାନ୍ସ ଛାଡ଼ିବ ନାହିଁ। ବୈକୁଣ୍ଠ ଚାକିରି କାଳରେ ଏହି କଳାଧନ ଅର୍ଜନ କରିଥିବା ଜଣାପଡ଼ିଛି। ତେଣୁ ସବୁ ଦିନକୁ ନେଇ ତଦନ୍ତ କରାଯାଉଛି ବୋଲି ସେ କହିଛନ୍ତି।

### ସରଣ୍ଡାରୁ ମିଳିଲା...

ସହଯୋଗୀମାନେ ସରେଣ୍ଡା ଜଙ୍ଗଲ ଅନ୍ତର୍ଗତ କୋଲେହାନ ଅଞ୍ଚଳରେ ବଡ଼ଧରଣର ମାଓ ହିଂସା କରିବା ପାଇଁ ସେମାନଙ୍କର ଗତିବିଧି ରଖିଥିବାରୁ ଝାଡ଼ଖଣ୍ଡର ଚାଇଁବାସା ପୁଲିସ, କୋବ୍ରା ୨୦୩ ବାଟାଲିୟନ ପୁଲିସ, ୨୦୯ ବାଟାଲିୟନ ଜାଗୁଆର ପୁଲିସ, ସିଆରପିଏଫର ୨୬, ୬୦, ୧୩୪, ୧୭୪, ୧୯୩, ୧୯୭ ବାଟାଲିଅନ୍ ପକ୍ଷରୁ ନିୟମିତ ଭାବେ କମ୍ବିଂ ଅପରେସନ ଜାରି ରହି ଆସିଛି। ଗତ ମାର୍ଚ୍ଚ ୩ରେ ଛୋଟାନାଗରା ଏବଂ ଜରେଇକେଲା ଥାନା ସୀମାବର୍ତ୍ତୀ ଇଲାକାଗୁଡ଼ିକରେ ଏକ ବଡ଼ଧରଣର ଅପରେସନ ମଧ୍ୟ କରାଯାଇଥିଲା। ତେବେ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଅଧୀନ ବାଙ୍କୋ ନିକଟରୁ ୫ ଟନ୍ ବିସ୍ଫୋରକ ସାମଗ୍ରୀ ଲୁଟ ପରେ ଶୁକ୍ରବାର ମଧ୍ୟାହ୍ନରେ ସୀମାନ୍ତବର୍ତ୍ତୀ ଜରେଇକେଲା ଥାନା ଅଧୀନ ତିରିଲପୋଷିର ଜଙ୍ଗଲ ଭିତରେ ଥିବା ଏକ ମାଓ କ୍ୟାମ୍ପ ଉପରେ ଝାଡ଼ଖଣ୍ଡ ପୁଲିସ, ସିଆରପିଏଫ, ଜାଗୁଆର ପୁଲିସ ଓ କୋବ୍ରା ପୁଲିସ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇ ଥିଲା। ଏହାପରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା।

ଏହାପରେ ପୁଲିସକୁ ମିଳିଥିଲା ଏକ ବଡ଼ ସଫଳତା। ସେଠାରେ ଚାଲୁଥିବା ମାଓକ୍ୟାମ୍ପରୁ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ, ଜିଲେଟିନ ଷ୍ଟିକ୍ ସମେତ ମାଓବାଦୀଙ୍କ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ମାଓ ପୋଷାକ ଆଦି ଜବତ କରାଯାଇଥିଲା। ତେବେ ମାଓକ୍ୟାମ୍ପରୁ ଜବତ ବିସ୍ଫୋରକ ଗତ ୨୭ ତାରିଖ ଦିନ ବାଙ୍କୋରୁ ଲୁଟ ବିସ୍ଫୋରକ କି ନାହିଁ, ସେନେଇ ଓଡ଼ିଶା କି ଝାଡ଼ଖଣ୍ଡ ପୁଲିସ ସ୍ପଷ୍ଟ କରିନାହାନ୍ତି। ଏତଦ୍‌ବ୍ୟତୀତ ପୁଲିସର ମିଳିତ ଅପରେସନ ବେଳେ ତିରିଲପୋଷିର ଜଙ୍ଗଲିଆ ରାସ୍ତାରେ ଏକ ଭୟଙ୍କର ଆଇଇଡି ବିସ୍ଫୋରଣ ଘଟିଥିଲା। ଯାହାକୁ କି ପୂର୍ବରୁ ମାଓବାଦୀମାନେ ପୁଲିସ ଯବାନମାନଙ୍କ ପ୍ରାଣହାନୀ ନିମନ୍ତେ ଖଞ୍ଜି ଥିଲେ। ଏହି ବିସ୍ଫୋରଣରେ କୋବ୍ରା ୨୦୯ ବାଟାଲିୟନର ଜଣେ ଯବାନ ଅମିତ କୁମାର ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି।

ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି ଯେ ଗତ ୨୭ ତାରିଖ ଦିନ ରାତି ସାଢ଼େ ୮ଟାରେ ବାଙ୍କୋଷ୍ଟୋନ କ୍ୱାରି ନିକଟରେ ୨୦୦ ପ୍ୟାକେଟ ବିସ୍ଫୋରକ ସାମଗ୍ରୀ ଅନଲୋଡିଂ ବେଳେ ମାଓବାଦୀମାନେ ଲୁଟି ନେଇଥିଲେ। ୨୭ ତାରିଖ ରାତିରୁ ଆଜି ପର୍ଯ୍ୟନ୍ତ ସରଣ୍ଡା ଜଙ୍ଗଲରେ ମିଳିତ ଏସଓଜି, ସିଆରପିଏଫ, କୋବ୍ରା, ଜାଗୁଆର ପକ୍ଷରୁ କମ୍ବିଂ ଅପରେସନ ଜାରି ରହିଥିବା ବେଳେ ଆଜି ତିରିଲପୋଷି ଜଙ୍ଗଲ ଭିତରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏହି ସମୟରେ ସୁରକ୍ଷା କର୍ମୀମାନେ ବିପୁଳ ମାତ୍ରାରେ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି।

# ହମ୍ପସରେ ବାଇକ୍‌ରୁ ପଡ଼ି ମହିଳାଙ୍କ ମୃତ୍ୟୁ

**ବାରିପଦା, ୩୦।୫(ସମିସ):** ଝିଅ ଘରକୁ ଯିବା ରାସ୍ତାରେ ପୁଅର ବାଇକରୁ ପଡ଼ିଯିବାରୁ ତାଙ୍କ ମା'ଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ, ବଡ଼ସାହି ଥାନା ଖାନୁଆ ଗ୍ରାମର କୁମୁଦିନି ଗିରି (୫୪)। ଶୁକ୍ରବାର ପୂର୍ବାହ୍ନରେ କୁମୁଦିନୀ ଖାନୁଆସ୍ଥିତ ଘରୁ ପୁଅ ସହ ବାଇକ୍‌ରେ ଝିଅଘର ବାଙ୍ଗିରିପୋଷିକୁ ଯାଉଥିଲେ। ବାରିପଦାରେ ପହଞ୍ଚିବା ପୂର୍ବରୁ ୧୯ନଂ ରାଜ୍ୟ ରାଜପଥର ନୁରୁଡିହି ଛକ ନିକଟ ଏକ ହମ୍ପସରେ ସେ ବାଇକରୁ ପଡ଼ିଯାଇଥିଲେ। ଏଥିରେ ତାଙ୍କ ମୁଣ୍ଡ ପଛପଟରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଛି ପୁଲିସ।

# ପାରିବାରିକ କଳହରୁ ସ୍ତ୍ରୀକୁ ଛୁରାମାଡ଼

**ବାରିପଦା, ୩୦।୫(ସମିସ):** ପାରିବାରିକ କଳହରୁ ପତ୍ନୀଙ୍କୁ ମଦ୍ୟପ ସ୍ୱାମୀ ଛୁରାମାଡ଼ କରିଛି। ଏଭଳି ଏକ ଘଟଣା ବାରିପଦା ଟାଉନ୍ ଥାନା ଅନ୍ତର୍ଗତ ଲାଲବଜାର ଅଞ୍ଚଳରେ ଘଟିଛି। ଛୁରାମାଡ଼ରେ ସ୍ତ୍ରୀ ଗୁରୁତର ଅବସ୍ଥାରେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଆହତ ମହିଳା ଜଣକ ହେଲେ, ପୋଡ଼ାଅସ୍ତିଆ ଅଞ୍ଚଳର କବିତା ଦିଗାର। ଅଭିଯୁକ୍ତ ସ୍ୱାମୀ ରବୀନ୍ଦ୍ର ଦିଗାରକୁ ବାରିପଦା ଟାଉନ ଥାନା ପୁଲିସ ଗିରଫ କରିଛି।

ଶୁକ୍ରବାର ପୂର୍ବାହ୍ନ ୧୦ଟା ବେଳେ ବାରିପଦା ଏମକେସି ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏହି ଘଟଣା ଘଟିଛି। ପୂର୍ବରୁ ପାରିବାରିକ କଳହ ଯୋଗୁଁ କବିତା ବାଙ୍କିଶୋଳସ୍ଥିତ ନିଜ ବାପଘରେ ରହୁଥିଲେ। ତାଙ୍କ ସ୍ୱାମୀ ରବୀନ୍ଦ୍ର କୌଣସି କାମ ପାଇଁ ବାରିପଦା ଆସିଥିବା ବେଳେ ସ୍ୱାମୀଙ୍କ ସହିତ ରାସ୍ତାରେ ମୁହାଁମୁହିଁ ହୋଇଥିଲେ। ସାମାନ୍ୟ ବଚସାରୁ ରବୀନ୍ଦ୍ର ରାସ୍ତାରେ କବିତାଙ୍କୁ ଏକ ଧାରୁଆ ଛୁରିରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ବେକରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଆହତ ଅବସ୍ଥାରେ ସ୍ଥାନୀୟଲୋକେ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ସ୍ଥାନୀୟ ଲୋକେ ରବୀନ୍ଦ୍ରଙ୍କୁ ଉତ୍ତମ ମଧ୍ୟମ ଦେଇ ପୁଲିସ ଜିମା ଦେଇଥିଲେ।


E-132

OFFICE OF THE DEAN & PRINCIPAL
PANDIT RAGHUNATH MURMU MEDICAL COLLEGE & HOSPITAL, BARIPADA, MAYURBHANJ
AT-RANGAMATIA, PO-LAXMIPOSI, PIN-757 107, MAYURBHANJ, ODISHA
Ph. No.: 06792 240401, E-mail: prmmchbaripada@gmail.com / officeprmmch@gmail.com

NOTICE INVITING TENDER

Reference No. 2919 / I-33-PRMMCH-2025 / Dated. 29-05-2025

Sealed tender are invited in the prescribed format from interested reputed Contractors / Caterers and firms having experience of running a mess or a canteen of more than 100 persons in renowned institution or public places, which must confirm to the terms and conditions for running the staff canteen in PRMMCH, Rangamatia, Baripada. The Tender can be downloaded from the PRM medical college official website (www.dmetodisha.gov.in & www.prmmch.nic.in ) from dt.02-06-2025. The last date of submission of bid documents is dt.23-06-2025 by 5.30 PM.

Sd/-
Dean & Principal, PRMMCH, Baripada

OIPR - 10120/11/0019/2526



SISHU SEVA ASHRAM
ADVERTISEMENT

Applications are invited from eligible candidates for filling of following vacant posts for Children's Home of SISHU SEVA ASHRAM. The posts are purely contractual and co-terminus with the project. Bio-data along with educational qualification certificates and marksheet should be sent via speed post/ registered post to the Secretary, Sishu Seva Ashram, At-Balijori, Po-Kiakachhar, Ps- Sadar, Dist- Sundargarh(Odisha) Pin-770020 on or beforedt. 15.06.2025 positively. The candidate applying for different posts should apply separately for each category of post. No other mode of application will be accepted.

Indicative Qualification of Human Resources for Sishu Seva Ashram(CCI) under Mission Vatshalya

| Sl.No. | Name of the Post | Qualification | Age Limit | No. of vacant post | Remuneration per month |
|---|---|---|---|---|---|
| 1. | Paramedical Staff | Compounder/Pharmacist/having Diploma in Ayurvedic Homeopathic/ Unani from institutions recognized by Govt. of India. | Lower Age Limit 21 years; Upper Age Limit 45 years as on dt. 01-04-2025 | One (Male) | Rs.11,916/- |
| 2. | Housefather | Arts and Science Graduate from a recognized University | | One (Male) | Rs. 14,564/- |
| 3. | Cook | Under Matric (8th-10th) | | One (Male) | Rs.9,930/- |
| 4. | Helper-Cum-Night Watchman | Under Matric (8th-10th) | | One (Male) | Rs.7,944/- |
| 5. | Housekeeper | Under Matric (8th-10th) | | One (Female) | Rs.7,944/- |

Sd/- Secretary
Sishu Seva Ashram, Balijori



ବ୍ୟାଙ୍କ ଅଫ୍ ଇଣ୍ଡିଆ BOI Bank of India

ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡ଼ି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍-୦୬୭୪-୨୩୬୨୨୪୯

ସୁନା ନିଲାମ ବିଜ୍ଞପ୍ତି

ଏତଦ୍ୱାରା ନିମ୍ନଲିଖିତ ସୁନା ଋଣଗ୍ରହୀତା, ସେମାନଙ୍କର ଆଇନଗତ ଉତ୍ତରାଧିକାରୀ ଓ ସୁନା ଅଳଙ୍କାର ବ୍ୟବସାୟରେ ଜଡ଼ିତ ଥିବା ବ୍ୟକ୍ତି ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ନିମ୍ନଲିଖିତ ଋଣଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରୁନାହାଁନ୍ତି। ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଯଦି ସେମାନେ ସେମାନଙ୍କର ସମ୍ପୃକ୍ତ ସୁନା ଋଣ ଆକାଉଣ୍ଟ ବାବଦ ବକେୟା ଦେୟ (ଅଦ୍ୟାବଧି ସମସ୍ତ ସୁଧ ଏବଂ ଦେୟ/ଆଇନଗତ ଖର୍ଚ୍ଚ ଅନ୍ତର୍ଭୁକ୍ତ କରି) ତା.୧୭.୦୬.୨୦୨୫ରିଖ ସୁଦ୍ଧା ପଇଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡ଼ିକୁ ତା.୧୮.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡ଼ିକୁ ନିମ୍ନରେ ଦର୍ଶାଯାଇଥିବା **ସମ୍ପୃକ୍ତ ଶାଖା ପରିସରରେ** ସର୍ବସାଧାରଣରେ ନିଲାମ କରାଯିବ। ବ୍ୟାଙ୍କ ସମ୍ପୃକ୍ତ ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା କିମ୍ବା କ୍ଷତି ନିମନ୍ତେ ଦାୟୀ ହେବ ନାହିଁ ଏବଂ କୌଣସି ଋଣଗ୍ରହୀତାଙ୍କ ପକ୍ଷରୁ ଏ ବାବଦ କୌଣସି ଅଭିଯୋଗ କିମ୍ବା ପ୍ରତିନିଧିତ୍ୱକୁ ପ୍ରଶୟ ଦେବ ନାହିଁ। ଯଦି ନିଲାମ ରାଶି ଅପର୍ଯ୍ୟାପ୍ତ କିମ୍ବା କମ୍ ହୋଇଥାଏ ତେବେ କୌଣସି କାରଣ ନଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। ପୁନଶ୍ଚ ଆବଶ୍ୟକସ୍ଥଳେ ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଉପରୋକ୍ତ ସ୍ଥିରିକୃତ ନିଲାମର ତାରିଖ, ସମୟ ଏବଂ ସ୍ଥାନକୁ ପରିବର୍ତ୍ତନ କିମ୍ବା ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। ସୁନା ଅଳଙ୍କାର / କଏନ୍ ଗୁଡ଼ିକର ଶୁଦ୍ଧତା ଓ ନେଟ୍ ଓଜନ ଏବଂ ସଂରକ୍ଷିତ ମୂଲ୍ୟ ଇତ୍ୟାଦି ଇଚ୍ଛୁକ ନିଲାମଧାରୀମାନଙ୍କ ନିମନ୍ତେ ନିଲାମ ତାରିଖ ଦିନ ଏବଂ ନିଲାମର ସାଇଟ୍ / ନିଲାମ ପୋର୍ଟାଲରେ ଉପଲବ୍ଧ ହେବ।

| କ୍ର. ନଂ. | ଆକାଉଣ୍ଟ ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମରେ) | ନେଟ୍ ଓଜନ (ଗ୍ରାମରେ) | ୩୦.୦୪.୨୦୨୫ ସୁଦ୍ଧା ମୋଟ ବକେୟା ଦେୟ (ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଓ ଦେୟ ଇତ୍ୟାଦି ବ୍ୟତିତ) |
|---|---|---|---|---|---|
| ବ୍ୟାଙ୍କ ଅଫ୍ ଇଣ୍ଡିଆ, ଚନ୍ଦନପୁର ଶାଖା, ଚନ୍ଦନପୁର ବଜାର, ଚନ୍ଦନପୁର, ପୁରୀ-୭୫୨୦୧୨, ମୋ.: ୭୦୨୦୭୭୧୨୭୧ | | | | | |
| ୧. | ୫୧୬୪୭୭୬୧୦୦୦୨୮୯୨ | ଜୟନ୍ତ କୁମାର ପ୍ରଧାନ, ସା: କୁରୁଞ୍ଜି, ପୋ: ହଳୁକ, ଜିଲ୍ଲା: ପୁରୀ, ପିନ୍-୭୫୨୦୧୨ | ୭.୪୫୦ | ୪.୯୫୦ | ଟ.୨୫,୬୨୭.୦୦ |
| ବ୍ୟାଙ୍କ ଅଫ୍ ଇଣ୍ଡିଆ, ନିମପୁର ଶାଖା, ଆଇବି ରୋଡ୍, ଜେନାମଣୀ ମଣ୍ଡପ, ଜଗତପୁର, କଟକ-୭୫୪୦୨୧, ମୋ.: ୭୦୦୮୩୯୦୯୮୬ | | | | | |
| ୧. | ୫୧୧୭୭୭୬୧୦୦୦୦୬୭୬ | ରେଣୁକା ସାହୁ, ମାର୍ଫତ: ଅଶୋକ ସ୍ୱାଇଁ, ସା: ଶିକାରୀପୁର, ଜଗତପୁର, କଟକ-୭୫୪୦୨୧ | ୬.୧୯୦ | ୩.୮୦୦ | ଟ.୧୩,୪୮୨.୦୦ |

ସ୍ଥାନ: ଭୁବନେଶ୍ୱର, ତାରିଖ: ୩୦.୦୫.୨୦୨୫ — ଆଞ୍ଚଳିକ ପ୍ରବନ୍ଧକ, ବ୍ୟାଙ୍କ ଅଫ୍ ଇଣ୍ଡିଆ



AFFIDAVIT

By virtue of an affidavit sworn before Executive Magistrate, Jagatsinghpur, dated 30.05.2025, Sl. No.9464, I Samir Kumar Nayak, Address At- Manijang, Po- Tyandakura, Ps.-Kishannagar, Dist-Cuttack declare that I have changed the name of my son from **Asutosh Nayak** to **Ashutosh Nayak**. Henceforth, he shall be known as **Ashutosh Nayak** for all purposes.

Sd/- Samir Kumar Nayak

AFFIDAVIT

I, Smt. Kanchan Manjari Routray, W/o- Anjan Kumar Routray resident of Plot No. 56(P), Kanchan Nivas, Basundhara Lane, Bidanasi, Cuttack, Pin- 753014, Dist.-Cuttack declare by this affidavit no.124(A) dt.13.3.25 that, now onwards I shall be known as **Smt. Kanchan Manjari Jena** for all future purposes.

AFFIDAVIT

By Virtue of an affidavit SL. No: 2595, Dtd 29.05.2025 before the Notary Public, Umerkote, Dist: Nabarangpur, I, Dahana Santa have changed my name from Dahana Paraja to Dahana Santa. Henceforth I shall be Known as Dahana Santa for all Purpose.

Sd/- Dahana Santa

AFFIDAVIT

By virtue of an affidavit sworn before the Executive Magistrate, Tangi, Dist- Khordha on dated 22/05/2025, I **NIRANJAN MAJHI**, S/o Maguni Majhi resident of Village At-Bhagabatipada, Po/Ps-Nirakarpur, Dist- Khordha, Odisha declare that I have changed my name from **NIRANJANA MAJHI** to **NIRANJAN MAJHI**. Henceforth, I shall be known as **NIRANJAN MAJHI** for all future purposes.

Sd- NIRANJAN MAJHI

AFFIDAVIT

By virture of an affidavit before The Executive Magistrate, Padampur. I, **Prashant Sahu,** S/o- Ujal Sahu, resident of Gourenmunda, PO-Gourenmunda, Dist- Bargarh, Odisha that my son actual name is **Santosh Sahu** as per her Aadhaar Card (No-373750795370), her name has been wrongly mentioned as **Kirttichandra Sahu.** Santosh Sahu and Kirttichandra Sahu are same and one Person, Henceforth, he will be known as **Santosh Sahu** in all future purpose.

Prashant Sahu

AFFIDAVIT

I, Sk sahajad s/o sk kasim, resident of at/po-poda astia, Ps- Baripada town, Dist-Mayurbhanj, Pin-757049, Odisha, declare by this dtd. 28/05/2025 affidavit no.3438 that now onwards his minor son **sk md sahid raza** shall be known as **sk sahid raza** for all future purposes.

AFFIDAVIT

By Virtue of an affidavit No: 44, Dtd 30.05.2025 in the court of Executive magistrate, Nandapur, Dist: Koraput, I, Samaru muduli have changed my Minor Son's name from Sonu Muduli to Ajit Muduli. Henceforth he will be known as Ajit Muduli instead of Sonu Muduli for all purpose .

Sd/- Samaru Muduli



LOST

ମୁଁ ଶ୍ରୀ ସମାର ବିଶ୍ୱାଳ ପିତା- ସ୍ୱ ବାଉରବନ୍ଧୁ ବିଶ୍ୱାଳ, ଗ୍ରାମ/ପୋଷ୍ଟ- [illegible], ଥାନା- [illegible], ଜିଲ୍ଲା- ପୁରୀ ମୋର ଏକ କବଲା ତା [illegible] ରିଖ କାକଟପୁର [illegible] ସ୍ଥିତ ସବରେଜିଷ୍ଟ୍ରାରରେ ହୋଇଥିଲା। ଏଥିରେ ଖାତା ନମ୍ବର [illegible] ରୁ ତିନିଗୋଟି ପ୍ଲଟ ଯଥା [illegible] ଓ ଖାତା ନମ୍ବର [illegible] ରୁ ଏକଗୋଟି ପ୍ଲଟ [illegible] ଏହିପରି ଦୁଇଗୋଟି ଖାତାରୁ ଚାରିଗୋଟି ପ୍ଲଟ୍ [illegible] କୁମାର ରାଉତ ପିତା [illegible] ରାଉତ ଙ୍କ ଠାରୁ ସମାର ବିଶ୍ୱାଳ ଓ [illegible] କୁମାର ବିଶ୍ୱାଳ ପିତା- ବାଉରବନ୍ଧୁ ବିଶ୍ୱାଳଙ୍କ ନାମରେ କ୍ରୟ କରାଯାଇଥିଲା କିନ୍ତୁ ଉକ୍ତ କବଲା (ଦଲିଲ) ଗୁଡ଼ିକ କେଉଁଠାରେ ଅଜାଣତରେ ହଜିଯାଇ ଅଛି । ଯାହାକୁ ଖୋଜାଖୋଜି କଲେ ମଧ୍ୟ ମିଳୁନାହିଁ।



SALE

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

### ଆଜି ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବବିବାହ

# ବୈଦିକ ରୀତିନୀତିରେ ସମ୍ପନ୍ନ ହେଲା ମଙ୍ଗଳକୃତ୍ୟ

ଭଦ୍ରକ/ଆରଡ଼ି,୩୦।୫(ସମିସ)



ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବବିବାହ ପାଇଁ ଉତ୍ସବମୁଖର ଆରଡିପୀଠ। ଶନିବାର ବିବାହ ବନ୍ଧନରେ ବାନ୍ଧି ହେବ ଦେବଦମ୍ପତି। ବୈଦିକ ରୀତିନୀତି ଓ ଲୋକାଚାରରେ ମାନବୀୟ ଲିଳାରେ ଭାବେ ଶୁକ୍ରବାର ବରପିତା ଓ କନ୍ୟାପିତାଙ୍କ ପକ୍ଷରୁ ମଣିବାବାଙ୍କ ଚଳନ୍ତିପ୍ରତିମା ହର ଓ ମାତା ପାର୍ବତୀଙ୍କ ଚଳନ୍ତିପ୍ରତିମା ଗୌରୀଙ୍କୁ ଘଣ୍ଟକୀର୍ତ୍ତନ, ଛତ୍ର ଆଲଟ ଚାମର ଦ୍ୱାରା ଏକ ସୁସଜ୍ଜିତ ପାଲିଙ୍କିରେ ନେବା ପରେ ୭ଜଣ ମହିଳାଙ୍କ ଦ୍ୱାରା ହଳଦୀ, ପଞ୍ଚାମୃତରେ ମଙ୍ଗଳକୃତ୍ୟ ନୀତି କରାଯାଇଥିଲା। ପରେ ଜାଇ ରଗଡା ଯିବା ସହ ହରଗୌରୀଙ୍କୁ ସୁସଜ୍ଜିତ କରାଯାଇ ଭୋଗ ଅର୍ପଣ କରାଯାଇଥିଲା। ଶନିବାର ସକାଳ ୧୦ଟାରେ ବରଧରା ଗମନ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହ ଅପରାହ୍ଣରେ ମଣିବାବା ଓ ମାତା ପାର୍ବତୀ ରାଜରାଜେଶ୍ୱର ଓ ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେବେ ଭକ୍ତଙ୍କୁ। ସନ୍ଧ୍ୟା ୭ଟାରେ ବରାନୁଗମନ ଶୋଭାଯାତ୍ରା ଅନୁଷ୍ଠିତ ହେବା ସହିତ ମଧ୍ୟରାତ୍ରରେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀକ୍ଷେତ୍ର ପୁରୀଧାମର ସାହିମେଢ ନୃତ୍ୟ, ଢେଙ୍କାନାଳର ଦୁଲୁଦୁଲି ବାଦ୍ୟ, ପଶ୍ଚିମବଙ୍ଗ ମେଦିନପୁରର ମୟୁରଚୂଳିଆ ବାଦ୍ୟ ଦଳଙ୍କ ସହ ବ୍ରହ୍ମପୁରର ଯୋଡିଶଙ୍ଖ ନୃତ୍ୟ ଦଳ ପୀଠ ପହଁଚିଯାଇଛନ୍ତି। ବାଜା, ବାଣ ରୋଷଣୀ ସହ ଲକ୍ଷାଧିକଭକ୍ତଙ୍କ ଗହଣରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ସମ୍ପନ୍ନ ହେବ ବୋଲି ମନ୍ଦିରର ସେବାୟତ କହିଛନ୍ତି।

- ୧୦ଟାରେ ବରଧରା ଗମନ
- ସନ୍ଧ୍ୟା ୭ଟାରେ ବରାନୁଗମନ ଶୋଭାଯାତ୍ରା
- ରାଜରାଜେଶ୍ୱର ବେଶରେ ଦର୍ଶନ ଦେବେ ମଣିବାବା

## ବଜ୍ରପାତରେ ଯୁବଚାଷୀ ମୃତ

**ତିହିଡ଼ି,୩୦।୫(ସମିସ):** ତିହିଡ଼ି ଥାନା ଅଧୀନ କାଁପଡା ପଞ୍ଚାୟତର ତଳକାଁପଡା ଗାଁରେ ଆଜି ଅପରାହ୍ଣରେ ବଜ୍ରପାତରେ ଜଣେ ଯୁବଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଦେବେନ୍ଦ୍ର ମଲ୍ଲିକ(୨୬)। ସୂଚନାନୁଯାୟୀ, ଆଜି ଦେବେନ୍ଦ୍ର ନିଜ ବିଲ୍‌ରେ ଟ୍ରାକ୍ଟର ଯୋଗେ ଚାଷ ହେବା ପାଇଁ ଯାଇଥିଲେ। ତେବେ ଅପରାହ୍ଣ ୪ଟା ବେଳେ ହଠାତ ବଜ୍ରପାତରେ ସେ ତଳେ ଟଳି ପଡିଥିଲେ। ତାଙ୍କୁ ତୁରନ୍ତ ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନୂତନ ତହସିଲଦାରଙ୍କ ଯୋଗଦାନ



**ଦୋବଲ/ଧାମନଗର,୩୦।୫(ସମିସ):** ଧାମନଗରର ନୂତନ ତହସିଲଦାର ଭାବେ ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ଯୋଗଦେଇଛନ୍ତି। ଜଣେ ସାହିତ୍ୟିକ, ଗାଳ୍ପିକ ଓ ସାମ୍ବାଦିକ ଭାବେ ସେ ପରିଚିତ। କଟକ ଶଙ୍କରପୁରରେ ଜନ୍ମିତ ସାଇଶ୍ରୀ, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତର ଶିକ୍ଷା ସମାପ୍ତ ପରେ ସାମ୍ବାଦିକତା ପଢ଼ିଥିଲେ। ଏହାପରେ ହାଇଦ୍ରାବାଦ, ବେଙ୍ଗଲୁରୁ ଓ ଭୁବନେଶ୍ୱରରେ ବିଭିନ୍ନ ଇଂରାଜୀ ଖବରକାଗଜରେ ସହସଂପାଦକ ଓ ବାର୍ତ୍ତା ସଂପାଦକ ଭାବେ କାର୍ଯ୍ୟ ସଂପାଦନ କରିଥିଲେ। ଆକାଶବାଣୀ ଯୁବବାଣୀରେ ମଧ୍ୟ ସେ ଉପସ୍ଥାପକ ଭାବେ କାର୍ଯ୍ୟ କରିଛନ୍ତି। ୨୦୧୧ରେ ସେ ଓଡ଼ିଶା ରାଜସ୍ୱ ସେବାରେ ଯୋଗ ଦେଇଥିଲେ। କୋରାପୁଟର ଆସିଷ୍ଟାଣ୍ଟ କଲେକ୍ଟର, ପରଜଙ୍ଗର ସବ ରେଜିଷ୍ଟ୍ରାର, ଢେଙ୍କାନାଳର ଭୂ-ଅଧିଗ୍ରହଣ ଅଧିକାରୀ ଭାବେ କାମ କରିଥିଲେ। ପରେ ପରେ ୨୦୨୩ରେ ଯାଜପୁର ଜିଲ୍ଲା ବରୀ, ୨୦୨୪ରେ ବାଲେଶ୍ୱର ବାଲିଆପାଳର ତହସିଲଦାର ନିଯୁକ୍ତ ହୋଇଥିଲେ। ବର୍ତ୍ତମାନ ଧାମନଗରର ତହସିଲଦାର ଭାବେ ନିଯୁକ୍ତି ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ତହସିଲଦାର ସାଇ ସିଲୋନା ଓ ଅନ୍ୟ କର୍ମଚାରୀ ନୂତନ ତହସିଲଦାରଙ୍କୁ ସ୍ୱାଗତ ଜଣାଇଥିଲେ।

## ସୟାରେ ରକ୍ତଦାନ ଶିବିର



**ତିହିଡ଼ି,୩୦।୫(ସମିସ):** ଅପରେସନ ସିନ୍ଦୂର ସଫଳତା ଓ ଏଥିରେ ସହିଦ ହୋଇଥିବା ବୀର ଯବାନଙ୍କ ସ୍ମୃତିରେ ସୟା ମହାଦେବସାହି ସ୍ଥିତ ଶ୍ରୀ ଶ୍ରୀ ବାସୁଦେବ ଜୀଉ ଯୁବକ ସଂଘ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ମହାଲିକଙ୍କ ନେତୃତ୍ୱ ଓ ଯୁବ ସମାଜସେବୀ କାହ୍ନୁଚରଣ ଶତପଥୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରକୁ ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ମୁଖ୍ୟ ଅତିଥିଭାବେ ଉଦଘାଟନ କରିଥିଲେ। ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ସମାଜସେବୀ ଧୀରେନ୍ଦ୍ର ସାହୁ, କାନ୍ତକବି ମଣ୍ଡଳ ବିଜେପି ସଭାପତି କେଶବ ଚରଣ ବେହେରା, ବରିଷ୍ଠ ନାଗରିକ କୁଞ୍ଜବିହାରୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଗ୍ରାମର ସମସ୍ତ ଗ୍ରାମବାସୀ ଓ ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିପଦ ସଙ୍କୁଳ ଚକବନ୍ଧୀ ଛକ



**ବାରିକପୁର,୩୦।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ଏହି ସବୁ ସ୍ଥାନ ମାନଙ୍କରେ ଦୁର୍ଘଟଣା ଘଟି ଧନଜୀବନ ନଷ୍ଟ ହେଉଛି। ତନ୍ମଧ୍ୟରୁ ପାଳଦା ବାଙ୍କ ନିକଟସ୍ଥ ଚକବନ୍ଧୀ ଛକ ଅନ୍ୟତମ। ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ପକ୍ଷରୁ ୬ ଲାଇନ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ବେଳେ ଏହି ଚକବନ୍ଧୀ ଛକରେ କିଛି ଅଂଶକୁ ଖୋଲା ମେଲା ରଖା ଯାଇଛି। ଯେପରିକି ଯାନବାହାନ ଓ ପଥଚାରୀ ମାନେ ରାସ୍ତାର ଉଭୟ ପାର୍ଶ୍ୱ କୁ ପରିବର୍ତ୍ତିତ ହୋଇ ପାରିବେ। ପରିତାପର ବିଷୟ ଦୁଇ ରାସ୍ତା ମଝିରେ ଏହି ସ୍ଥାନଟି ରହିଥିବା ବେଳେ ଅନେକ ସମୟରେ ଏଠାରେ ଦୁର୍ଘଟଣା ମାନ ଘଟୁଛି। ଗତ କିଛି ବର୍ଷ ମଧ୍ୟରେ ରାସ୍ତା ଅତିକ୍ରମ କରୁଥିବା ବେଳେ କିଛି ଲୋକ ଏଠାରେ ଦୁର୍ଘଟଣା ର ଶିକାର ହୋଇ ମୃତ୍ୟୁ ବରଣ କରିଛନ୍ତି। ଏହାଛଡା ଅନେକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଗାଁର ଗାଈଗୋରୁ ଚାରଣ ସାରି ଏହି ପଥ ଦେଇ ରାସ୍ତା ପାରି ହେଉଥିବା ବେଳେ ମଧ୍ୟ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ମୁଖରେ ପଡିଛନ୍ତି। ଚକବନ୍ଧୀ ଛକ ଠାରୁ ପାଳଦା ବାଙ୍କ ଯାଏଁ ଜାତୀୟ ରାଜପଥକୁ ସଂଯୋଗୀ ରାସ୍ତା ନିର୍ମାଣ ହୋଇନଥିବା ବେଳେ ଏହିଠାରେ ଲୋକେ ଭଣ୍ଡାରିପୋଖରୀ ବଜାର ସମେତ ଅନ୍ୟାନ୍ୟ ସ୍ଥାନକୁ ଯିବା ସକାଶେ ରାସ୍ତା ଅତିକ୍ରମ ପାଇଁ ନିର୍ଭର କରୁଛନ୍ତି। ତେଣୁ ଏଥିପାଇଁ ଦୁର୍ଘଟଣା ଘଟୁଥିବା କୁହାଯାଇଛି। ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଅନିୟମିତତା କାର୍ଯ୍ୟର ତଦନ୍ତ ଦାବି

**ଅସୁରାଳି,୩୦।୫(ସମିସ):** ଧୂଷୁରୀ ପଞ୍ଚାୟତରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରକଳ୍ପର ଅନିୟମିତତା ହୋଇଥିବା ଉପଲବ୍ଧି କରି ସ୍ଥାନୀୟ ଅଧିବାସୀ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ନିକଟରେ ଫେରାଦ ହୋଇଛନ୍ତି । ସମସ୍ତ ପ୍ରକଳ୍ପର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏକ ଦାବିପତ୍ର ମଧ୍ୟ ଦିଆଯାଇଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭିଜିଲାନ୍ସ ଏବଂ ଧାମନଗର ବିଡିଓଙ୍କୁ ମଧ୍ୟ ଅବଗତ କରାଯାଇଛି । ଉକ୍ତ ଦାବିପତ୍ରରେ ପଞ୍ଚାୟତରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିଲେ ମଧ୍ୟ ତାହାର ବିଲ କେମିତି ହୋଇଛି ସେ ନେଇ ପ୍ରଶ୍ନ କରାଯାଇଛି। ଧୂଷୁରୀ ମୁରଲୀଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ୫ଟି କାର୍ଯ୍ୟ ସରିଥିବା ବେଳେ ପୁନର୍ବାର ମୋ ସ୍କୁଲ ଅଭିଯାନ ( ବିଲ ନମ୍ବର -୪୮/୨୩-୨୪. କେସ ନମ୍ବର -୧୪୯ରୁ ୧୬୧) ସାଢେ ୪ ଲକ୍ଷ ଟଙ୍କାରେ କାର୍ଯ୍ୟ କରାଯାଇ ପୁଣି ବିଲ୍ କରାଯାଇଛି । ସେହିପରି ରାଜ୍ୟ ଅର୍ଥରୁ ଧୂଷୁରୀ ପଶୁ ଚିକିତ୍ସାଳୟ କାର୍ଯ୍ୟାଳୟର ପାରିପାର୍ଶ୍ୱିକ ଉନ୍ନତି ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ବିଲରେ ଲେଖାଅଛି ଧୂଷୁରୀ ପଶୁ ଚିକିତ୍ସାଳୟ ପାରିପାର୍ଶ୍ୱିକ ଉନ୍ନତି (କାର୍ଯ୍ୟ ଆପେକ୍ସ ସ୍କୁଲ) ଯାହାର ବିଲ ନମ୍ବର ୧୨/୨୪-୨୫ ପୃଷ୍ଠା ନମ୍ବର ୨୧-୩୬ ରେ ବିଡ଼ିଓ ଦେଇଥିବା ଅଣ୍ଡରଟେକିଙ୍ଗରେ ଧୂଷୁରୀ ପଶୁ ଚିକିତ୍ସାଳୟ କାର୍ଯ୍ୟାଳୟର ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ ଲେଖାଯାଇ ଦସ୍ତଖତ ହୋଇଛି ଏବଂ ଏହି ଫାଇଲ ରେ କଭର ପେଜର କାର୍ଯ୍ୟର ନାମ ବଦଳାଇ ବିଲ ମଧ୍ୟ ହୋଇ ସାରିଛି କିନ୍ତୁ ଏ ପର୍ଯ୍ୟନ୍ତ ଧୂଷୁରୀ ପଶୁ ଚିକିତ୍ସାଳୟ ପରିସରରେ କୌଣସି ବିକାଶ ମୂଳକ କାର୍ଯ୍ୟ ଦେଖିବାକୁ ମିଳିନାହିଁ। ସେହିପରି ବାହାରବିଲ ବ୍ରାହ୍ମଣପାଳ ବିବି ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ଏମ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟରେ ୫ଟି କାର୍ଯ୍ୟରେ ବ୍ୟାପକ ଅନିୟମିତତା ଏବଂ ମିଥ୍ୟା ବିଲ୍ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି।

## ଡ୍ରେନେଜ୍ ସମସ୍ୟା: ଗାଁ ରାସ୍ତାରେ ଲହଡ଼ି ମାରୁଚି ପାଣି



ବନ୍ତ/ଆଗରପଡ଼ା,୩୦।୫(ସମିସ): ଗାଁ ରାସ୍ତାରେ ଜମୁଛି ପାଣି। ସମସ୍ୟା ଘେରରେ ଗ୍ରାମବାସୀ ଓ ବହୁ ସମୟରେ ଗାଁ ରାସ୍ତାରେ ପାଣି ଜମି ରହୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବନ୍ତ ବ୍ଲକ କ୍ଷେଣ୍ଡତୀରା ପଞ୍ଚାୟତ ପରମାନନ୍ଦପୁର ୪ନଂ ୱାର୍ଡରେ ଡ୍ରେନେଜ୍ ସମସ୍ୟା ଯୋଗୁଁ ଜଳ ନିଷ୍କାସନ ହୋଇନପାରିବା କାରଣରୁ ଗ୍ରାମର ୩୦ରୁ ଊର୍ଦ୍ଧ୍ୱ ପରିବାର ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା କହିଛନ୍ତି। ସେହିପରି ଛାତ୍ରଛାତ୍ରୀ ମାନେ ଅଧ୍ୟୟନ କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଆଗାମୀ ଦିନରେ ଯଦି ସମସ୍ୟାର ସମାଧାନ କରା ନ ଯାଏ ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ପାଣ୍ଡବ ଚରଣ ମହାଲିକ, ନୀଳମାଧବ ମାଝୀ,ବାବାଜୀ ମହାଲିକ,ସୁରେନ୍ଦ୍ର ବେହେରା, ବିନୋଦ ପରିଡ଼ା,ପରୀକ୍ଷିତ ମହାଲିକ, ହରିହର ମହାଲିକ, ଗେଡି ମହାଲିକ, ଛବିରାଣୀ ମହାଲିକ, ସୁଶୀଳା ବେହେରା, ରଞ୍ଜୁ ମହାଲିକ,ସୁକାନ୍ତି ପରିଡ଼ା, ହରପ୍ରିୟା ମହାଲିକ, ଦିପ୍ତିମୟୀ ପରିଡ଼ା,ଅଞ୍ଜଳି ପରିଡ଼ା ପ୍ରମୁଖ ପ୍ରକାଶ କରିଛନ୍ତି।

## ସଡ଼କ ସୁରକ୍ଷା ସମିତି ବୈଠକ

ଭଦ୍ରକ,୩୦।୫(ସମିସ): ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ୪୩ ତମ ସଡ଼କ ସୁରକ୍ଷା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ମଡ୍‌କର ସନ୍ଦୀପ ସମ୍ପତ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଅତିରିକ୍ତ ଏସ୍‌ପି ଅରୁପ ଅଭିଷେକ ବେହେରା, ପରିବହନ ଅଧିକାରୀ ରାମନିବାସ ସିର୍କା, ପୌର ନିର୍ବାହୀ ଅଧିକାରୀ ତାପସ ସାମଲ, ରାଜପଥ ପ୍ରାଧିକରଣ ଅଧିକାରୀ, ପୋଲିସ ଅଧିକାରୀ, କମିଟି ର ସକ୍ରିୟ ସଦସ୍ୟ ମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ସଡ଼କ ସୁରକ୍ଷା ଉପରେ ଥିବା ମୋଟ ୧୫ଟି ସମସ୍ୟା ଉପରେ ଆଲୋଚନା ହୋଇଥିଲା। ୧୮ ବର୍ଷରୁ କମ ବୟସ ନାବାଳକ ମାନେ କିପରି ଗାଡ଼ି ନ ଚଳାଇବେ ସେଥି ପ୍ରତି ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା, ପାଦଚଲା ରାସ୍ତା, ଓଭରବ୍ରିଜ୍ ଅବରୋଧ ନ କରିବା, ପ୍ରତି ପ୍ରମୁଖ ଛକରେ ସିସିଟିଭିର ସ୍ଥାପନ କରିବା, ରାସ୍ତାରୁ ଗାଈଗୋରୁ ହଟାଇବା, ଆଦି ବିଷୟରେ ଆଲୋଚନା ହୋଇଥିଲା। ସମାଜସେବୀ ଅତିସ ବେହେରା ସଡ଼କ ସୁରକ୍ଷା ପାଇଁ ଥିବା ନିୟମାବଳିକୁ କଡାକଡି କାର୍ଯ୍ୟକାରୀ କରିବାକୁ ଦୃଢ଼ ଦାବି କରିଥିଲେ। ଏହି ସଡକ ସୁରକ୍ଷା ସମିତି ବୈଠକରେ ପ୍ରଦାନ କରାଯାଇଥିବା ସୂଚନାନୁଯାୟୀ, ମାର୍ଚ୍ଚ ୨୫ତାରିଖ ମଧ୍ୟରେ ଜିଲ୍ଲାରେ ଓଭରଲୋଡ ବାବଦକୁ ୨୨ଟି ଚାଲାଣ ପରିବହନ ବିଭାଗ ପକ୍ଷରୁ କଟା ଯାଇଥିବା ବେଳେ ଓଭରସ୍ପିଡ ଲାଗି ୧୩୦୦, ମଦ୍ୟପଙ୍କ ୩୪ଟି, ବିନା ହେଲମେଟ ଲାଗି ୧୫୯୭ଟି, ବିନା ସିଟବେଲ୍ଟରେ ଡ୍ରାଇଭିଂ ଲାଗି ୩୦ଟି, ଗାଡି ଚଲାଇବା ବେଳେ ମୋବାଇଲ ଫୋନ ବ୍ୟବହାର ଲାଗି ୯୧ଟି, ମାଲବାହୀ ଗାଡିରେ ଯାତ୍ରୀ ପରିବହନ ଲାଗି ୩୭ଟି, ନାବାଳକ ଡ୍ରାଇଭିଂ ଲାଗି ୫ଟି ଓ ଅନ୍ୟାନ୍ୟ ୧୦୫ଟିକୁ ମିଶାଇ ମୋଟ ୩୧୨୧ଟି ଚାଲାଣ କଟାଯାଇଥିବା ଜଣାଯାଇଛି।

## ନୂତନ ସେବା ସଙ୍ଗଠନ ଗଠିତ

**ଅସୁରାଳି,୩୦।୫(ସମିସ):** ଧାମନଗର ବ୍ଲକର ପାଳସାହି ପଞ୍ଚାୟତ କାର୍ଯ୍ୟାଳୟ, ବେତାଳିଗାଁ ପରିସରରେ ଏକ ସେବା ସଙ୍ଗଠନ ଗଠନ କରାଯାଇଛି। ଯାହାର ନାମ ରଖାଯାଇଛି ଜିଲ୍ଲା ମାନବ କଲ୍ୟାଣ ଓ ସେବା ସଙ୍ଗଠନ। ଏହି ଉପଲକ୍ଷେ ସାମାଜିକ କର୍ମୀ ପଣ୍ଡିତ ପଞ୍ଚାନନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସୁଶାନ୍ତ କୁମାର ନାୟକଙ୍କୁ ସଭାପତି, ଅନ୍ତର୍ଯ୍ୟାମୀ ଦାସଙ୍କୁ ସମ୍ପାଦକ, ଆଲୋକ ରାଉତଙ୍କୁ ଉପସଭାପତି, କୃଷ୍ଣ ଚରଣ ସାହୁଙ୍କୁ ସହ ସମ୍ପାଦକ, ରତ୍ନାକର ଜେନାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ପଣ୍ଡିତ ପଞ୍ଚାନନ ମିଶ୍ର, ବ୍ରଜେନ୍ଦ୍ର ମହାନ୍ତି, କ୍ଷୀରୋଦ ବଳ, ସାମ୍ବାଦିକ ସନ୍ତୋଷ କୁମାର ଦାସ, ଦୀପ୍ତି ରଞ୍ଜନ ନାୟକ, ରତିକାନ୍ତ ନାୟକ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରୀଷ୍ମକାଳୀନ ସହାୟତାରୁ ବଞ୍ଚିତ ଭତ୍ତା ହିତାଧିକାରୀ

ଦୋବଲ,୩୦।୫(ସମିସ): ଧାମନଗର ବ୍ଲକର ୩୧ ପଞ୍ଚାୟତରେ ଭତ୍ତା ହିତାଧିକାରୀ ଗ୍ରୀଷ୍ମକାଳୀନ ୪ ଶହ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି। ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଭତା ହିତାଧିକାରୀ ଏହି ଟଙ୍କାରେ ଜୋତା ଓ ଛତା କିଣି ବ୍ୟବହାର କରିବେ। ହେଲେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ମିଳୁଥିବା ଭତ୍ତା ହିତାଧିକାରୀ ଏହି ୪ଶହ ଟଙ୍କାରୁ ବଞ୍ଚିତ ହୋଇଛନ୍ତି। ତେବେ ମେ' ମାସରେ ଏହି ହିତାଧିକାରୀଙ୍କୁ ସରକାରଙ୍କ ଦ୍ୱାରା ଏକ ହଜାର ସମେତ ଗ୍ରୀଷ୍ମକାଳୀନ ସହାୟତା ୪ଶହ ଟଙ୍କା ମିଶାଇ ମୋଟ ୧୪୦୦ ଟଙ୍କା ପ୍ରଦାନ କରାଯିବା କଥା। ହେଲେ ଏହି ରାଶି ହାତାହାତି ଭତ୍ତା ହିତା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ବ୍ୟାଙ୍କ ଆକାଉଣ୍ଟ ଭତ୍ତା ଧାରି ଏହି ସହାୟତାରୁ ବଞ୍ଚିତ ହୋଇଛନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଧାମନଗର ବିଡିଓ ବନବିହାରୀ ଦିଣ୍ଡାଙ୍କୁ ପଚାରିବାରୁ କୁହନ୍ତି ହତାହାତି ଏକ ହଜାର ଟଙ୍କା ଭତ୍ତା ପ୍ରଦାନ ସମୟରେ ଗ୍ରୀଷ୍ମକାଳୀନ ସହାୟତା ୪ଶହ ଟଙ୍କା ଆମେ ପ୍ରଦାନ କରିଦେଇଛୁ। ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଖାଲି ଏକ ହଜାର ଭତ୍ତା ଟଙ୍କା ମିଳିଛି। ହେଲେ ୪ଶହ ଟଙ୍କା ମିଳିନାହିଁ। ଏବାବଦରେ ମୁଁ ଜିଲ୍ଲାପାଳଙ୍କୁ ଜଣାଇଦେଇଛି। ଶୀଘ୍ର ସମାଧାନ କରାଯାଇ ପ୍ରଦାନ କରାଯିବ ବୋଲି ଶ୍ରୀ ଦିଣ୍ଡା କହିଛନ୍ତି।

## 'ଭଦ୍ରକ ଗୌରବ' ଉନ୍ମୋଚିତ



**ଭଦ୍ରକ,୩୦।୫(ସମିସ):** ଓଡ଼ିଆ ପକ୍ଷ ପାଳନ ଅବସରରେ ୧୨-୦୪-୨୦୨୫ ତାରିଖରେ ଜିଲ୍ଲା ସଂସ୍କୃତି ଭବନ ଠାରେ ଓଡ଼ିଶାର ବରପୁତ୍ର ମାନଙ୍କୁ ନେଇ ସଂକଳିତ ଟେବୁଲ କ୍ୟାଲେଣ୍ଡର, "ଭଦ୍ରକ ଗୌରବ'(୨୦୨୫-୨୬) ଜିଲ୍ଲାପାଳ ଭଦ୍ରକଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି କ୍ୟାଲେଣ୍ଡରରେ ଭଦ୍ରକ ଜିଲ୍ଲାର ବରପୁତ୍ର ମାନେ ଯଥା-ବାଞ୍ଛାନିଧି ମହାନ୍ତି, ବଂଶୀବଲ୍ଲଭ ଗୋସ୍ୱାମୀ, ନିତ୍ୟାନନ୍ଦ ମହାପାତ୍ର, ବିପ୍ଳବୀ ଚକ୍ରଧର ବେହେରା, ଗୋକୁଳାନନ୍ଦ ମହାନ୍ତି, ମହମ୍ମଦ ହନିଫ, ମୁରଲୀଧର ଜେନା, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ, ବିଦ୍ୟୁତପ୍ରଭା ଦେବୀ, ଲୋକକବି ଜଗନ୍ନାଥ ପାଣି, କବି ଶେଖର ଚିନ୍ତାମଣି ମହାନ୍ତି ପ୍ରମୁଖଙ୍କ ସଚିତ୍ର ଓଡ଼ିଆ ପଞ୍ଜିକା ରୂପରେ ପ୍ରକାଶ ପାଇଥିଲା। ବୁଦ୍ଧିଜୀବୀ ମହଲରେ ଜିଲ୍ଲା ପ୍ରଶାସନର ଏପରି ପ୍ରୟାସକୁ ପ୍ରଶଂସା କରାଯାଇଥିଲା। ପ୍ରକାଶିତ ହେବା ଦିନ ଠାରୁ ଅଦ୍ୟାବଧି ସରକାରଙ୍କର ବିଭିନ୍ନ ବିଭାଗକୁ, ବୁଦ୍ଧିଜୀବୀଙ୍କୁ ଏବଂ ଆଜି ଜିଲ୍ଲାପାଳଙ୍କ କରକମଳରୁ ଭଦ୍ରକର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏହାର ଏକକିତା ସଚିତ୍ର କ୍ୟାଲେଣ୍ଡର ପ୍ରଦାନ କରାଯାଇଥିଲା।

## କାଶୀବିଶେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ



**ବନ୍ତ/ଆଗରପଡ଼ା,୩୦।୫(ସମିସ):** ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ଭଦ୍ରକ–ଆନନ୍ଦପୁର ରାଜ୍ୟ ରାଜପଥ ପାର୍ଶ୍ୱ କାଶୀପୁର ଛକ ନିକଟରେ ଅବସ୍ଥିତ କାଶୀ ବିଶ୍ୱେଶ୍ୱର ମନ୍ଦିରରେ ନବମ ବାର୍ଷିକ ଉତ୍ସବ ଦୁଇ ଦିନ ଧରି ପାଳିତ ହୋଇ ଯାଇଛି। ପ୍ରାରମ୍ଭରେ ନିକଟସ୍ଥ ଲକ୍ଷ୍ମୀ ନାରାୟଣ ମନ୍ଦିର ପୁଷ୍କରିଣୀରୁ ୨୧ ଗୋଟି କଳସ ବାଜା ବାଣ ରୋଷଣିରେ ଗ୍ରାମ ପରିକ୍ରମା କରି ପୂଜା ମଣ୍ଡପକୁ ଅଣାଯାଇଥିଲା। ପୂଜକ ଶାନ୍ତନୁ ପଣ୍ଡା, ନାରାୟଣ ଶତପଥୀ, ଦୀପ୍ତିମୟୀ ଉପାଧ୍ୟାୟ,କମଳା କାନ୍ତ ପାଢ଼ୀ,ଦିଲ୍ଲୀପ ଦାଶ,ପ୍ରକାଶ ଶତପଥି ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇ ଥିବା ବେଳେ କର୍ତ୍ତା ଜଗନ୍ନାଥ ନାୟକ,ସଞ୍ଜୁ ଲତା ନାୟକ, ସୋମନାଥ ନାୟକ, ମମତା ନାୟକ, ପ୍ରିୟବ୍ରତ ନାୟକ,ଲିପିକା ନାୟକ, ନୃସିହ ନାୟକ, ମାନସୀ ନାୟକ, ସତ୍ୟବ୍ରତ ନାୟକ, ମାନସୀ ଲତା ନାୟକ, ଲକ୍ଷ୍ମଣ ନାୟକ, ସସ୍ମିତା ନାୟକ, ପ୍ରମୋଦ ନାୟକ, ସୁକାନ୍ତି ନାୟକ ସମେତ ଅନ୍ୟମାନେ ମୁଖ୍ୟ କର୍ତ୍ତା କାର୍ଯ୍ୟ ତୁଲାଇ ଥିଲେ। କଳସ ଶୁଭାଯାତ୍ରା, ଗୋ ପୂଜା, ସୂର୍ଯ୍ୟପୂଜା, ନାରାୟଣଙ୍କ ଷୋଡ଼ଶ ଉପଚାର ପୂଜା,ରୁଦ୍ରାଭିସେକ,ରୁଦ୍ର ଚଣ୍ଡୀ ପୂଜା ଆଦି ପୂଜା ଅନୁଷ୍ଠିତ ହୋଇଥିଲା। ଗୁରବାର ସନ୍ଧ୍ୟା ସମୟରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ପାଖ ଅଞ୍ଚଳର ଶତାଧିକ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। କାଶୀ ବିଶେଶ୍ୱରଙ୍କ କୃପା ଲାଭ କରିବା ସହିତ ଯଜ୍ଞ କୁଣ୍ଡରେ ନଡ଼ିଆ ପକାଇ ମାନସିକ କରିଥିଲେ ଭକ୍ତ। ଏହି କାର୍ଯ୍ୟକ୍ରମକୁ ଅଲେଖ ଚନ୍ଦ୍ର ନାୟକ, ଶଙ୍କର୍ଷଣ ନାୟକ, ଗୋଲକ ବିହାରୀ ନାୟକ,ବ୍ରହ୍ମାନନ୍ଦ ବେହେରା, ଅଶୋକ ନାୟକ, ପ୍ରଫୁଲ୍ଲ କୁମାର ମିଶ୍ର,ସତ୍ୟବାନ୍ ନାୟକଙ୍କ ସମେତ କାଶୀପୁର ଗ୍ରାମର ସମସ୍ତ ଭକ୍ତ ବୃନ୍ଦ ସହଯୋଗ କରିଥିଲେ।

### ଜିଲ୍ଲା ବିଜେଡିର ସାଙ୍ଗଠନିକ ନିର୍ବାଚନ

# ଜିଲ୍ଲା ସହ ବ୍ଲକ, ପୌରାଞ୍ଚଳ ସଭାପତିଙ୍କ ନାମ ଘୋଷଣା

ଭଦ୍ରକ,୩୦।୫(ସମିସ)




ଭଦ୍ରକ ଜିଲ୍ଲା ବିଜେଡିର ସାଂଗଠନିକ ନିର୍ବାଚନ ଫଳାଫଳ ଘୋଷଣା ହୋଇଛି। ଦଳର ଜିଲ୍ଲା ରିଟର୍ଣ୍ଣିଂ ଅଫିସର ବରିଷ୍ଠ ଆଇନଜୀବୀ ପବନ ଶର୍ମା ଆଜି ଜିଲ୍ଲା ବିଜେଡି କାର୍ଯ୍ୟାଳୟ "ବିଜୁ ଭବନ' ଏକ ସାମ୍ବାଦିକ ସମ୍ମିଳନୀରେ ନିର୍ବାଚିତ ଜିଲ୍ଲା ଓ ବ୍ଲକସ୍ତରର ସଭାପତିଙ୍କର ନାମ ଘୋଷଣା କରିଛନ୍ତି। ଦଳର ଭଦ୍ରକ ଜିଲ୍ଲା ସଭାପତି ଭାବେ ଜଗନ୍ନାଥ ସ୍ୱାଇଁ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ସେହିଭଳି ଜିଲ୍ଲାର ୭ଟି ବ୍ଲକ, ୨ ପୌରାଞ୍ଚଳ ଓ ୨ନଗରାଞ୍ଚଳ (ଏନଏସି)ର ମୋଟ ୧୧ଜଣ ସଭାପତିଙ୍କ ନାମ ଘୋଷଣା ହୋଇଛି। ଚାନ୍ଦବାଲି ଏନଏସି ପାଇଁ ସଭାପତି ଭାବେ ଦ୍ୱିଜବର ରାଉତ ନିର୍ବାଚିତ ହୋଇଥିବା ବେଳେ ଚାନ୍ଦବାଲି ବ୍ଲକ ପାଇଁ ବରିଷ୍ଠନେତା ପ୍ରତାପ ଚନ୍ଦ୍ର ଧଳ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଭଦ୍ରକ ବ୍ଲକ ପାଇଁ ପ୍ରଫୁଲ୍ଲ ନାୟକ ସଭାପତି ଭାବେ ପୁନର୍ବାର ନିର୍ବାଚିତ ହୋଇଥିବା ବେଳେ ଭଦ୍ରକ ପୌରାଞ୍ଚଳ ପାଇଁ ବରିଷ୍ଠନେତା ତଥା କାଉନସିଲର ସେକ୍ ଜକାଉଲ୍ଲା ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ବାସୁଦେବପୁର ବ୍ଲକ ପାଇଁ ଦୀନବନ୍ଧୁ ଦାସ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ପୌରାଞ୍ଚଳ ପାଇଁ ଶ୍ୟାମ ସୁନ୍ଦର ମହାନ୍ତି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି ଭଣ୍ଡାରିପୋଖରୀ ବ୍ଲକ ପାଇଁ ଲକ୍ଷ୍ମୀଧର ସାହୁ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ବନ୍ତ ବ୍ଲକ ପାଇଁ ଲକ୍ଷ୍ମୀକାନ୍ତ ମହାନ୍ତି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ତିହିଡି ବ୍ଲକ ପାଇଁ ବରିଷ୍ଠନେତା ସୁରେନ୍ଦ୍ର କୁମାର ନାୟକ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଧାମନଗର ଏନଏସି ପାଇଁ ବିଜୟକେତନ ସାହୁ ଓ ବ୍ଲକ ପାଇଁ ପ୍ରତାପ ସାମଲ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଆଜି ଏହି ନିର୍ବାଚିତ ଜିଲ୍ଲା ସଭାପତି, ବ୍ଲକ, ପୌରାଞ୍ଚଳ, ନଗରାଞ୍ଚଳ ସଭାପତିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ଦଳର ଜିଲ୍ଲା କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା ସମନ୍ୱୟ ବୈଠକ

# ଶୃଙ୍ଖଳିତ ନୀତିକାନ୍ତି ଓ ଶାନ୍ତି ଶୃଙ୍ଖଳାରେ ରଥଟଣାକୁ ଗୁରୁତ୍ୱ





**ବାରିପଦା, ୩୦।୫(ସମିସ)**

ଶୁକ୍ରବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା-୨୦୨୫ ସମ୍ପର୍କିତ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲି ଓ ବାରିପଦା ଉପଜିଲ୍ଲାପାଳ ଡ଼ ଦୟାସିନ୍ଧୁ ପରିଡ଼ା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଗୌତମ କିଷାନ, ବାରିପଦା ତହସିଲଦାର ସପନ କୁମାର ସାହୁ, ୱାଟକୋ ଅଧିକ୍ଷଣ ଯନ୍ତ୍ରୀ ପି.ସି ମଲ୍ଲିକଙ୍କ ସମେତ ବିଭିନ୍ନ ଲାଇନ ବିଭଗୀୟ ଅଧିକାରୀ, ରଥ ମହାପାତ୍ର, ରଥ ମହାରଣା, ସେବାୟତ, ପୂଜକ ଓ ଉପଦେଷ୍ଟା କମିଟି ସଦସ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ମୁଖ୍ୟତଃ ଠାକୁରଙ୍କ ଶୃଙ୍ଖଳିତ ନୀତିକାନ୍ତି, ଶାନ୍ତି ଶୃଙ୍ଖଳାରେ ରଥ ଯାତ୍ରା ଅନୁଷ୍ଠିତ ପାଇଁ ପର୍ଯ୍ୟାପ୍ତ ସଂଖ୍ୟାରେ ପୁଲିସ ମୁତୟନ, ଷ୍ଟଲ ବଣ୍ଟନ, ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା, ରଥଯାତ୍ରା ସମୟରେ ରଥ ଦାଣ୍ଡରେ ଆମିଷ ଖାଦ୍ୟ ଦ୍ରବ୍ୟ ବିକ୍ରିକୁ ନିଷେଧ, ନିରବଛିନ୍ନ ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ରଥଟଣା ସମୟରେ ଶ୍ରଦ୍ଧାଳୁଙ୍କୁ ଗୁଳୁଗୁଳିରୁ ରକ୍ଷା ପାଇଁ ଜଳସିଞ୍ଚନ ବ୍ୟବସ୍ଥା, ସ୍ୱଚ୍ଛତା, ଅସ୍ଥାୟୀ ଶୌଚାଳୟ ସ୍ଥାପନ, ପାର୍କିଂ ବ୍ୟବସ୍ଥା, ରଥ କାଠ ସଂଗ୍ରହ, ମନ୍ଦିର ଏବଂ ରଥର ରଙ୍ଗ କାର୍ଯ୍ୟ, ରଥଟଣା ପାଇଁ ନଡ଼ିଆକତା ଦଉଡି ସଂଗ୍ରହ, ରଥ ଯାତ୍ରା ପାଇଁ ପବ୍ଲିକ ଡନେସନ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ଜଳଛତ୍ର ଷ୍ଟଲ ବ୍ୟବସ୍ଥା ଆଦି ଉପରେ ଆଲୋଚନା ହୋଇଥିଲା।

## ହାତିହୁଡ଼ି ଜଙ୍ଗଲରେ କାଟି ନେଉଛନ୍ତି ଗଛ

**କୁହିକା,୩୦।୫(ସମିସ):** ପରିବେଶ ସୁରକ୍ଷା, ପ୍ରଦୂଷଣକୁ ନିୟନ୍ତ୍ରଣ କରୁଥିବା ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ଦିବାଲୋକରେ କମ୍ପାନୀ ଏହାକୁ ନଷ୍ଟ କରୁଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ଜଙ୍ଗଲ ବିଭାଗ ଏବଂ ଖୋଦ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଏକ କମ୍ପାନୀ ଏହି ସଂରକ୍ଷିତ ଜଙ୍ଗଲକୁ ବଳ ପୂର୍ବକ ଦିନ ଦ୍ୱି ପ୍ରହରରେ ଗଛ କାଟି ନଷ୍ଟ କରୁଛି। ସରକାର, ପ୍ରଶାସନ, ପରିବେଶ ନିୟନ୍ତ୍ରଣ ବୋର୍ଡ ଏବଂ ଜଙ୍ଗଲ ବିଭାଗ ଯେପରି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଅଭିଯୋଗ ହେଉଛି। ବିନା ଗ୍ରାମସଭା, ବିନା ଅନୁମତିରେ ଜଙ୍ଗଲ ଗଛ କାଟି ସାରୁଆବିଲ ସ୍ଥିତ କମ୍ପାନୀ ତାର ଡମ୍ପ କରିବାର ଯୋଜନା ରଖୁଛି। ଅପରପକ୍ଷରେ ଆଦିବାସୀ ବହୁଳ କମର୍ଦା ଖଣି ଅଞ୍ଚଳର ସରୁଆବିଲ ଜଙ୍ଗଲ ଗଛ କଟା ହାତୀହୁଡ଼ି ଜଙ୍ଗଲରେ ଚାଲିଛି। ଏହାକୁ ଗ୍ରାମବାସୀ ତରଫରୁ ତୀବ୍ର ବିରୋଧ କରାଯାଇଛି। ଏହି ଜଙ୍ଗଲର ମୂଲ୍ୟବାନ ଶାଳ, ପିଆଶାଳ, ମହୁଲ ଆଦି ଗଛ କଟା ହୋଇଥିବା ଅଭିଯୋଗ ହୋଇଛି।



## କଲବଲ କରୁଛି ଚଷାଖଣ୍ଡ-ଶାଳଣିଆ ରାସ୍ତା

**ସୋସୋ, ୩୦।୫(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ଶାଳଣିଆଁ ଠାରୁ ଚଷାଖଣ୍ଡ ରାସ୍ତା ଏବେ ଲୋକଙ୍କୁ କଲବଲ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଏହିରାସ୍ତାଟି ଅଞ୍ଚଳବାସୀଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଥିବାବେଳେ ରାସ୍ତାଦେଇ ଶହ ଶହ ବାଲି ବୋଝେଇ ଗାଡ଼ି ଗଡୁଥିବାରୁ ବର୍ଷାରେ ଶୋଚନୀୟ ହୋଇପଡୁଛି। ବର୍ଷାହେଲେ ରାସ୍ତା କାଦୁଅ ପଚପଚ ହେଉଛି। ଏହି ରାସ୍ତାଦେଇ ଲୋକେ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥାନ୍ତି। ଅନ୍ୟପଟେ ବହୁ ଲୋକ ଯାଜପୁର ଯିବା ପାଇ କମ ବାଟ ହେଉଥିବାରୁ ଏହି ରାସ୍ତାକୁ ବାଛିଥାନ୍ତି। ଏହି ରାସ୍ତାଟି ୫ବର୍ଷରୁ ଉର୍ଦ୍ଧ୍ୱ ହେବ ଖାଲଖମା ହୋଇ ଯାତାୟାତରେ ବିପଦ ସୃଷ୍ଟି କରୁଛି। ଏଥିପ୍ରତି ନା ସରକାର ନା ପ୍ରଶାସନର ଦୃଷ୍ଟି ପଡୁଛି। ବର୍ଷା ହେଲେ ଚଷାଖଣ୍ଡରୁ ଶାଳଣିଆଁ ରାସ୍ତାରେ ଲୋକମାନେ ଯାତାୟାତ ପାଇଁ କଲବଲ ହେଉଥିବାବେଳେ କଲେଜକୁ ଛାତ୍ରଛାତ୍ରୀ ଯିବା କଷ୍ଟକର ହେଉଛି। ବାଲି ବୋଝେଇ ଗାଡ଼ି ଯାତାୟାତ କରୁଥିବାରୁ ଚଷାଖଣ୍ଡ ସ୍କୁଲ ପାଖରେ ଥିବା ପୋଲ, ଡଅଁର ମୁଖ୍ୟ ଗେଟ ପାଖରେ ଥିବା ପୋଲ ଓ ଶାଳଣିଆ ବଜାର ପୋଲ ଏବେ ଦୁର୍ବଳ ହୋଇପଡ଼ିଲାଣି। ସେହି ପୋଲ କେତେବେଳେ ଯେ ଭାଙ୍ଗି ଯିବ ତାହା କହିହେବ ନାହିଁ। ଏଭଳି ପରିସ୍ଥିତିରେ ଚଷାଖଣ୍ଡର ଗ୍ରାମବାସୀ ତିନିଦିନ ତଳେ ସେହି ରାସ୍ତା ଦେଇ ଯାତାୟତ କରୁଥିବା ୧୦, ୧୨ ଓ ୧୬ ଚକିଆ ଗାଡ଼ିକୁ ବାରଣ କରିଥିଲେ। ରାସ୍ତାକୁ କେହି ମରାମତି କରୁ ନଥିବାରୁ ଏହି ରାସ୍ତାରେ କୌଣସି ଭାରିଯାନ ଯାଇପାରିବନାହିଁ ବୋଲି ଲୋକେ ଦାବି କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ବାଲି ଚାଲାଣକାରୀ ଯେତେ ବୁଝାସୁଝା କରିଥିଲେ ବି ଗ୍ରାମବାସୀ ରାଜି ହୋଇନଥିଲେ। ରାସ୍ତାର ଉନ୍ନତିକରଣ ନହେଲା ପର୍ଯ୍ୟନ୍ତ ଗାଡ଼ି ଯାଇପାରିବ ନାହିଁ ବୋଲି ଦାବି କରିଥିଲେ। ଫଳରେ ବାଲି ଚାଲାଣକାରୀମାନେ ରାସ୍ତାରେ ବାଲି ପକାଇ ମରାମତି କରିବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି। ହେଲେ ଏହାଦ୍ୱାରା ସ୍ଥାୟୀ ସମାଧାନ ହେବା ନେଇ ଆଶଙ୍କା ନଥିବାରୁ ଆଗକୁ ଉତ୍ତେଜନା ପ୍ରଶମିତ ହେବା ବଦଳରେ ରାସ୍ତା ସମସ୍ୟା ଅଧିକ ହେବ ବୋଲି ଆଶଙ୍କା ପ୍ରକାଶ ପାଉଛି। ଯଦି ବାଲି ବଦଳରେ ରାସ୍ତାରେ ଡଷ୍ଟ କିମ୍ବା ପଥର ଗୁଣ୍ଡ ପକାନଯାଏ ତେବେ, ଦୁର୍ଘଟଣା ବୃଦ୍ଧି ପାଇବ ବୋଲି କୁହାଯାଉଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବବୁ ଲୋକେ ଦାବି କରିଛନ୍ତି। ୪୦ଟନ୍‌ରୁ ଉର୍ଦ୍ଧ୍ୱ ଓଜନର ମାଲ ବୋଝେଇ ହାଇୱା ଯିବା ଭଳି ରାସ୍ତାର କ୍ଷମତା ନଥିବାରୁ ଆଗକୁ ଏଭଳି ଗାଡ଼ି ଗଲେ ରାସ୍ତା ଆହୁରି ଶୋଚନୀୟ ହୋଇପଡ଼ିବ ବୋଲି ଲୋକେ କହିଛନ୍ତି।

**ଦୈନିକ ଗଡୁଛି ଶହଶହ ବାଲି ବୋଝେଇ ଗାଡ଼ି**



## ଆନ୍ତଃ ରାଜ୍ୟ ଲୁଟିଆ ଗ୍ୟାଙ୍ଗ ଠାବ

# ମାରଣାସ୍ତ୍ର ଜବତ; ୬ ଗିରଫ

**ବ୍ୟାସନଗର,୩୦।୫(ସମିସ):** ଯାଜପୁର ରୋଡ୍ ଆଦର୍ଶ ଥାନା ପୁଲିସ ଏକ ଆନ୍ତଃ ରାଜ୍ୟ ଲୁଟିଆ ଗ୍ୟାଙ୍ଗକୁ ଠାବ କରିବାରେ ସକ୍ଷମ ହେବା ସହିତ ଏକ ବଡ଼ ଧରଣର ଲୁଟ୍‌କୁ ବିଫଳ କରିବାରେ ସକ୍ଷମ ହୋଇଛି। ସୂଚନାଯୋଗ୍ୟ ଯେ ଯାଜପୁର ରୋଡ଼ ଆଦର୍ଶ ଥାନା ପୁଲିସର ଏସଆଇ ଜେ. ଆବେଦିନଙ୍କ ନେତୃତ୍ୱରେ ରାତ୍ର ପ୍ରାୟ ୨ ଘଟିକା ସମୟରେ ପାଟ୍ରୋଲିଂ ଚାଲିଥିବା ସମୟରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୋବରା ଅଞ୍ଚଳରେ କିଛି ବାହାର ରାଜ୍ୟର ଯୁବକ ନିକଟସ୍ଥ ଏକ ପଡ଼ିଆରେ ଏକ ବଡ଼ଧରଣର ଡକାୟତି ନିମନ୍ତେ କରୁଥିବା ନେଇ ଖବର ପାଇ ତୁରନ୍ତ ସଦଳବଳେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ପୁଲିସ ଅନେକ ମାରଣାସ୍ତ୍ର ଯଥା କତା, ଲୁହା ରଡ଼, ରସି ଇତ୍ୟାଦି ଜବତ କରିବା ସହିତ ଏଥିରେ ସାମିଲ ଥିବା ରାଜସ୍ଥାନ ରାଜ୍ୟର ବିର୍ଲା ଥାନା ଅଞ୍ଚଳର ସୁନୀଲ କୁମାର ବିଶନୋଇ (୩୪), ଉତ୍ତର ପ୍ରଦେଶ ରାଜ୍ୟର ଶିକାରୀଗଞ୍ଜ ଥାନାର ଚନ୍ଦ୍ର ମୋହନ ଶର୍ମା, ମନୀଷ କୁମାର ଶର୍ମା (୨୫), ବଦ୍ରିନାଥ ଉପାଧ୍ୟାୟ, ସନ୍ଦୀପ କୁମାର ବିନ୍ଦ ଏବଂ ବିହାର ରାଜ୍ୟ ଉଚକଗାଁ ଅଂଚଳର ସନ୍ଦୀପ କୁମାର ସିଂହ (୨୬)କୁ ଗିରଫ କରିଥିଲା। ଗିରଫ ପରେ ଏସଆଇ ଜେ.ଆବେଦିନଙ୍କ ଏତଲା ଆଧାରରେ ଏନେଇ ୩୨୧/୨୫ରେ ଏକ ମାମଲା ରୁଜୁ କରାଯିବା ସହିତ ଅଧିକ ପଚରାଉଚରା କରାଯାଇଥିଲା। ପରେ ଶୁକ୍ରବାର ସମସ୍ତ ୬ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଡିଏସପି ଅଫ୍ ପୁଲିସ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।



## ବିଞ୍ଝାରପୁର ବ୍ଲକ ପରିସରରେ ସମୀକ୍ଷା ବୈଠକ



**ବିଞ୍ଝାରପୁର,୩୦।୫(ସମିସ):** ବିଞ୍ଝାରପୁର ବ୍ଲକର ମାଂସଡ଼ା ଓ ବରପଦା ପଞ୍ଚାୟତରେ ବିଭିନ୍ନ ନୂତନ ପ୍ରକଳ୍ପର ପରିଦର୍ଶନ କରିଛନ୍ତି ବିଧାୟିକା ପ୍ରମିଳା ମଲ୍ଲିକ। ଏହା ସହ ଅପରାହ୍ନରେ ବ୍ଲକ୍ କାର୍ଯ୍ୟାଳୟ ଠାରେ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ ବିଧାୟିକା। ଏହି ବୈଠକରେ ବିଧାୟିକା ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଉନ୍ନୟନ ମୂଳକ କାର୍ଯ୍ୟର ପ୍ରଗତି ତଥା କାର୍ଯ୍ୟକାରିତା ବିଷୟରେ ସମୀକ୍ଷା କରିଥିଲେ। ଏହି ବୈଠକରେ ଡ୍ରେନେଜ, ଆର୍‌ଡ଼ି, ବିଦ୍ୟୁତ ବିଭାଗ ସହିତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିବା ସହ ନିଜ ନିଜ ବିଭାଗର କାର୍ଯ୍ୟକାରିତା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ମଣ୍ଡଳ ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲ, ଜିଲ୍ଲାପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ବିଦ୍ୟୁତ ବିଭାଗର ଏସି ଅନନ୍ତ ନାରାୟଣ ସେନାପତି, ଜେଇ ଦୀପକ କୁମାର ବେହେରା ଏସ୍‌ଡିଓ ରବିନାରାୟଣ ଦାସ, କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ବେହୁରିଆ ଏବଂ ଲାଇନ୍ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ରୋଟାରୀ କ୍ଲବ ପକ୍ଷରୁ ସଚେତନତା ଶୋଭାଯାତ୍ରା

**ଭଦ୍ରକ,୩୦।୫(ସମିସ):** ଭଦ୍ରକ ରୋଟାରୀ କ୍ଲବ୍ ଏବଂ ରାଜ୍ୟ ରୋଟାରୀ ଗଭର୍ଣ୍ଣର ଯଜ୍ଞାଶୀଶ ମହାପାତ୍ରଙ୍କ ଆହ୍ୱାନ କ୍ରମେ କନ୍ୟା ଯତ୍ନ ସୁରକ୍ଷା ପାଇଁ ଭଦ୍ରକ ଠାରେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଶୋଭାଯାତ୍ରାକୁ ରୋଟାରିଆନ୍ ସରୋଜ କୁମାର ଦାସ, ବିଘ୍ନେଶ୍ୱର ବେହେରା, ଅମ୍ବିକା ବଲ୍ଲଭ ସ୍ୱାଇଁ, ବସନ୍ତ କୁମାର ପାଣିଗ୍ରାହୀ, ପ୍ରଣବ କୁମାର ସାହୁ, ପ୍ରମୋଦ କୁମାର ଜେନା, ମାଙ୍ଗିଲାଲ ବଲଦେୱା, ଉମାକାନ୍ତ ଜେନା, ଗୟାଧର ପଣ୍ଡା, ନାସିର ବାକ୍ସ, କମଳା କାନ୍ତ ଜେନା, ସୀତାକାନ୍ତ ଦାସ, କ୍ଲବ୍ ସଭାପତି ସନ୍ତୋଷ ନାୟକଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଦିଶା ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀ ଏବଂ ଛାତ୍ରୀମାନେ ଏହି "କନ୍ୟରତ୍ନ, ଅମୂଲ୍ୟ ରତ୍ନ' ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ।



## ଶିକ୍ଷାବିତ୍ ଜଗନ୍ନାଥ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା

ବନ୍ତ/ଆଗରପଡ଼ା, ୩୦।୫(ସମିସ): ବନ୍ତ ବ୍ଲକ ବିଟିପୁର ପଞ୍ଚାୟତ ଧାନଘର ଏକାଦଶୀ ଏମ୍‌ଇ ସ୍କୁଲ ପ୍ରଧାନଶିକ୍ଷକ ଜଗନ୍ନାଥ ମଲ୍ଲିକଙ୍କୁ କିଶୋର ସ୍ୱାକ୍ଷର ପତ୍ରିକା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ସମ୍ବର୍ଦ୍ଧନା ଦିଆଯାଇଛି। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲୀପ ରାଉତରାୟ, ପଣ୍ଡିତ ବୀରେନ୍ଦ୍ର ପଣ୍ଡା ପ୍ରମୁଖ ଶ୍ରୀ ମଲ୍ଲିକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କ ଜୟନ୍ତୀ



**ଯାଜପୁର,୩୦।୫(ସମିସ):** ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ରାୟଙ୍କ ଜୟନ୍ତୀ ଚିତାଳୋ ଭାଗବତ କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କମିଟିର ସଦସ୍ୟ ପୂର୍ବତନ ଜିଲ୍ଲା ପରିଷଦର ସଭାପତି ରଞ୍ଜିତା ରାଉତ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଚିତାଳୋର ସରପଞ୍ଚ ବିଜୟଲକ୍ଷ୍ମୀ ଶତପଥୀ ଏବଂ ମୁଖ୍ୟଅତିଥି ଭାବେ କଂଗ୍ରେସର ବରିଷ୍ଠ ନେତା ସନ୍ତୋଷ ନନ୍ଦ ଯୋଗଦେଇଥିଲେ। ଏହି ସଭାରେ ଦଶରଥପୁର ବ୍ଲକ ଉପାଧ୍ୟକ୍ଷ, ଚିତାଳୋ ହାଇସ୍କୁଲର ପ୍ରଧାନ ଶିକ୍ଷକ ନଗେନ୍ଦ୍ର ମିଶ୍ର, ବିଜୟ କୁମାର ରାୟ, ଜଗନ୍ନାଥ ରାୟ, ନିମାଇଁ ଚରଣ ରାୟ, ରସାନନ୍ଦ ରାଉତ, ଦୀଲିପ ରାୟ, ରବି ଶତପଥୀ, ଦାମୋଦର ରାଉତରାୟ, ବ୍ରହ୍ମାନନ୍ଦ ସେଠୀ, ନଗେନ୍ଦ୍ର ସେଠୀ, କିଶୋର ଯେନା, ଭରତ ସାମଲ, ଅଶ୍ୱିନୀ ଯେନା, ଶୈଳେନ୍ଦ୍ର ରାୟ, ସଂଗ୍ରାମ ସାହାଣୀ, ଅଶୋକ ରାଉତରାୟ, ମନୋରଞ୍ଜନ ରାଏ ସମେତ ଚିତାଳୋ ହାଇସ୍କୁଲର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ।

## ୭୧ ବର୍ଷୀୟ ଚାଷୀ କାଳିପଦ

# ଚାଷ ଦେଇଛି ପରିଚୟ

**ଭଦ୍ରକ,୩୦।୫(ସମିସ):** ଜୀବିକା ନିର୍ବାହ କ୍ଷେତ୍ରରେ ଦୃଢ ସଙ୍କଳ୍ପ ଏବଂ ଇଚ୍ଛାଶକ୍ତି ପାଇଁ ବୟସ କୌଣସି ପ୍ରତିବନ୍ଧକ ନୁହେଁ ବୋଲି ଦର୍ଶାଇଛନ୍ତି ଭଦ୍ରକ ଜିଲ୍ଲା ଧାମରା ପଞ୍ଚାୟତ ଝାରକଟା ଗାଁର ୭୧ ବର୍ଷୀୟ କାଳିପଦ ଦାସ। ପାରମ୍ପରିକ ଭାବେ ପରିବାର ପୋଷଣ ପାଇଁ କେବଳ ମାଛ ଧରିବା ଉପରେ ସେ ଥିଲେ ନିର୍ଭରଶୀଳ। ମାଛ ଧରିବା ଏକ ଋତୁଗତ ଜୀବିକା ହୋଇଥିବାରୁ ସେ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲେ। ୨୦୨୧ ମସିହାରେ ଝାରକଟା ଗ୍ରାମରେ ଆଦାନୀ ଫାଉଣ୍ଡେସନ ଦ୍ୱାରା ସହାୟତା କରାଯାଇଥିବା ଏକ କୃଷକ ଗୋଷ୍ଠୀର ଜଣେ ସକ୍ରିୟ ସଦସ୍ୟ ହେବା ପରେ ତାଙ୍କ ଜୀବନର ଗତିପଥ ବଦଳି ଯାଇଥିଲା। ଆଦାନୀ ଫାଉଣ୍ଡେସନ ଦ୍ୱାରା ପ୍ରଦାନ କରାଯାଇଥିବା ସହାୟତାରେ ବିଶେଷ କରି ଗୁଣାତ୍ମକ ବିହନ ଏବଂ ଅତ୍ୟାବଶ୍ୟକ ଜୈବିକ ସାର ଆକାରରେ କାଳିପଦ ଚାଷ ସହିତ ପରୀକ୍ଷଣ ଆରମ୍ଭ କଲେ। କାଳିପଦଙ୍କ ଏହି କ୍ଷୁଦ୍ର ପଦକ୍ଷେପ ତାଙ୍କ ପାଇଁ ପରିବର୍ତ୍ତନର ଏକ ଯାତ୍ରାରେ ରୂପାନ୍ତର ହେଲା। ସେ ଏକକ-ଜୀବିକା ଉତ୍ସରୁ ଦୁଇ ଫସଲ ପଦ୍ଧତି ଗ୍ରହଣ କରି ଧାନ ଏବଂ ବିଭିନ୍ନ ପନିପରିବା ଚାଷ କରିବା ଆରମ୍ଭ କଲେ। ସ୍ଥାୟୀ ଅଭ୍ୟାସ ଶିଖିବା ଏବଂ କାର୍ଯ୍ୟକାରୀ କରିବା ପାଇଁ କାଳିପଦଙ୍କ ଉତ୍ସାହ ତାଙ୍କୁ ଜିଆ କମ୍ପୋଷ୍ଟ ଡିଆ ପ୍ରସ୍ତୁତ କରିବାକୁ ପ୍ରେରଣା ଦେଇଥିଲା, ଯାହା ତାଙ୍କୁ ନିରନ୍ତର ବ୍ୟବହାର ପାଇଁ ଜୈବିକ ସାର ଉତ୍ପାଦନ କରିବାକୁ ସାହାଯ୍ୟ କରିଥିଲା। ପିଆଜ, ବନ୍ଧାକୋବି, ଫୁଲକୋବି, ଖମ୍ବଆଳୁ ଏବଂ ଅନ୍ୟାନ୍ୟ ଉଚ୍ଚ-ଅମଳକ୍ଷମ ଫସଲ ଅନ୍ତର୍ଭୁକ୍ତ। ସେ କେବଳ ଫସଲ ଚାଷ କରି ନ ଥିଲେ, ବରଂ ଭବିଷ୍ୟତ ଋତୁ ପାଇଁ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ବିହନ ସଂରକ୍ଷଣ ମଧ୍ୟ କରିଥିଲେ। କେବଳ ଗତବର୍ଷ, କାଳିପଦ ପନିପରିବା ଚାଷରୁ ପ୍ରାୟ ୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ରୋଜଗାର କରିଥିଲେ। ତାଙ୍କର ଏହି ସଫଳତା ପ୍ରମାଣ କରେ ଯେ- ଗୋଷ୍ଠୀଗତ ପରିଚାଳନା, କ୍ଷୁଦ୍ର ହସ୍ତକ୍ଷେପ କିପରି ଗ୍ରାମୀଣ ଚାଷୀଙ୍କ ପାଇଁ ଅର୍ଥପୂର୍ଣ୍ଣ ଜିବୀକା ସୃଷ୍ଟି କରିବାରେ ସାହାଯ୍ୟ କରିପାରୁଛି। କାଳିପଦ ଦାସଙ୍କ ଜୀବନଯାତ୍ରା ହେଉଛି ଦୃଢ ସଙ୍କଳ୍ପ, ନବଚିନ୍ତନ ଓ ନିରନ୍ତର ପ୍ରୟାସର ଏକ ପ୍ରେରଣାଦାୟକ ଉଦାହରଣ। ଆଦାନୀ ଫାଉଣ୍ଡେସନ ପକ୍ଷରୁ ମିଳିଥିବା ସମର୍ଥନ ଓ ପ୍ରଶିକ୍ଷଣ କାଳିପଦଙ୍କୁ ଗ୍ରାମୀଣ ଅର୍ଥନୀତି ତଥା ବ୍ୟକ୍ତିଗତ ଜୀବନକୁ ଏକ ନୂତନ ମାର୍ଗ ପ୍ରଦର୍ଶନ କରିଛି। ବାସ୍ତବରେ ଏହା ପ୍ରମାଣିତ ହୋଇଛି ଯେ, ସଠିକ ମାର୍ଗଦର୍ଶନ, ଆଗ୍ରହ ଓ ଉଦ୍ୟମ ଥିଲେ ଯେକୌଣସି ବୟସ ତଥା ସ୍ଥାନରୁ ଜଣେ ଆଶାନୁରୂପ ସଫଳତା ହାସଲ କରିପାରିବ।



## କୌଳିକ ବୃତ୍ତିରେ ପୁରୁନାହିଁ ପେଟ

# ଦାଦନ ମୁହାଁ କାରିଗର

**ଧର୍ମଶାଳା,୩୦।୫(ସମିସ):** ଦିନ ଥିଲା ଭିଟାମାଟି ଭଳି କୌଳିକ ବୃତ୍ତିକୁ ଛାଡ଼ିବାକୁ କେହି ପସନ୍ଦ କରୁ ନଥିଲେ। ସମୟକ୍ରମେ ଲୋକେ ଭିଟାମାଟି ଛାଡ଼ି ରାଜ୍ୟ ବାହାରକୁ ଦାଦନ ଖଟିବାକୁ ବାଧ ହେଉଛନ୍ତି। ନିଜ କୌଳିକ ବୃତ୍ତିକୁ ଭରସା କରି ଜୀବନ ଜୀବିକା ନିର୍ବାହ କରିବା ସମ୍ଭବପର ହୋଇପାରୁନାହିଁ। ଯାହାଫଳରେ କାରିଗର ଦୂରଦୂରାନ୍ତକୁ ଯାଇ ଦାଦନ ଖଟିବାକୁ ବାଧ ହେଉଛନ୍ତି। ସୂଚନା ମୁତାବକ ର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ଗୋଛାୟତ ସାହିର ହରିହର ଗୋଛାୟତ ଆଜକୁ ଅର୍ଦ୍ଧଶତାବ୍ଦୀ ଧରି ମୃଦଙ୍ଗ, ଢୋଲକି, ଲାଲ, ଡୁବି ଓ ତବଲା ସହିତ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ତିଆରି କରନ୍ତି। ପରିବାର କହିଲେ ୧୩ ଜଣ। ୭୫ ବର୍ଷରେ ପଦାର୍ପଣ କରିଥିବା ହରିଭାଇ କୌଳିକ ବୃତ୍ତିରୁ ଆଜି ବି ନିବୃତ ହୋଇ ନାହାନ୍ତି। ବୟସର ଅପରାହ୍ନରେ ଘର ଦୁଆରେ ବସି ମୃଦଙ୍ଗ ତିଆରି କରୁଛନ୍ତି। ଏଥିରେ ପେଟ ପୁରୁ ନାହିଁ ବୋଲି ସେ କହନ୍ତି ଓ ଅନ୍ୟ କିଛି ବେଉସା ନ ଥିବାରୁ ବାଧହୋଇ ମୃଦଙ୍ଗ ତିଆରି କହନ୍ତି ହରି ଭାଇ। ଏପରି ସ୍ଥଳେ ନିଜ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ଯାଇ ମୋ ବଡ଼ପୁଅ ଦୀପକ କୁମାର ଗୋଛାୟତ (୫୪), ନାତି ଶ୍ରୀତମ ଗୋଛାୟତ (୨୩)ଓ ପ୍ରଶାନ୍ତ ଗୋଛାୟତ (୨୨) ମୃଦଙ୍ଗ ସହିତ ବିଭିନ୍ନ ବାଦ୍ୟଯନ୍ତ୍ର ତିଆରି କରି ଆସୁଛନ୍ତି। ଦୀର୍ଘ ୨୫ ବର୍ଷ ହେବ ସେ ପୁଅ ମୋ କାନ୍ଧରେ କାନ୍ଧ ମିଶାଇ ମୃଦଙ୍ଗ ତିଆରି କରୁଛି। ଆଉ ଏବେ ମୋର ଦୁଇ ନାତି ୫ ବର୍ଷ ହେବ କାମ କରୁଛନ୍ତି। ମଜୁରୀ ନ ପଡିବାରୁ ଏବେ ୨ ନାତି ବାହାରକୁ ଦାଦନ ଖଟିବାକୁ ଯିବେ ବୋଲି କହିଛନ୍ତି ହରି ଭାଇ। ଏଥିରୁ ଉପାର୍ଜନ ଅର୍ଥରେ ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରିବାକୁ ପଡୁଛି।ଆଗଭଳି ଚାହିଁବା ନଥିବାରୁ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ ହେଲାଣି। ବଜାର ଦର ହୁ ହୁ ହୋଇ ବଢୁଥିବାରୁ କୌଳିକ ବୃତ୍ତିରୁ ମୁହଁ ଫେରାଉଛନ୍ତି କାରିଗର। ଯାହା ଏବେ ଆମ ପରିବାରରେ ମୃଦଙ୍ଗ ତିଆରି କରୁଛୁ। ବିଭିନ୍ନ ଗୋଷ୍ଠୀରୁ ଋଣ ଆଣି କଞ୍ଚାମାଲ କିଣି ବାଦ୍ୟଯନ୍ତ୍ର ତିଆରି କରୁଛନ୍ତି। ମୃଦଙ୍ଗ ସେହିଭଳି ପରିମାଣରେ ବିକ୍ରି ନ ହେବାକ୍ଷରୁ ଋଣ କିସ୍ତି ଦେଇ ପାରୁନାହାନ୍ତି। ଯାହା ଫଳରେ ବାର ଦୁଆର ହେବାକୁ ପଡୁଛି। ମାଟିହାଣ୍ଡି ଆଉ ଆଗ ଭଳି ପାଖ ଗାଁ ଭାଲୁଖାଇ କି କୁମାରୀରେ ମିଳୁନାହିଁ। ଧୀରେ ଧୀରେ କୁମ୍ଭକାର ନିଜ କୌଳିକ ବୃତ୍ତିରୁ ମୁହଁ ଫେରେଇଲେଣି। ଏବେ ଚଉଷଠିପଡ଼ା ରୁ ମାଟିହାଣ୍ଡି ଅଧିକ ମୂଲ୍ୟରେ କିଣିବାକୁ ପଡୁଛି। ସେହିପରି ଚମଡା, ରଙ୍ଗ, ଅଠା, କେମିକାଲ ପାଉଡର, ଫିତା ଏବେ ଦ୍ୱିଗୁଣ ବଢ଼ିଛି। ହେଲେ ମଜୁରୀ ବଢ଼ିନାହିଁ। ଗୋଟିଏ ମୃଦଙ୍ଗ ତିଆରି କରିବା ପାଇଁ ଜଣେ କାରିଗରକୁ ୩ଦିନ ଲାଗିଯାଏ। ସେଥିରେ ମଜୁରୀ ପଡ଼େନାହିଁ। ଗୋଟିଏ ମୃଦଙ୍ଗକୁ ସେମାନେ ୪ରୁ ୫ହଜାର ମଧ୍ୟରେ ବିକ୍ରି କରୁଥିବା ବେଳେ ଡୁବି ତବଲା, ଲାଲ ୩ହଜାର ଓ ଡାମସା ୨ ରୁ ୩ ହଜାର ମଧ୍ୟରେ ବିକ୍ରି କରନ୍ତି। ଏବେ କିନ୍ତୁ ଏହି ବାଦ୍ୟଗୁଡ଼ିକର ବଜାର ଚାହିଦା ବହୁତ୍ କମ୍। ଆଉ ଆଗ ଭଳି ବିକ୍ରି ନାହିଁ। ମୃଦଙ୍ଗ ସହ ଅନ୍ୟ ବାଦ୍ୟଯନ୍ତ୍ର ଢେଙ୍କାନାଳ, ଯୋଡ଼ା, କାମାକ୍ଷାନଗର, କେଉଁଝର, ଆନନ୍ଦପୁର, ଘଟଗାଁ, ଭଦ୍ରକ, ବାଲେଶ୍ୱର, ସୋର, କଟକ, ସାଲେପୁର ଆଦି ଅଞ୍ଚଳରୁ ଲୋକେ ଆସି କିଣି ନେଇଥାନ୍ତି। ସେମାନେ ବରାଦ ଦେଇ ମୃଦଙ୍ଗ ସହ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ତିଆରି କରିଥାନ୍ତି। ଏହି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ହେଲେ, ରାଜ୍ୟ ସରକାର କାରିଗରମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେବା ସହିତ ଭତ୍ତା ପ୍ରଦାନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



### ଆଦିବାସୀ ନାବାଳିକା ଦୁଷ୍କର୍ମ ମାମଲା

## ଜାତୀୟ ଏସ୍‌ଟି କମିଶନଙ୍କୁ ଭେଟିଲା ବିଜେଡି

**ନିରପେକ୍ଷ ତଦନ୍ତ ଦାବି କରି**

**ଭୁବନେଶ୍ୱର, ୩୦।୫(ସମିସ):** କୋରାପୁଟ ଜିଲ୍ଲାର ଜଣେ ଆଦିବାସୀ ନାବାଳିକାକୁ ଦୁଷ୍କର୍ମ ଓ ଏଥିଯୋଗୁଁ ନାବାଳିକାଜଣଙ୍କ ଗର୍ଭବତୀ ହେବା ଭଳି ଏକ ସ୍ପର୍ଶକାତର ଘଟଣାରେ ଜାତୀୟ ଏସ୍‌ଟି କମିସନ୍‌ଙ୍କ ହସ୍ତକ୍ଷେପ ଲୋଡ଼ିଛି ବିଜେଡି। ଶୁକ୍ରବାର ବିଜୁ ଜନତା ଦଳ ପକ୍ଷରୁ ଜାତୀୟ ଏସ୍‌ଟି କମିସନଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ଜୟପୁର ମହିଳା ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, କୋରାପୁଟ ବୋରିଗୁମ୍ମା ବ୍ଲକ୍ ସାନପୁରିଆ ପଞ୍ଚାୟତର ସନିଗୁଡ଼ା ଗ୍ରାମର ରାଜେନ୍ଦ୍ର ଭତ୍ରା ଏହି ଜଘନ୍ୟ କାଣ୍ଡର ଅଭିଯୁକ୍ତ। ସେ ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧିଙ୍କ ପୁଅ। ରାଜେନ୍ଦ୍ର ଏକ ବିବାହ ଭୋଜିରେ ନାବାଳିକାଙ୍କୁ ଭେଟିବା ପରେ ବିବାହର ମିଥ୍ୟା ପ୍ରଲୋଭନ ଦେଇ ଦୀର୍ଘ ୨ବର୍ଷ ଧରି ତାଙ୍କୁ ଦୁଷ୍କର୍ମ କରି ଆସୁଥିଲା। ତେବେ ଏଥିରେ ନାବାଳିକାଜଣଙ୍କ ପାଞ୍ଚ ମାସର ଗର୍ଭବତୀ ହୋଇଯିବାରୁ ଘଟଣା ଲୋକଲୋଚନକୁ ଆସିଥିଲା। କିନ୍ତୁ ଅଭିଯୁକ୍ତଙ୍କ ପିତା ଜଣେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତି ହୋଇଥିବାରୁ ଘଟଣାକୁ ଚାପିଦେବା ପାଇଁ ପ୍ରଶାସନିକସ୍ତରରେ ଚେଷ୍ଟା କରାଯାଉଛି। ଏଥିଯୋଗୁଁ ଜଣେ ଆଦିବାସୀ ନାବାଳିକା ନ୍ୟାୟ ପାଇବାରୁ ବଞ୍ଚିତ ହେବ ବୋଲି ବିଜେଡି ଅଭିଯୋଗରେ ଦର୍ଶାଇଛି। ତେଣୁ ପୀଡ଼ିତା ନାବାଳିକାଙ୍କୁ ଉପଯୁକ୍ତ ନ୍ୟାୟ ଦେବା ସହ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜେଡି ତା'ର ସଂଗ୍ରାମ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

ଏହି ପ୍ରତିନିଧିମଣ୍ଡଳୀରେ ବିଜେଡି ମିଡିଆ ସହ ସଂଯୋଜକ ତଥା ମୁଖପାତ୍ର ଡଃ ଲେନିନ୍ ମହାନ୍ତି, ଡଃ ପ୍ରିୟବ୍ରତ ମାଝୀ, ମୁଖପାତ୍ର ତୁମ୍ବନାଥ ପଣ୍ଡା, ମିହିର ରାୟ, ନାରାୟଣ ଜେନା, ଇପ୍ସିତା ସାହୁ, ବିଶ୍ୱପ୍ରତାପ ସାହୁ, ଅରୂପ ଶ୍ରୀଚନ୍ଦନ ଓ ସୋଫିଆ ଆଲାମ ପ୍ରମୁଖ ଉପସ୍ଥିତ ଥିଲେ।

### ସହଯୋଗୀର ଗୁଳିରେ ଶିକାରୀ ମୃତ

# ଜୁଇରୁ ଦରପୋଡ଼ା ଶବ ଉଠାଇଆଣିଲା ପୁଲିସ୍



**■ ୧୦ରୁ ଉର୍ଦ୍ଧ୍ୱ ଅଟକ; ୨ ଶିକାରୀ ଫେରାର୍**

**■ କଙ୍ଗାରୁକୋର୍ଟରେ ହତ୍ୟା ଘଟଣା ରଫାଦଫା**

**ନୟାଗଡ଼/ଶରଣକୁଳ, ୩୦।୫ (ସମିସ):** ଶିକାରୀ ଗୁଳିରେ ପ୍ରାଣ ହରାଇଥିବା ଜଣେ ଆଦିବାସୀ ଯୁବକଙ୍କୁ ଅତି ସନ୍ତର୍ପଣରେ ପୋଡ଼ିଦେବା ବେଳେ ଧରିଲା ପୁଲିସ୍। ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣା ଆଜି ପଦାକୁ ଆସିବା ପରେ ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ, ନୟାଗଡ଼ ବନଖଣ୍ଡ ଅନ୍ତର୍ଗତ ପଞ୍ଚରିଡ଼ା ବନାଞ୍ଚଳ ଗୋଚ୍ଛା ଗ୍ରାମର ସୂର୍ଯ୍ୟମଣି ପ୍ରଧାନ ଓରଫ୍ ହୀନ। ପୁଲିସ୍ ତାଙ୍କ ଦରପୋଡ଼ା ଶବକୁ ଜୁଇରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ୍ ମୋଟ ୧୦ଜଣଙ୍କୁ ଅଟକ ରଖିଥିବା ବେଳେ ଅଭିଯୁକ୍ତ ଦୁଇ ଶିକାରୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ପୁଲିସ୍ ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

ପୁଲିସ୍ ସୂଚନାନୁଯାୟୀ, ଗୁରୁବାର ରାତିରେ ନିକଟସ୍ଥ ବଧିସାହି ଗ୍ରାମର ସନ୍ତୋଷ ସାହୁ ଓ ମିଟୁ ପ୍ରଧାନ ଗୋଚ୍ଛା ଗ୍ରାମର ହୀନଙ୍କୁ ଡାକି ଶିକାର ଉଦ୍ଦେଶ୍ୟରେ ଗୋଚ୍ଛା ସଂରକ୍ଷିତ ଜଙ୍ଗଲକୁ ଯାଇଥିଲେ। ଶିକାର ସମୟରେ ଅସାବଧାନତାରୁ ଗୋଟିଏ ଗୁଳି ହୀନଙ୍କ ମୁଣ୍ଡରେ ବାଜିବାରୁ ସେହିଠାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଶୁକ୍ରବାର ସକାଳୁ ଏହି ଖବର ପ୍ରଘଟ ହେବା ପରେ ଶିକାରୀମାନେ ଗୋଚ୍ଛା ଗ୍ରାମବାସୀଙ୍କୁ ପ୍ରଲୋଭିତ କରିଥିଲେ। ଗୋଚ୍ଛା ଗ୍ରାମବାସୀ ଗାଁରେ ଡକରା ଦେଇ କଙ୍ଗାରୁକୋର୍ଟ କରିଥିଲେ। ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ହୀନଙ୍କ ପରିବାରଲୋକଙ୍କୁ ୪ଲକ୍ଷ ଟଙ୍କା ଓ ୩ମାଣ ଜମି ଦେଇ ତାଙ୍କୁ ମୁହଁ ବନ୍ଦ ରଖିବା ପାଇଁ କୁହାଯାଇଥିଲା। ଆପୋଷ ସମାଧାନରେ ସେମାନେ ସଫଳ ହେବା ପରେ ହୀନଙ୍କ ଶବକୁ ଜଙ୍ଗଲକୁ ନେଇ ନିଆଁ ଲଗାଇ ଦେଇଥିଲେ। କାଠ ସଂଗ୍ରହ କରି ଗ୍ରାମବାସୀ ଶବକୁ ନିଆଁ ଲଗାଇ ସାରିଥିଲେ।

ତେବେ କୌଣସି ସୂତ୍ରରୁ ଖବର ପାଇ ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ ଓ ଥାନା ଅଧିକାରୀ ପରମାନନ୍ଦ ଦଳେଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବହୁ ଖୋଜାଖୋଜି କରିବା ପରେ ଜଙ୍ଗଲ ଭିତରୁ ଦରପୋଡ଼ା ଶବ ଜବତ କରିଥିଲେ। ନିଆଁ ଲିଭାଇ ଶବକୁ ଉଦ୍ଧାର କରିବା ପାଇଁ ପୁଲିସ୍ ଚେଷ୍ଟା କରିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଶେଷରେ, ପୁଲିସ ଗ୍ରାମବାସୀଙ୍କୁ ବୁଝାସୁଝା କରି ଦରପୋଡ଼ା ଶବ ଜବତ କରିବାରେ ସଫଳ ହୋଇଥିଲା। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ଛାନ୍‌ଭିନ୍ କରିଛି। ଶବ ବ୍ୟବଚ୍ଛେଦ ପାଇଁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ତଥା ଶବ ପୋଡୁଥିବା ଗୋଚ୍ଛା ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ପୁଲିସ ଅଟକ ରଖିଛି। ଅପରପକ୍ଷେ, ଶିକାରୀ ଦୁଇଜଣ ବଧିସାହି ଗ୍ରାମର ସନ୍ତୋଷ ସାହୁ ଓ ମିଟୁ ପ୍ରଧାନ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ଏହି ଘଟଣାରେ ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନଙ୍କ ମତାମତ ନେବାରେ ଦରପୋଡ଼ା ଶବ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା କହିଛନ୍ତି। ଘଟଣାର ଅନୁସନ୍ଧାନ ଚାଲିଛି, ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଓଏଏସ୍ ସ୍ତରରେ ଏକ ଛୋଟ ଅଦଳବଦଳ

## ବଦଳିରେ ବ୍ରହ୍ମପୁର ମହାନଗର ନିଗମ କମିସନର

**ଭୁବନେଶ୍ୱର, ୩୦।୫(ସମିସ):** ଓଏଏସ୍ ସ୍ତରରେ ଏକ ଛୋଟ ଅଦଳ ବଦଳ ହୋଇଛି। ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ସଚିବ ବାଳମୁକୁନ୍ଦ ଭୂୟାଁଙ୍କୁ ପ୍ରାଥମିକ ଶିକ୍ଷାର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଏହାସହିତ ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ସମ୍ବିତ କୁମାର ନାୟକଙ୍କୁ ପୁସ୍ତକ ପ୍ରକାଶନ ଓ ମାର୍କେଟିଂ ନିର୍ଦ୍ଦେଶକ ଭାବେ ବଦଳି ହୋଇଥିବା ବେଳେ ବ୍ରହ୍ମପୁର ମହାନଗର ନିଗମର କମିସନର ଭବାନୀ ପ୍ରଶାଦ ମିଶ୍ରଙ୍କୁ ପିଏମ୍ ପୋଷଣ ଓ ଏମ୍‌ଏମ୍ ପୋଷଣର ରାଜ୍ୟ ନୋଡାଲ୍ ଅଧିକାରୀ ଭାବେ ବଦଳି କରାଯାଇଛି। ଏହାସହିତ ଗତ ୨୩ ତାରିଖରେ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ୍ ପୋଷଣ ଓ ଏମ୍‌ଏମ୍ ପୋଷଣର ନୋଡାଲ ଅଧିକାରୀ ଭାବେ ହୋଇଥିବା ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇଛି। ୩୧ ତାରିଖ ସୁଦ୍ଧା ଏହି ଅଧିକାରୀମାନଙ୍କୁ ରିଲ୍‌ଭ ହେବା ସହ ନିଜର ନୂତନ କାର୍ଯ୍ୟସ୍ଥଳୀରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଉଚ୍ଚ ଶିକ୍ଷାନୁଷ୍ଠାନରେ ଅସୁରକ୍ଷିତ ଛାତ୍ରୀ

**ଅଧ୍ୟାପକଙ୍କ ବିରୋଧରେ ବଢୁଛି ନିର୍ଯାତନା ମାମଲା**

**ହେଉନି କାର୍ଯ୍ୟାନୁଷ୍ଠାନ; ଆଇସିସି ଗଠନକୁ ହେୟଜ୍ଞାନ**

**ଭୁବନେଶ୍ୱର, ୩୦।୫(ସମିସ):** ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅସୁରକ୍ଷିତ ଛାତ୍ରୀ। ଖୋଦ୍ ଅଧ୍ୟାପକ ଓ ପ୍ରାଧ୍ୟାପକମାନଙ୍କ ବିରୋଧରେ ଆସୁଛି ଅସଦାଚରଣ ଅଭିଯୋଗ। ପ୍ରତିଟି ଅଭିଯୋଗର ଆଧାର ମଧ୍ୟ ରହିଛି। କେତେବେଳେ ସିସିଟିଭି ଭିଡିଓ ସାମ୍ନାକୁ ଆସୁଛି ତ ଆଉ କେତେବେଳେ ପ୍ରେମ ନିବେଦନର ଅଡିଓ ଭାଇରାଲ୍ ହେଉଛି। ଗତ ୨୦୨୪-୨୫ ଶିକ୍ଷାବର୍ଷରେ ଏପରି ମାମଲା ସଂଖ୍ୟା ଅଧିକ ବଢ଼ିଛି। ଏହାକୁ ନେଇ ଅଭିଭାବକଙ୍କ ମନରେ ଅକୁହା ଭୟ ଘାରିଥିବାବେଳେ ସରକାର ଆଖିବୁଜିଆ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ଏପରିକି ବାଧ୍ୟତାମୂଳକ କରାଯାଇଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ମଧ୍ୟ ବହୁ ଉଚ୍ଚଶିକ୍ଷାନୁଷ୍ଠାନରେ ଗଠନ କରା ନ ଯିବା ଛାତ୍ରୀଙ୍କ ସୁରକ୍ଷାକୁ ଅଧିକ ବିପନ୍ନ କରିଛି।

ନିକଟରେ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଜଣେ ଆସୋସିଏଟ୍ ପ୍ରଫେସରଙ୍କ ବିରୋଧରେ ଜଣେ ପିଏଚ୍‌ଡି ଛାତ୍ରୀ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏହାପୂର୍ବରୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ତତ୍କାଳୀନ କମ୍ପ୍ୟୁଟର ସାଇନ୍ସ ବିଭାଗର ଜଣେ ଅଧ୍ୟାପକଙ୍କ ବିରୋଧରେ ଇଗ୍ନୋରେ ପଢୁଥିବା ଜଣେ ଛାତ୍ରୀ ସଙ୍ଗିନ ଅଭିଯୋଗ ଆଣିବା ପରେ ବିଭାଗ ପକ୍ଷରୁ ତଦନ୍ତ କରାଯାଇ ସମ୍ପୃକ୍ତ ଅଧ୍ୟାପକଙ୍କୁ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟକୁ ବଦଳି କରାଯାଇଛି। ସେହିପରି ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ମହାବିଦ୍ୟାଳୟର ଜଣେ ଅଧ୍ୟାପକ ସିସିଟିଭିକୁ ଉପରମୁହାଁ କରି ଅନୈତିକ କାର୍ଯ୍ୟ କରୁଥିବା ପରି ଗୁରୁତର ଅଭିଯୋଗ ହୋଇଥିଲା। ତେବେ ଏହାର ସିସିଟିଭି ଭିଡିଓ ଭାଇରାଲ୍ ହେବା ପରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ଅଧ୍ୟାପକଙ୍କ ବହିଷ୍କାର ଦାବି କରିଥିଲେ। ଅନୁରୂପ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ବି ଯୌନ ନିର୍ଯାତନାର ଅଭିଯୋଗ ଆସିଥିଲା। ଅର୍ଥନୀତି ବିଭାଗର ଅଧ୍ୟାପକ ସେହି ବିଭାଗର ଜଣେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ବରଗଡ଼ ଜିଲ୍ଲା ପଦମ୍ପୁର ଅଞ୍ଚଳ ମହାବିଦ୍ୟାଳୟର ଅର୍ଥନୀତି ପ୍ରାଧ୍ୟାପକ ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ୍ କରି ବିବାଦୀୟ ହୋଇଥିଲେ। ନିଜ ବିଭାଗର ଛାତ୍ରୀଙ୍କ ସହ ସମ୍ପୃକ୍ତ ପ୍ରାଧ୍ୟାପକଙ୍କ ଚାଟିଂର ସ୍କ୍ରିନ୍‌ସଟ୍ ପ୍ରଘଟ ହୋଇଥିଲା। ଏକାଧିକ ଛାତ୍ରୀଙ୍କ ସହ ସେ ଏଭଳି ଚାଟିଂ କରିଥିବା ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ।

ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ଦିନକୁ ଦିନ ବିପନ୍ନ ହେଉଥିବାବେଳେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବା ଆଇସିସି ମଧ୍ୟ ଗଠନ କରୁ ନାହାନ୍ତି। ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ୪୮ଟି ମହିଳା ମହାବିଦ୍ୟାଳୟ ମଧ୍ୟରୁ ୨୪ଟିରେ ଗତ ଫେବୃଆରୀ ଶେଷ ସୁଦ୍ଧା ଆଇସିସି ଗଠନ ହୋଇ ନ ଥିଲା। ସେହିପରି ବହୁ ଉଚ୍ଚ ଶିକ୍ଷାନୁଷ୍ଠାନରେ ମଧ୍ୟ ଆଇସିସି ନାହିଁ। ଏଣୁ ଅନେକ ଅସଦାଚରଣ ଘଟଣା ପଦାକୁ ନ ଆସି ଚାପିହୋଇ ରହିଯାଉଛି। ଛାତ୍ର-ଶିକ୍ଷକ ସମ୍ପର୍କରେ କଳଙ୍କ ଲାଗୁଛି। ଅଧ୍ୟାପକଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ବଢୁଥିବାବେଳେ ତ୍ୱରିତ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ଓ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

## ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକ

**ଶୋକ ବ୍ୟକ୍ତ କଲେ ବାଚସ୍ପତି, ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା**



**କାମାକ୍ଷାନଗର, ୩୦।୫ (ସମିସ):** କାମାକ୍ଷାନଗର ନିର୍ବାଚନମଣ୍ଡଳୀରୁ ୩ଥର ବିଧାୟକ ନିର୍ବାଚିତ ହୋଇଥିବା ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ପରଲୋକ ହୋଇଛି। ଅସୁସ୍ଥତା ଯୋଗୁଁ କିଛି ଦିନ ଧରି ସେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଗୁରୁବାର ବିଳମ୍ବିତ ରାତିରେ ସେଠାରେ ତାଙ୍କର ଦେହାନ୍ତ ହୋଇଯାଇଥିଲା। ଶୁକ୍ରବାର ତାଙ୍କ ମରଶରୀର କାମାକ୍ଷାନଗରସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ସାଧାରଣ ଲୋକ ପ୍ରବଳ ବର୍ଷା ସତ୍ତ୍ୱେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ ବୋଲି ସୂଚନା ମିଳିଛି।

ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ବହୁ ରାଜନୈତିକ ବ୍ୟକ୍ତିବିଶେଷ ନିଜର ଶୋକ ପ୍ରକଟ କରିଛନ୍ତି। ବାଚସ୍ପତି ଶ୍ରୀମତୀ ପାଢ଼ୀ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ ଜନସେବା କ୍ଷେତ୍ରରେ ସ୍ୱର୍ଗତ ପଟ୍ଟନାୟକଙ୍କ ବହୁମୂଲ୍ୟ ଅବଦାନ ସବୁଦିନ ପାଇଁ ମନେ ରହିବ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସେ ଗଭୀର ସମବେଦନା ଜଣାଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରି କହିଛନ୍ତି ଯେ ଜଣେ କର୍ମଯୋଗୀ ନେତାଙ୍କୁ ଓଡ଼ିଶା ମାଟି ହରାଇଲା। ଶିକ୍ଷା, ସାମାଜିକ ସେବା ଏବଂ ରାଜନୈତିକ କ୍ଷେତ୍ରକୁ ଓଡ଼ିଶାର ପ୍ରଥମ ବିଜେପି ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରି କହିଛନ୍ତି, ପରଲୋକ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଉଛି ବୋଲି ନିଜ ଏକ୍ସ ଆକାଉଣ୍ଟ୍‌ରେ ଉଲ୍ଲେଖ କରିଛନ୍ତି।

ଛାତ୍ର ଜୀବନରୁ ରାଜନୀତିରେ ବେଶ୍ ସକ୍ରିୟ ଥିବା ପ୍ରସନ୍ନ ୧୯୭୭ରେ ସିଧାସଳଖ ରାଜନୀତିରେ ପ୍ରବେଶ କରିଥିଲେ। ମାତ୍ର ୨୮ ବର୍ଷ ବୟସରେ ଜନତା ପାର୍ଟିରୁ ସେ ବିଧାନସଭାରେ କାମାକ୍ଷାନଗରକୁ ପ୍ରଥମଥର ପ୍ରତିନିଧିତ୍ୱ କରିଥିଲେ। ପରେ, ୧୯୮୫ରେ ବିଜେପି ଟିକଟରେ ପ୍ରାର୍ଥୀ ହୋଇ ରାଜ୍ୟର ପ୍ରଥମ ବିଜେପି ବିଧାୟକ ଭାବେ ବିଜୟୀ ହୋଇଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ଜନତା ଦଳ ଟିକଟରେ ନିର୍ବାଚିତ ହୋଇଥିଲେ।

## ସୂଚନା ନ ଦେବା ଅଧିକାରୀଙ୍କୁ ମହଙ୍ଗା ପଡ଼ିଲା

**■ ଅବସର ପରେ ବି ହେଲେ ଦଣ୍ଡିତ ହେଲେ**

**■ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ**

**ଭୁବନେଶ୍ୱର, ୩୦।୫(ସମିସ):** ସୂଚନା ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରିବା ସୂଚନା ଅଧିକାରୀଙ୍କୁ ମହଙ୍ଗା ପଡ଼ିଛି। ଅଧିକାରୀଙ୍କ ଅବସର ପରେ ବି ସୂଚନା ଆୟୁକ୍ତଙ୍କ ପାଖରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିପାଇଁ ୧୦ ହଜାର ଟଙ୍କାର ଦଣ୍ଡବିଧାନ ମଧ୍ୟ କରାଯାଇଛି। ଏହି ଜରିମାନା ରାଶି ତୁରନ୍ତ ଦାଖଲ କରିବାକୁ କୁହାଯାଇଛି। ଜରିମାନା ଅର୍ଥ ନ ଭରିଲେ, ତାଙ୍କ ସରକାରୀ ପ୍ରାପ୍ୟରୁ କାଟି ରଖିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯାଜପୁର ଜିଲ୍ଲାରେ ଘଟିଛି ଏଭଳି ଘଟଣା। ଏହା ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ସୂଚନା ଦେବାରେ ଅବହେଳା କରୁଥିବା ଅଧିକାରୀଙ୍କ ଭିତରେ ଛାନିଆ ପଶିଛି।

ସୂଚନାନୁସାରେ, ଯାଜପୁର ଜିଲ୍ଲା ଦିଆନପାଟନାର ଅରୂପ କୁମାର ପତି ଗତ ୨୯ ଅକ୍ଟୋବର ୨୦୨୦ରେ କେତେକ ତଥ୍ୟ ପାଇଁ ଦଶରଥପୁର ବିଡିଓ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ତତ୍‌କାଳୀନ ସୂଚନା ଅଧିକାରୀ ଏହାକୁ ନନ୍ଦିପୁର ଗ୍ରାମ ପଞ୍ଚାୟତ ସୂଚନା ଅଧିକାରୀଙ୍କ ନିକଟକୁ ହସ୍ତାନ୍ତର କରିଥିଲେ। ମାତ୍ର ଆବେଦନକାରୀଙ୍କୁ ସୂଚନା ଅଧିକାରୀ ରଞ୍ଜନ କୁମାର ବେହେରା ନିର୍ଦ୍ଧାରିତ ସମୟରେ ସୂଚନା ଦେଇନଥିଲେ। ଆବେଦନକାରୀ ସୂଚନା ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ଏହାପରେ ଆୟୁକ୍ତ ସମ୍ପୃକ୍ତ ଅଧିକାରୀ ନୋଟିସ୍ କରିଥିଲେ। ମାତ୍ର ଶ୍ରୀ ବେହେରା ହାଜର ହୋଇ ନିଜର ପକ୍ଷ ରଖିନଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ପକ୍ଷରେ ସେ ଉଲ୍ଲେଖ କରିଥିଲେ, କରୋନା ସମୟରେ ସେ ୩ଟି ପଞ୍ଚାୟତ ଦାୟିତ୍ୱରେ ଥିଲେ। ସୂଚନା ଦେବା ନିମିତ୍ତ ସେ ଆବେଦନକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ହେଁ ସମ୍ଭବ ହୋଇନଥିଲା। ପରେ ୨୦୨୧ ଏପ୍ରିଲ୍‌ରେ ଅଗ୍ନିକାଣ୍ଡ ଯୋଗୁଁ ସମସ୍ତ କାଗଜପତ୍ର ପୋଡ଼ି ଯାଇଥିଲା। ହେଲେ ରାଜ୍ୟ ସୂଚନା ଆୟୁକ୍ତ ସୁକାନ୍ତ କୁମାର ମହାନ୍ତି ପୂର୍ବତନ ଅଧିକାରୀଙ୍କ ଏହି କଥାକୁ ଗ୍ରହଣ କରିନଥିଲେ।

## ବିଧାୟକ ଯୋଗେଶ ସିଂହଙ୍କ ଅଟକକୁ ନିନ୍ଦାକଲା ବିଜେଡି

**ଭୁବନେଶ୍ୱର, ୩୦।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକର ବରପାଲି ଗ୍ରାମରେ, ଅଙ୍ଗନବାଡ଼ି, ସ୍କୁଲ ଓ ଗ୍ରାମାଞ୍ଚଳ ରାସ୍ତାରେ କୋଇଲା ବୋଝେଇ ଟ୍ରକ ପରିବହନକୁ ବିରୋଧ କରି ଓ ନିକଟସ୍ଥ କୋଇଲା ସାଇଡିଂର ସ୍ଥାନାନ୍ତର ଦାବିରେ ଧାରଣାରେ ବସିଥିବା ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ ସିଂହ ଓ ଅନ୍ୟ ୬୬ ଜଣ ଗ୍ରାମବାସୀଙ୍କୁ ପୁଲିସ ଉଠାଇନେଇ ଅଟକ ରଖିବା ଘଟଣାକୁ ବିଜୁ ଜନତା ଦଳ ନିନ୍ଦା କରିଛି। ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିବା ଗ୍ରାମବାସୀ ଓ ବିଧାୟକଙ୍କୁ ଏପରି ଉଠାଇନେବା ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ। ଏହି ଅଞ୍ଚଳରେ ଏକ କୋଇଲା ସାଇଡିଂ ନିର୍ମାଣ କରାଯାଇ ଶହ ଶହ କୋଇଲା ବୋଝେଇ ଟ୍ରକ ଗ୍ରାମାଞ୍ଚଳ ରାସ୍ତା ଦେଇ ଯିବା ଆସିବା କରୁଛି। ଏହି ସାଇଡିଂ ନିର୍ମାଣ ପାଇଁ ଗ୍ରାମସଭା ଆୟୋଜନ ହୋଇନାହିଁ। ପ୍ରତିଦିନ ଶହ ଶହ କୋଇଲା ବୋଝେଇ ଟ୍ରକ ଗ୍ରାମାଞ୍ଚଳ ରାସ୍ତା ଦେଇ ଯିବା ଆସିବା କରୁଥିବାରୁ, ସ୍ଥାନୀୟ ବାସିନ୍ଦା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ, ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂହ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହିତ ଏହି ରାସ୍ତାର ଦାୟିତ୍ୱରେ ଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଲେଖି ଏହି ରାସ୍ତା କୋଇଲା ବୋଝେଇ ଟ୍ରକ ଯିବାପାଇଁ ଉପଯୋଗୀ ନୁହେଁ ବୋଲି ଜଣାଇଥିଲେ। ଶ୍ରୀ ମିଶ୍ର ଆହୁରି କହିଥିଲେ, ଏହି ସମ୍ବନ୍ଧରେ ଗ୍ରାମବାସୀଙ୍କ ତରଫରୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ ହୋଇଥିଲା। ଯାହାର ଶୁଣାଣି ଆସନ୍ତା ଜୁନ ୨୫ ତାରିଖକୁ ଧାର୍ଯ୍ୟ ହୋଇଛି। ମାମଲା ଉଚ୍ଚ ନ୍ୟାୟାଳୟରେ ଶୁଣାଣି ହେବାକୁ ଥିବାବେଳେ ଓ ଗ୍ରାମବାସୀ ମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ବେଳେ, ଗ୍ରାମବାସୀଙ୍କ ସହ ଜଣେ ଲୋକ ପ୍ରତିନିଧିଙ୍କୁ ଯେଉଁଭଳି ଭାବେ ଉଠାଇ ନିଆଯାଇଛି, ତାହା ଗଣତନ୍ତ୍ର ପ୍ରତି କୁଠାରଘାତ। କାହା ଇଙ୍ଗିତରେ ଏହି ଅଗଣତାନ୍ତ୍ରିକ କାର୍ଯ୍ୟ ହୋଇଛି ତାହା ସ୍ପଷ୍ଟ ହେବା ଦରକାର ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି। ଡଃ ଲେନିନ ମହାନ୍ତି କହିଥିଲେ, ଜଣେ ଜନ ପ୍ରତିନିଧିଙ୍କୁ ଏପରି ଅଗଣତାନ୍ତ୍ରିକ ଭାବେ ଅଟକ ରଖିବାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରୁଛି। ଗ୍ରାମବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ, ବେନିୟମ ଭାବେ ସାଇଡିଂ ନିର୍ମାଣ କାହା ସ୍ୱାର୍ଥରେ ବୋଲି ଡଃ ମହାନ୍ତି ପ୍ରଶ୍ନ କରିଛନ୍ତି।

### ରଥଯାତ୍ରା ଖର୍ଚ୍ଚ ୩୪ କୋଟି

## ମାଉସୀ ମା'ର ପୋଡ଼ପିଠା ପାଇଁ ଟଙ୍କା ନିଅଣ୍ଟ



**ପୋଡ଼ପିଠା ବାବଦ ଖେଇ ମିଳୁଛି ୩୫୦୦ ଟଙ୍କା**

**ଅର୍ଥରାଶି ବୃଦ୍ଧିକୁ ଶ୍ରୀମନ୍ଦିର ପ୍ରଶାସନର ଅଣଦେଖା**

**ପୁରୀ, ୩୦।୫ (ସମିସ):** ରଥଯାତ୍ରା ପାଇଁ ପ୍ରତିବର୍ଷ ବଜେଟ୍ ବଢୁଛି। ଗତବର୍ଷ ଏହା ୨୩କୋଟିରେ ସୀମିତ ଥିବା ବେଳେ ଏବର୍ଷ ୩୪କୋଟିରେ ପହଞ୍ଚିଛି। ଅର୍ଥାତ୍ ଗୋଟିଏ ବର୍ଷରେ ବଜେଟ୍ ବଢ଼ିଛି ୧୧କୋଟି। କିନ୍ତୁ ରଥଯାତ୍ରାର ଗୋଟିଏ ଅଂଶ ମାଉସୀ ମା'ର ପୋଡ଼ପିଠା ପାଇଁ ଖର୍ଚ୍ଚ ବଢୁନି। ୨୦୧୫ରେ ଛେନା, ଘିଅ, ଚିନି ଆଦି ଦାମ୍ ଯାହା ଥିଲା, ତାହା ହିଁ ରହିଛି। ୧୦ବର୍ଷରେ କୌଣସି ସାମଗ୍ରୀର ଖର୍ଚ୍ଚ ବଢ଼ିନି। ଏକଥା ଆମେ କହୁନୁ; କହୁଛି ଶ୍ରୀମନ୍ଦିର ପ୍ରଶାସନ। ପ୍ରତିବର୍ଷ ସେବକଙ୍କ ପ୍ରାପ୍ୟ ପାଉଣା ଏବଂ ଖେଇ ବଢ଼ି ଚାଲିଥିବା ବେଳେ ମାଉସୀ ମା'ଙ୍କ ସ୍ନେହର ପୋଡ଼ପିଠା ପ୍ରତି କିନ୍ତୁ ଅବହେଳା ଏବଂ ଅଣଦେଖା କରାଯାଉଛି। ପ୍ରତିବର୍ଷ ମନ୍ଦିର ପକ୍ଷରୁ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ଖେଇ ବୃଦ୍ଧି ପାଇଁ ଚିଠି କରାଯାଉଛି। ହେଲେ, ନୀତି ପ୍ରଶାସକ ସାଜିଛନ୍ତି ନିଦାବିଷ୍ଣୁ। ତଥାପି, ପୋଡ଼ପିଠା ମାନରେ କି ପରିମାଣରେ ହ୍ରାସ କରାଯାଉନି ବରଂ ଚାହିଦାକୁ ଦେଖି ବଢ଼ିବଢ଼ି ଚାଲିଛି।

ମହାପ୍ରଭୁ ହେଉଛନ୍ତି ଭୋଜନପ୍ରିୟ। ସେଥିପାଇଁ ଠାକୁରଙ୍କ ନିକଟରେ ଷାଠିଏ ପଉଟି ଭୋଗ ଓ ଛପନ ପ୍ରକାର ବ୍ୟଞ୍ଜନର ବ୍ୟବସ୍ଥା ରହିଛି। ତଥାପି ପିଠା ଖାଇବା ପାଇଁ ମହାପ୍ରଭୁଙ୍କର ଥାଏ ବିଶେଷ ଅଭିରୁଚି। ଭାଦ୍ରବ ଅମାବାସ୍ୟା ପୂର୍ବଦିନ ମହାପ୍ରଭୁ ଦେବୀ ଦକ୍ଷିଣକାଳୀଙ୍କୁ ଆଜ୍ଞାମାଳ ଦେଇ ସାତପୁରୀ ପିଠା କରିବା ପାଇଁ ଆଜ୍ଞା ଦେଇଥା'ନ୍ତି। ତାଙ୍କ ଆଜ୍ଞାକୁ ପାଳନ କରି ମା' ଦକ୍ଷିଣକାଳୀ ଅମାବାସ୍ୟା ଦିନ ତିନିଟି ତାଡ଼ରେ ୭ ପ୍ରକାର ପୂରଦିଆ ସୁଆଦିଆ ପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ଖୁଆଇଥା'ନ୍ତି। ସେହିପରି ମକର ସଂକ୍ରାନ୍ତି ଦିନ ସ୍ୱୟଂ ମହାଲକ୍ଷ୍ମୀ ୮୪ପ୍ରକାରର ପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କୁ ମଣୋହି କରାଇଥା'ନ୍ତି। ଏହାବ୍ୟତୀତ ପ୍ରତିଦିନ ବିଭିନ୍ନ ପ୍ରକାର ପିଠା ଠାକୁରଙ୍କୁ ଭୋଗ ଲାଗିଥାଏ। ଏହା ସତ୍ତ୍ୱେ ମାଉସୀ ମା'ଙ୍କଠାରୁ ପୋଡ଼ପିଠା ଖାଇବା ପାଇଁ ଅପେକ୍ଷା କରିଥା'ନ୍ତି ମହାପ୍ରଭୁ। ଶ୍ରୀଗୁଣ୍ଡିଚା ଯାତ୍ରାରେ ଯାଇ ବାହୁଡ଼ିବା ବେଳେ ମହାପ୍ରଭୁ ମାଉସୀ ମା' ଘରେ ପୋଡ଼ପିଠା ଖାଇ ଶ୍ରୀମନ୍ଦିର ଫେରିଥା'ନ୍ତି ବୋଲି ଜନଶ୍ରୁତି ରହିଛି। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ଏହି ପରମ୍ପରା କେଉଁ ଅନାଦି କାଳରୁ ରହିଆସିଛି।

ପ୍ରତିବର୍ଷ ହେରାପଞ୍ଚମୀଠାରୁ ମାଉସୀ ମା' ମନ୍ଦିରରେ ପୋଡ଼ପିଠା ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଛେନା, ଅଟା, ଚିନି, ଲବଙ୍ଗ, ପିସ୍ତାବାଦାମ ଏବଂ ଦେଶୀ ଗାଈ ଘିଅ ମିଶାଯାଇ ଏକ ମିଶ୍ରଣ ପ୍ରସ୍ତୁତ କରାଯାଇଥାଏ। ବାହୁଡ଼ା ଦିନ ରଥ ମାଉସୀ ମା' ମନ୍ଦିର ନିକଟରେ ଅଟକିବା ପରେ ପୂଜାପଣ୍ଡା ସାମନ୍ତ ଆସି ମାଉସୀ ମା' ନିକଟରେ ଭୋଗ କରିବା ପରେ ରଥାରୂଢ଼ ଠାକୁରଙ୍କୁ ଏହାକୁ ସମର୍ପଣ କରିଥା'ନ୍ତି। ଏହାକୁ ସର୍ପମଣୋହୀ ଭୋଗ କୁହାଯାଏ। ବର୍ଷକୁ ଥରେ ଏହି ପୋଡ଼ପିଠା ମିଳୁଥିବାରୁ ଏହାକୁ ପାଇବା ପାଇଁ ଭକ୍ତଙ୍କ ମଧ୍ୟରେ ନାହିଁ ନ ଥିବା ଆଗ୍ରହ ଦେଖିବାକୁ ମିଳେ।

ପୋଡ଼ପିଠା ପ୍ରସ୍ତୁତି ପାଇଁ ପୂର୍ବରୁ ମାତ୍ର ୫୦୦ ଟଙ୍କା ଶ୍ରୀମନ୍ଦିର ପ୍ରଶାସନ ଖେଇ ଆକାରରେ ଦେଉଥିଲା। ୨୦୧୫ନବକଳେବର ବର୍ଷ ଏହି ଖେଇ ଅର୍ଥ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଇତିମଧ୍ୟରେ ୧୦ବର୍ଷ ବିତିଗଲାଣି; ପୋଡ଼ପିଠା ପାଇଁ ଆବଶ୍ୟକ ସାମଗ୍ରୀ ଯଥା- ଛେନା, ଶୁଦ୍ଧ ଘିଅ, ଲବଙ୍ଗ, ଅଳେଇଚ, ଅଟା, ପିସ୍ତା, ଜାଳେଣୀ କାଠର ଦରବୃଦ୍ଧି ପାଉଥିଲେ ମଧ୍ୟ ଖେଇ ରାଶି ବଢୁନି। ଏନେଇ ପ୍ରତିବର୍ଷ ମାଉସୀ ମା' ମନ୍ଦିର ପକ୍ଷରୁ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କୁ ପୋଡ଼ପିଠା ବାବଦ ଖେଇ ଅର୍ଥ ବୃଦ୍ଧି ପାଇଁ ଚିଠି କରାଯାଉଛି। ଅତି କମ୍‌ରେ ୨୦ହଜାର ଟଙ୍କା ଖର୍ଚ୍ଚ ହେଉଛି। ତଥାପି ଭକ୍ତଙ୍କ ଚାହିଦା ପୂରଣ ହୋଇପାରୁନାହିଁ। ତେଣୁ ଏ ବାବଦ ଅର୍ଥରାଶି ବୃଦ୍ଧି କରାଗଲେ ଅଧିକ ପରିମାଣରେ ପୋଡ଼ପିଠା ପ୍ରସ୍ତୁତ କରାଯାଇ ଶ୍ରଦ୍ଧାଳୁଙ୍କୁ ପ୍ରଦାନ କରାଯାଇପାରନ୍ତା ବୋଲି ଅନୁରୋଧ କରାଯାଉଛି। ହେଲେ ନୀତି ପ୍ରଶାସକ କିଛି ଶୁଣୁନାହାନ୍ତି। ଯେଉଁଠି ରଥଯାତ୍ରା ପାଇଁ ୩୪ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି, ସେଠି ମାଉସୀ ମା'ର ପୋଡ଼ପିଠା ପାଇଁ ଟଙ୍କା ନିଅଣ୍ଟ ପଡ଼ିବା ହାସ୍ୟାସ୍ପଦ ବୋଲି ଚର୍ଚ୍ଚା ହେଉଛି।

## ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଖାରଜ

**ଭୁବନେଶ୍ୱର, ୩୦।୫ (ସମିସ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜୀ ସେଠୀଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କାଟ୍ ଖାଇଛି। କୋରମ୍ ଅଭାବରୁ ଏହି ଅନାସ୍ଥା ପ୍ରସ୍ତାବ ଖାରଜ ହୋଇଯାଇଛି। ସମୁଦାୟ ୮୬ ଜଣ ସଦସ୍ୟଙ୍କ ମଧ୍ୟରୁ କେବଳ ୬ଜଣ ଆଜିର ଅନାସ୍ଥା ବୈଠକରେ ଉପସ୍ଥିତ ରହିବାରୁ ଏହି ଅନାସ୍ଥା କାଟ୍ ଖାଇବା ସହ ବିଜୁ ଜନତା ଦଳ ସମର୍ଥିତ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସେଠୀ ନିଜ ପଦବୀ ବଜାୟ ରଖିଛନ୍ତି ବୋଲି ବିଜେଡି ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡଃ ଲେନିନ୍ ମହାନ୍ତି ସୂଚନା ଦେଇଛନ୍ତି।

ଡଃ ମହାନ୍ତି କହିଛନ୍ତି ଯେ ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବା ପାଇଁ ଉଦ୍ୟମ ହୋଇ ଆସୁଥିଲା। ସ୍ୱାଧୀନ ବିଧାୟକ ସାରଦା ପ୍ରଧାନଙ୍କ ଚାପରେ ଆଗତ ଅନାସ୍ଥା ପ୍ରସ୍ତାବ ପାଇଁ ମେ' ୧୩ ତାରିଖରେ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଆବଶ୍ୟକ ସମର୍ଥନ ଜୁଟାଇ ନ ପାରିବା କାରଣରୁ କିଛି ସଦସ୍ୟଙ୍କ ସ୍ୱାସ୍ଥ୍ୟ ଖରାପ ଆଳ ଦେଖାଇ ଏହାକୁ ଷଡ଼ଯନ୍ତ୍ର ପୂର୍ବକ ଘୁଞ୍ଚାଇ ଦିଆଯାଇଥିଲା। ଆଜି ନିର୍ବାଚନ ଅଧିକାରୀ ଅନାସ୍ଥା ପ୍ରସ୍ତାବ ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରିଥିଲେ। କିନ୍ତୁ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ସଭ୍ୟସଭ୍ୟାମାନେ ମଧ୍ୟ ବୈଠକରେ ଉପସ୍ଥିତ ରହି ନ ଥିଲେ। ୮୬ ଜଣ ଭୋଟରଙ୍କ ମଧ୍ୟରୁ କେବଳ ୬ଜଣ ଉପସ୍ଥିତ ଥିବା କାରଣରୁ ଅନାସ୍ଥା ପ୍ରସ୍ତାବ ଆଲୋଚନା ହୋଇପାରିଲା ନାହିଁ। ଡଃ ମହାନ୍ତି ଆହୁରି ମଧ୍ୟ କହିଛନ୍ତି ଯେ ପଞ୍ଚାୟତ ସମିତିରେ ବେନିୟମ ଓ ଦୁର୍ନୀତି କରିବା ପାଇଁ ବିଧାୟକ ସାରଦା ପ୍ରଧାନଙ୍କ ଚାପ ଆଗରେ ମୁଣ୍ଡ ନ ନୁଆଁଇବାରୁ ଅଧ୍ୟକ୍ଷା ଶ୍ରୀମତୀ ସେଠୀଙ୍କ ବିରୋଧରେ ଏହି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇଥିଲା। କିନ୍ତୁ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ପିଆର୍‌ଆଇ ସଦସ୍ୟମାନେ ବିଧାୟକଙ୍କ ଏହି ଷଡ଼ଯନ୍ତ୍ରକୁ ବୁଝିପାରି ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଭୋଟ ଦାନରୁ ବିରତ ରହିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟାର ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** ବୁଝିବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୭୨୫-ଭାରତୀୟ ବୀରରମଣୀ ଅହଲ୍ୟାବାଈ ହୋଲ୍‌କରଙ୍କ ଜନ୍ମ।
- ୧୯୫୯- ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ଭାରତରେ ଶରଣ ନେଲେ।
- ୧୯୬୪- ବମ୍ବେରେ ଇଲେକ୍ଟ୍ରିକ୍ ଟ୍ରାମ୍ ଶେଷଥର ପାଇଁ ଚାଲିଲା।
- ୧୯୯୬- ବେଞ୍ଜାମିନ୍ ନେତାନ୍ୟାହୁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୮ - ବିଶ୍ୱର ମହାନ୍ ସ୍ପ୍ରିଣ୍ଟର୍ ଉସେନ୍ ବୋଲ୍ଟ ୯.୭୨ ସେକେଣ୍ଡରେ ୧୦୦ ମିଟର ଦୌଡ଼ି ବିଶ୍ୱ ରେକର୍ଡ କଲେ।

## ବିଶ୍ୱ ତମାଖୁ ବର୍ଜନ ଦିବସ

### ଧୂଆଁ ନେଉଛି ଜୀବନ



ସ୍ୱାସ୍ଥ୍ୟ ଉପରେ ତମାଖୁର କୁପ୍ରଭାବ ବିଷୟରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ୩୧ ତାରିଖକୁ 'ବିଶ୍ୱ ତମାଖୁ ବର୍ଜନ ଦିବସ' ବା 'ୱାର୍ଲଡ୍ ନୋ ଟୋବାକୋ ଡେ' ଭାବେ ପାଳନ କରାଯାଏ। ତମାଖୁ ସେବନ ଏବେ ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହେବା ସହ ଏହା ବାର୍ଷିକ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁର କାରଣ ପାଲଟିଛି। ତମାଖୁ ସେବନର ବ୍ୟାପକତା ଓ ଜନସ୍ୱାସ୍ଥ୍ୟ ଉପରେ ଏହାର ନକାରାତ୍ମକ ପ୍ରଭାବକୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୧୯୮୭ ମସିହାରୁ ତମାଖୁ ବର୍ଜନ ଦିବସ ପାଳନର ପରିକଳ୍ପନା କରିଥିଲା। ୧୯୮୮ ମସିହା ମେ ୩୧ ତାରିଖରେ ପ୍ରଥମ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଥିଲା। ତମାଖୁ ସେବନ ନିୟନ୍ତ୍ରଣ ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରିବା ଏବଂ ଧୂମପାନ କରୁଥିବା ବ୍ୟକ୍ତିଙ୍କୁ ଏଥିରୁ ନିବୃତ୍ତ ରହିବାରେ ସାହାଯ୍ୟ କରିବା ଏହି ଦିବସ ପାଳନ କରିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଲୋକଙ୍କୁ ତମାଖୁ ସେବନ ଜନିତ ସ୍ୱାସ୍ଥ୍ୟ ସମସ୍ୟା, ଏହାର ଭୟାବହତା ଏବଂ ଏଥିରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ତମାଖୁ ସେବନ ଶରୀର ପ୍ରତି କ୍ଷତିକାରକ ଥିଲେ ମଧ୍ୟ କିଛି ଲୋକ ଜାଣିଶୁଣି ଏହାକୁ ସେବନ କରୁଛନ୍ତି, ଆଉ କିଛି ଲୋକ ସଚେତନତାର ଅଭାବ ଯୋଗୁ ଖରାପ ପ୍ରଭାବ ବିଷୟରେ ଜାଣି ନ ପାରି ସେବନ କରୁଛନ୍ତି। ତମାଖୁ ଦ୍ୱାରା ଆମ ଶରୀରରେ ଅନେକ ପ୍ରାଣଘାତୀ ରୋଗ ହୋଇଥାଏ। ଏହାଦ୍ୱାରା କର୍କଟ, ହୃଦ୍‌ରୋଗ, ଶ୍ୱାସରୋଗ ଆଦି ରୋଗ ହେବା ଆଶଙ୍କା ଥାଏ। ତମାଖୁ କେବଳ ଆମର ସ୍ୱାସ୍ଥ୍ୟ ନୁହେଁ, ବରଂ ପରିବେଶକୁ କ୍ଷତିଗ୍ରସ୍ତ କରିଥାଏ। ଏଥିରେ ମୁଖ୍ୟ ରସାୟନ ହେଉଛି ନିକୋଟିନ୍। ଯାହାର ଅତ୍ୟଧିକ ସେବନ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ଗର୍ଭପାତ, ସମୟ ପୂର୍ବରୁ ଜନ୍ମ ଓ ମୃତ ଛୁଆ ମଧ୍ୟ ଜନ୍ମ ହେବାର ଆଶଙ୍କା ରହିଛି। ଅନ୍ୟପଟେ କ୍ରମାଗତ ତମାଖୁ ସେବନ ଦ୍ୱାରା ମଣିଷର ପ୍ରତିଟି ଅଙ୍ଗ ପ୍ରଭାବିତ ହୁଏ। ଯାହାଫଳରେ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼େ। ଏ ଦୃଷ୍ଟିରୁ ଏହାକୁ 'ନିରବ ଘାତକ' ବୋଲି ମଧ୍ୟ କୁହାଯାଏ। ତମାଖୁର ହାନିକାରକ ପ୍ରଭାବ କେବଳ ଧୂମପାନ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ସୀମିତ ନାହିଁ; ଯେଉଁ ଲୋକେ ଏହାକୁ ସେବନ ନ କରି ମଧ୍ୟ ଧୂଆଁ ସଂସ୍ପର୍ଶରେ ଆସୁଛନ୍ତି ସେମାନଙ୍କର ମଧ୍ୟ ହୃଦ୍‌ରୋଗ, ଶ୍ୱାସକ୍ରିୟାରେ ସମସ୍ୟା, କର୍କଟରେ ଆକ୍ରାନ୍ତ ହେବା ଆଶଙ୍କା ରହୁଛି। ପ୍ରତିବର୍ଷ ଏହି ଦିବସ ପାଇଁ ଏକ ସ୍ୱତନ୍ତ୍ର ଥିମ୍ ରହିଥାଏ। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି, "Unmasking the Appeal: Exposing Industry Tactics on Tobacco and Nicotine Products."


## ପ୍ରକୃତ ମାନବତା

### ଖରାରୁ ବଳଦକୁ ଦେଲେ ସୁରକ୍ଷା

ଏକଦା ଗ୍ରାମାଞ୍ଚଳରେ ଯାତାୟତ ଏବଂ ଜିନିଷ ପରିବହନର ମାଧ୍ୟମ ଥିଲା ବଳଦ ଗାଡ଼ି। ଏବେ କାଁ ଭାଁ ବଳଦ ଗାଡ଼ି ଦେଖିବାକୁ ମିଳୁଛି। ଏହାରି ଭିତରେ ସାମାଜିକ ଗଣମାଧ୍ୟମରେ ଏମିତି ଏକ ବଳଦ ଗାଡ଼ିର ଫଟୋ ସେୟାର୍ କରାଯାଇଛି; ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ତେବେ ଏହି ଫଟୋଟି ମାନବତା ଏବଂ ପ୍ରାଣୀଙ୍କ ପ୍ରତି ସମ୍ବେଦନଶୀଳତାର ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛି। ସେହିପରି ବଳଦ ଗାଡ଼ି ଉପରେ ବନ୍ଧା ଯାଇଥିବା ଅଖା ହେଉଛି ଏହାର ମୁଖ୍ୟ ଆକର୍ଷଣ। କାରଣ ବଳଦଟିକୁ ଖରାରୁ ସୁରକ୍ଷା ଦେବା ଲାଗି ଏହି ବ୍ୟବସ୍ଥା କରାଯାଇଛି। ଅନ୍ୟପଟେ ବଳଦଗାଡ଼ି ମାଲିକଙ୍କ ଏହି ବ୍ୟବସ୍ଥାକୁ ଦେଖି ତାଙ୍କର ଖୁବ୍ ପ୍ରଶଂସା କରାଯାଉଛି। ଫଟୋରୁ ଦେଖିବାକୁ ମିଳୁଛି ଯେ, ବଳଦଗାଡ଼ିରେ ବାଉଁଶ ଲାଗିଛି ଏବଂ ଏହା ଉପରେ ଅଖାକୁ ବନ୍ଧା ଯାଇଛି। ଯେଉଁକି ଏହା ବଳଦକୁ ଖରାରୁ ଛାୟା ପ୍ରଦାନ କରିବ। ଅବଶ୍ୟ ଏହି ବ୍ୟବସ୍ଥା ଯୋଗୁଁ ଖରାରେ ବି ବଳଦଟି ଗାଡ଼ିକୁ ଆରାମରେ ଟାଣିପାରିବ ବୋଲି କୁହାଯାଉଛି। ଅନ୍ୟପଟେ ଏହି ବ୍ୟବସ୍ଥା ପ୍ରକୃତ ମାନବତାର ଉଦାହରଣ ସୃଷ୍ଟି କରିଛି। ସେହିପରି ପ୍ରାଣୀଙ୍କୁ କେବଳ କାମରେ ନୁହେଁ, ବରଂ ସେମାନଙ୍କର ଯତ୍ନ ନେବା ଦରକାର ବୋଲି ଲୋକେ କହିଛନ୍ତି।



## ଦୀପିକାଙ୍କ ଉପରେ ଖପ୍ପା ସନ୍ଦୀପ



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ସବୁବେଳେ ବିବାଦରୁ ଦୂରେଇ ରହିଥାନ୍ତି। ଏବେ କିନ୍ତୁ ଦୀପିକାଙ୍କ ନାମ ଏକ ବଡ଼ ବିବାଦ ମଧ୍ୟରେ ଛନ୍ଦି ହୋଇଯାଇଛି। ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ଅଭିନୀତ 'ସ୍ପିରିଟ୍'ରୁ ଦୀପିକାଙ୍କୁ ବାଦ୍ ଦିଆଯାଇଛି ବୋଲି ନିକଟରେ କିଛି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହାପରେ ଫିଲ୍ମର କାହାଣୀ ଲିକ୍ ହୋଇଥିବା ଚର୍ଚ୍ଚା ହେବାକୁ ଲାଗିଲା। ଏଥିପାଇଁ ସନ୍ଦୀପ ଏବେ ଦୀପିକାଙ୍କ ଉପରେ ଖପ୍ପା। ଏଥିପାଇଁ ସେ ଦୀପିକା ଏବଂ ତାଙ୍କ ପିଆର୍ ସଂସ୍ଥାକୁ ଦାୟୀ କରିଛନ୍ତି। ସନ୍ଦୀପ ଦୀପିକାଙ୍କ ନାଁ ନ ନେଇ ଟ୍ୱିଟ୍ ମାଧ୍ୟମରେ ତାଙ୍କୁ ଟାର୍ଗେଟ୍ କରିଛନ୍ତି। ସେ ଏଥିରେ ଉଲ୍ଲେଖ କରିଛନ୍ତି ଯେ- 'ଯେତେବେଳେ ମୁଁ କୌଣସି କଳାକାରଙ୍କୁ ଫିଲ୍ମର କାହାଣୀ ଶୁଣାଏ ସେତେବେଳେ ତାଙ୍କ ଉପରେ ଶତ ପ୍ରତିଶତ ଭରସା କରେ। ଆମେ ଭିତରେ NDA (Non Disclosure Agreement) ହୋଇଥାଏ। ତୁମଠାରୁ ଜଣେ ଛୋଟ ଅଭିନେତ୍ରୀଙ୍କୁ ନୀଚା ଦେଖାଇ ତଥା ମୋ କାହାଣୀକୁ ପ୍ରକାଶ କରି ତୁମେ କେମିତିକା ମଣିଷ ଜଣେଇ ଦେଲ। ଜଣେ ଫିଲ୍ମ ନିର୍ମାତା ଭାବେ ମୁଁ ମୋର କାହାଣୀ ଲାଗି ବର୍ଷ ବର୍ଷ ଧରି ପରିଶ୍ରମ କରିଛି, ମୋ ପାଇଁ ଫିଲ୍ମ ନିର୍ମାଣ ସବୁଠୁ ବଡ଼ କଥା। ତୁମେ ଏସବୁ ବୁଝିପାରିବ ନାହିଁ। ଆଗକୁ ପୂରା କାହାଣୀ କହିଦେବ। କାରଣ ମୋତେ ଏସବୁରୁ କିଛି ଫରକ ପଡ଼େନା।' ଏଠାରେ ପ୍ରକାଶ ଥାଉ କି, ଦୀପିକାଙ୍କ କିଛି ସର୍ତ୍ତ ପାଇଁ ସନ୍ଦୀପ ତାଙ୍କୁ ଫିଲ୍ମରୁ ବାଦ୍ ଦେଇଥିଲେ ବୋଲି ଅନେକ ରିପୋର୍ଟରେ ପ୍ରକାଶ ପାଇଥିଲା। ସିଫ୍ଟରେ ୮ ଘଣ୍ଟା କାମ କରିବେ, ତେଲୁଗୁ ସଂଳାପ କହିବେ ନାହିଁ, ଅଧିକ ପାରିଶ୍ରମିକ ନେବେ, ଲାଭରୁ ମଧ୍ୟ ସେୟାର୍ ନେବେ ବୋଲି ଦୀପିକା ସନ୍ଦୀପଙ୍କ ନିକଟରେ ସର୍ତ୍ତ ରଖିଥିଲେ ବୋଲି କୁହାଯାଉଛି। ଏନେଇ ବିଧିବଦ୍ଧ ଭାବେ କେହି କିଛି କହି ନ ଥିଲେ ସୁଦ୍ଧା ଦୀପିକାଙ୍କୁ 'ସ୍ପିରିଟ୍'ରୁ ବାଦ୍ ଦେଇ ସନ୍ଦୀପ ତ୍ରିପ୍ତି ଦିମ୍‌ରିଙ୍କୁ ସାଇନ୍ କରିଥିଲେ। ତେବେ ଦୀପିକା ବୋଲଡ୍ ସିନ୍ ପାଇଁ ଏହି ଫିଲ୍ମ ଛାଡ଼ି ଦେଇଥିବା କିଛି ରିପୋର୍ଟରେ ପ୍ରକାଶ ପାଇଛି।

# ସୁମନ

### ସକାଳ ଶିଶୁ କୁଇଜ୍-୧୬୬

(୧) କେଉଁ ଯନ୍ତ୍ର ସାହାଯ୍ୟରେ ଦୁଗ୍ଧର ଘନତ୍ୱ ମପାଯାଏ?
ଉତ୍ତର: ____________

(୨) ଭାରତର ପ୍ରଥମ ମହିଳା ରାଜ୍ୟପାଳଙ୍କ ନାମ କ'ଣ?
ଉତ୍ତର: ____________

(୩) 'ବୈଦେହୀଶ ବିଳାସ'ର ରଚୟିତା କିଏ?
ଉତ୍ତର: ____________

(୪) ଜାତୀୟ ହସ୍ତତନ୍ତ ଦିବସ କେବେ ପାଳନ କରାଯାଏ?
ଉତ୍ତର: ____________

(୫) ଲିୟୋନେଲ ମେସିଙ୍କର କେଉଁ ଖେଳ ସହ ସମ୍ପର୍କ ରହିଛି?
ଉତ୍ତର: ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ଅବିନାଶ ପାତ୍ର, ଧୁଷୁରୀ, ଭଦ୍ରକ
- ଆଶିଷ କୁମାର ଜେନା, ମାହାଙ୍ଗା
- ଲିପ୍‌ସା ପଟ୍ଟନାୟକ, ବାରିପଦା

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

### ଶିବ ବିବାହ



ଜଗଦୀଶ ସାହୁ

ବିବାହ କରିବେ ଦେବ ଦମ୍ପତି
ଭକତ ଜନଙ୍କ ପୂଣ୍ୟ ସମ୍ପତ୍ତି
ବରବେଶ ହେବେ ଭୋଳା ଶଙ୍କର
ମାତା ପାର୍ବତୀ କନିଆଁ ତାଙ୍କର
ଆନ ଦେବା ଦେବୀ ବରଯାତିରୀ
ନାଚ ଗୀତ ପାଇଁ ନାହିଁ ଖାତିରି
ବାଜୁଥିବ ବାଜା ଢୋଲ ନିଶାଣ
ଭାବରେ ତରଳି ଯିବ ପାଷାଣ
ଶୋଭା ଦରଶନେ ଆଖି ଝଲସି
ଭକ୍ତ ମନ ପ୍ରାଣ ଉଠେ ଉଲସି
ଶିବ କୃପାବିନା ସବୁ ଅସାର
ପ୍ରଭୁ ଆଶିଷରେ ହସୁ ସଂସାର ।

ସଞ୍ଜପଡ଼ା, ହିନ୍ଦୋଳ
ଢେଙ୍କାନାଳ
ମୋ- ୯୦୭୮୧୮୫୬୧୬

### ଥିଲେ ଘରେ ବୋଉ ଝରେ ହସମହୁ

ସବୁଠୁ ସୁନ୍ଦର ଲିପାପୋଛା ଘର
ଝୋଟି ଚିତାଥାଏ କାନ୍ଥେ
ଘରକୁ କରଇ ମନ୍ଦିର ଠୁ ଭଲ
ବୋଉ ତା'ର ଦୁଇହାତେ ॥
ଘର ପଛପଟେ ସୁନ୍ଦର ବଗିଚା
ଗଛରେ ଫୁଟଇ ଫୁଲ
ଉଡ଼ିଆସି ନିତି ଫୁଲକୁ କରନ୍ତି
ଛିଟ ପ୍ରଜାପତି ଗେଲ ॥
ଘରଆଗେ ଥିବା ଚଉରାରେ ଦିଏ
ସଞ୍ଜରେ ଦୀପାଳି ବୋଉ
ପୁଅ ଝିଅଙ୍କର ସୁଖ ମନାସୀ ସେ
ଢାଳଇ ହସର ମହୁ ॥
ବୋଉ ତ ପଢ଼ାଏ ପାଠ ବହିଧରି
ମାଆ ସରସ୍ୱତୀ ସାଜି
ଖୁଆଏ ଆହାର ତଡ଼େ ପେଟ ଭୋକ
ଭଲ ଚିଜ ଆଣେ ଖୋଜି ॥
ବୋଉ ଢାଙ୍କିଦିଏ ମଥାରେ ଓଢ଼ଣି
କହେ ସେ ମଧୁର କଥା
ରୋଗ ଜର ବେଳେ ଦେହେ ହାତ ବୋଳେ
ଦୂରହେଇଯାଏ ବଥା ॥
ଥିଲେ ଘରେ ବୋଉ ଝରେ ହସମହୁ
ସୁଖର ସରସୀ ଫୁଟେ
ହଟେ ଅମାରାତି ଫୁଲିଉଠେ ଛାତି
ଆକାଶରେ ଜହ୍ନ ଉଠେ ॥

କୁଞ୍ଜର –ସଙ୍ଗଳାଇ, ପିପିଲି, ପୁରୀ
ମୋ- ୯୭୬୮୮୨୨୧୯୦



ପ୍ରଶାନ୍ତ କୁମାର ଦାଶ



### ମହୁମାଛି ଦେଲା ଶିକ୍ଷା





ସୁବ୍ରତ କୁମାର ଦାସ

ପ୍ରତିଦିନ ପରି ମହୁମାଛିଟି ମନ ହରଷରେ ଗୁଣୁଗୁଣୁ କରି ଏ ଫୁଲରୁ ସେ ଫୁଲକୁ ଉଡ଼ି ମହୁ ସଂଗ୍ରହ କରୁଥାଏ। ଜଙ୍ଗଲରେ ଘୂରି ବୋଲି ବିଭିନ୍ନ ଫୁଲ, ଫଳରୁ ମହୁ ସଂଗ୍ରହ କରି ଏକ ଝଙ୍କାଳିଆ ଆମ୍ବ ଗଛ ଅଗ ଡାଳରେ ବସାଟିଏ ବାନ୍ଧିଥାଏ। ସେହି ମହୁ ବସାରେ ସଞ୍ଚିଥିବା ମହୁ ଯାକ ଠୁଳ କରି ତାରି ଛୋଟ ଛୋଟ କୋଠରୀ ଭିତରେ ଖୁବ୍ ଯତ୍ନ ସହକାରେ ରଖିଥାଏ। ସବୁ ମହୁମାଛିମାନଙ୍କ ଭିତରେ ରାଣୀ ମହୁମାଛିଟି ସମସ୍ତଙ୍କୁ ମହୁ ସଂଗ୍ରହ କରିବା ପାଇଁ ପରାମର୍ଶ ଦେଉଥାଏ। ଦିନେ ସେହି ଝଙ୍କାଳିଆ ଆମ୍ବ ଗଛ ଡାଳରେ ଆଉ ଏକ କପୋତୀଟିଏ ବସା ବାନ୍ଧିଲା। ସବୁଦିନ ଚଢ଼େଇଟି ତା ବସା ପାଇଁ କାଠି, କୁଟା, ଆଣି ବସା ବାନ୍ଧୁଥାଏ। ଦିନେ କପୋତୀଟି ଲକ୍ଷ୍ୟ କଲା ସବୁ ମହୁମାଛିମାନେ କିପରି ଗୁଣୁଗୁଣୁ ହୋଇ ମହୁବସା ଚାରିପଟେ ଘେରି ରହିଥାନ୍ତି। ମହୁଗୁଡ଼ିକୁ ଖୁବ୍ ଆଦର, ଯତ୍ନ ସହକାରେ ଛୋଟ ଛୋଟ କୋଠରୀ ଭିତରେ ରଖି ତାକୁ ଜଗି ରହିଥାନ୍ତି। ଯେପରି କୌଣସି ପ୍ରାଣୀ ସହଜରେ ତାଙ୍କର ବସାକୁ କ୍ଷତି ନ ପହଞ୍ଚାଇବ, ସେଥିପାଇଁ ଗଛର ଖୁବ୍ ଅଗ୍ରଭାଗରେ ବସା ତିଆରି କରିଥାନ୍ତି। ଦିନେ କପୋତୀଟି ବସାକୁ ସଅଳ ଫେରି ଆସି ରାଣୀ ମହୁମାଛି ପାଖକୁ ଗଲା। ରାଣୀ ମହୁମାଛି କପୋତୀକୁ ଦେଖି ପଚାରିଲା, ଭଉଣୀ ଆଜି ଏତେ ସଅଳ ଫେରି ଆସିଲ ଯେ! କପୋତୀଟି ଉତ୍ତର ଦେଲା, କିଛି ଦୁଷ୍ଟ ମାଙ୍କଡ଼ ଦଳ ଆସି ଏ ଡାଳରୁ ସେ ଡାଳକୁ ଡେଉଁଛନ୍ତି। ତେଣୁ ମୋ ବସାକୁ ଭାଙ୍ଗି ଦେବେ ଭାବି ମୁଁ ସଅଳ ଫେରି ଆସିଲି। କିନ୍ତୁ ରାଣୀ ଗୋଟିଏ କଥା ମୋ ମନକୁ ପ୍ରଶ୍ନ ଆସୁଛି। ରାଣୀ ମହୁମାଛି ପଚାରିଲା, କହୁନା ଭଉଣୀ। କପୋତୀ ପଚାରିଲା; ଆଚ୍ଛା ରାଣୀ ମହୁମାଛି କହିଲ, ତୁମେ ଏତେ ପରିଶ୍ରମ କରି ଏ ଫୁଲରୁ ସେ ଫୁଲକୁ ଉଡ଼ି, କେତେ ଫୁଲରୁ ମହୁ ସଂଗ୍ରହ କରି ଆଣି ସଞ୍ଚୟ କରି ରଖୁଛ, ହେଲେ ଶେଷରେ ଏ ମଣିଷମାନେ ତୁମ ବସା ଭାଙ୍ଗି ଦେଇ ମହୁ ସବୁ ଚୋରି କରି ନେଉଛନ୍ତି। ତୁମର ଏତେ ଦିନର ପରିଶ୍ରମ, ଚେଷ୍ଟା ସବୁ ତ ବୃଥା ହେଉଛି। ରାଣୀ ମହୁମାଛି ଉତ୍ତର ଦେଲା, ତୁମେ ଠିକ୍ କଥା କହୁଛ ଭଉଣୀ; ହେଲେ ଆମେ ତ ଛୋଟ ପ୍ରାଣୀ, କ'ଣ କରିପାରିବୁ। ଯାହାର ସ୍ୱଭାବ ଯାହା, ତାକୁ କ'ଣ ବଦଳାଇ ହେବ। ମଣିଷମାନେ ଏହାକୁ ଚୋରି କରି ନେଉଛନ୍ତି ସତ, ହେଲେ ମହୁ ତିଆରି କରିବାର ଗୁଣ ବା କୌଶଳ ତ ଚୋରି କରି ପାରୁନାହାନ୍ତି। ତେଣୁ ସେହି ଗୁଣ ବା କୌଶଳ ବଳରେ ଆମେ ପୁଣି ମହୁ ତିଆରି କରି ସଞ୍ଚିପାରୁଛୁ। ଯାହାକୁ କୌଶଳ ଜଣାଥିବ, ସେ କେବେ ହାରିବ ନାହିଁ। ମହୁମାଛି ଏକ ଉତ୍ତମ ଶିକ୍ଷା ଦେଲା ବୋଲି କପୋତୀଟି ବୁଝି ପାରିଲା ଏବଂ ମନେ ମନେ ମହୁମାଛିଙ୍କ ଅସୀମ ଧୈର୍ଯ୍ୟ ଆଉ ଗୁଣ ପାଇଁ ପ୍ରଶଂସା କଲା।


ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ: ୯୪୩୭ ୭୩୧୯୦୩

## ତୁମ ଆଙ୍କା ଛବି






**ପ୍ରିୟସ୍ମିତା ଶୁଭଦର୍ଶିନୀ**
ଅଷ୍ଟମ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩
ମଞ୍ଚେଶ୍ୱର, ଭୁବନେଶ୍ୱର





**ରାହୁଲ ଡାକୁଆ**
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର





**ପ୍ରତୀକ ଅଦାବର**
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁବିଦ୍ୟାମନ୍ଦିର
ବୀରମହାରାଜପୁର, ସୁବର୍ଣ୍ଣପୁର





**କ୍ରିଷ୍ଟାଲ ପଣ୍ଡା**
ଦ୍ୱିତୀୟ ଶ୍ରେଣୀ
ବ୍ରିଜୱେଲ ଗ୍ଲୋବାଲ ସ୍କୁଲ
ସରକଣା, ଖୋର୍ଦ୍ଧା

## ପ୍ରହେଳିକା

- ବହି ଖାତା ଝର କଲମ ଆଦି
ତା'ଦେହେ ରଖନ୍ତି ପିଲା ସାଇତି
ନାନା ରଙ୍ଗ ତା'ର ରୂପ ସୁନ୍ଦର
ପିଲାଏ କରନ୍ତି ତାକୁ ଆଦର
କାନ୍ଧରେ ଝୁଲଇ ସେହି
ବହି ଖାତା ପାଇଁ ତା'ପେଟ ଫୁଲଇ
ପାରିବ ତା'ନାମ କହି।
ଉତ୍ତର-ବସ୍ତାନୀ





- ମିତ ସାଜି ସିଏ ସାହାଯ୍ୟ କରେ
ତାକୁ ଦେଖି ଖରା ବରଷା ଡରେ
ରହିଥାଏ ସିଏ ମଥା ଉପରେ
ଖରା ବରଷାକୁ ସରାଗେ ଧରେ
ଆମକୁ ସୁରକ୍ଷା ଦିଏ
ଆମ ହିତ ପାଇଁ ଜନମ ତାହାର
ନାମଟି କହିବ କିଏ।
ଉତ୍ତର-ଛତା

- ପାଦ ତଳେ ଶୋହେ ଦରବଟିଏ
ଆମ ପାଇଁ ସିଏ କଷଣ ସହେ
ରବର ଚମଡ଼ା ଆଦିରୁ ଜାତ
କରିଥାଏ ସିଏ ସଭିଙ୍କ ହିତ
ଗୋଡ଼ି କଣ୍ଟା ଅବା ଗ୍ରୀଷମ ଉଷ୍ମ
ରକ୍ଷାକରେ ସିଏ ପାଦକୁ ଆମ
କରଇ ମହତ କାମ
ମନ୍ଦିର ବାହାରେ ଥୁଆ ହୁଏ ସିଏ
କୁହ ଦେଖି ତା'ର ନାମ।
ଉତ୍ତର-ଜୋତା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ- ୭୩୫୫୬୩୪୩୪୬

■ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ

## କରୁନ ନାୟାରଙ୍କ ଶତକ

କାଣ୍ଟରବରୀ, ୩୦।୫ (ଏଜେନ୍ସି): ଇଂଲଣ୍ଡ-ଏ ବିପକ୍ଷ ପ୍ରଥମ ଅନଅଫିସିଆଲ ଟେଷ୍ଟ ମ୍ୟାଚ୍ ସ୍ଥାନୀୟ ଲରେନ୍ସ ଗ୍ରାଉଣ୍ଡରେ ଆଜିଠାରୁ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ଇଂଲଣ୍ଡ ଲାୟନ୍ସ ଭାରତ-ଏ’କୁ ପ୍ରଥମେ ବ୍ୟାଟିଂ ଲାଗି ଆମନ୍ତ୍ରଣ କରିଥିଲା। ପ୍ରଥମଦିନ ଶେଷ ଖବର ସୁଦ୍ଧା ଭାରତ-ଏ’ ୬୩ ଓଭରରେ ୩ ୱିକେଟ ହରାଇ ୨୫୮ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ କରୁନ ନାୟାର ୧୧୪ (୧୬୫ ବଲ୍, ୧୭ ଚୌକା) ଓ ଧ୍ରୁବ ଜୁରେଲ ୮ ରନ୍‌ରେ ବ୍ୟାଟିଂ କରୁଥିଲେ। ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ୨୪ ଓ ଅଭିମନ୍ୟୁ ଈଶ୍ୱରନ ୮ ରନ୍‌ରେ ଆଉଟ ହୋଇଥିଲେ। ସର୍ଫରାଜ ଖାନ ୯୨ ରନ୍‌ରେ ଦଳୀୟ ସ୍କୋର ୫୧ ରନ୍‌ରେ ଦଳ ଦ୍ୱିତୀୟ ୱିକେଟ ହରାଇଥିଲା।

**ଭାରତ-ଏ ଏକାଦଶ** : ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କରୁନ ନାୟାର, ସର୍ଫରାଜ ଖାନ୍, ଧ୍ରୁବ ଜୁରେଲ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡି, ଶାର୍ଦ୍ଦୁଳ ଠାକୁର, ହର୍ଷ ଦୁବେ, ଅଂଶୁଲ କାମ୍ବୋଜ, ହର୍ଷିତ ରାଣା, ମୁକେଶ କୁମାର।

## ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ ଖେଳିବେ ରାହୁଲ

ନୂଆଦିଲ୍ଲୀ,୩୦।୫ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ୧୮ ଜଣିଆ ଦଳରେ ମନୋନୀତ ହୋଇଥିବା ଅଭିଜ୍ଞ ବ୍ୟାଟର ଲୋକେଶ ରାହୁଲ ଭାରତ-ଏ’ ପକ୍ଷରୁ ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ଖେଳିବେ। ଦିଲ୍ଲୀ କ୍ୟାପିଟାଲ୍ସ ପ୍ଲେ ଅଫ୍‌କୁ ଉନ୍ନିତ ନ ହେବାରୁ ରାହୁଲ ଲଣ୍ଡନ ଯିବାକୁ ପ୍ରସ୍ତୁତ ହୋଇଥିଲେ। ଏ ସମ୍ପର୍କରେ ସେ ବିସିସିଆଇକୁ ଅବଗତ କରିଥିଲେ। ଏଥିଲାଗି ବିସିସିଆଇ ସୋମବାର ରାହୁଲଙ୍କୁ ଲଣ୍ଡନ ପଠାଇବା ଲାଗି ସ୍ଥିର କରିଛି। ଭାରତ-ଏ ବନାମ ଇଂଲଣ୍ଡ ଲାୟନ୍ସ ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଜୁନ୍ ୬ରୁ ଆରମ୍ଭ ହେବ। ଏହା ପରେ ଟେଷ୍ଟ ଦଳର ସମସ୍ତ ଖେଳାଳି ଲଣ୍ଡନରେ ପହଞ୍ଚିବା ପରେ ଜୁନ୍ ୧୩ରେ ଇଣ୍ଟ୍ରା ସ୍କ୍ୱାଡ୍ ବା ନିଜ ନିଜ ମଧ୍ୟରେ ଏକ ଅଭ୍ୟାସ ମ୍ୟାଚ୍ ଖେଳିବେ। ଏହାର ଅର୍ଥ ଜୁନ୍ ୨୦ରେ ଇଂଲଣ୍ଡ ସହ ଭାରତ ପ୍ରଥମ ଟେଷ୍ଟ ଖେଳିବା ପୂର୍ବରୁ କୌଣସି ଅଭ୍ୟାସ ମ୍ୟାଚ୍ ଖେଳିବ ନାହିଁ।

■ ବନ୍ଧୁତ୍ୱପୂର୍ଣ୍ଣ ଚତୁଃରାଷ୍ଟ୍ରୀୟ ଜୁନିଅର ମହିଳା ହକି

## ସୁଟ୍‌ଆଉଟ୍‌ରେ ଚିଲିଠୁ ହାରିଲା ଭାରତ

ରୋସାରିଓ, ୩୦।୫ (ଏଜେନ୍ସି): ଆର୍ଜେଣ୍ଟିନାରେ ଚାଲିଥିବା ବନ୍ଧୁତ୍ୱପୂର୍ଣ୍ଣ ଚତୁଃରାଷ୍ଟ୍ରୀୟ ଜୁନିଅର ମହିଳା ହକିରେ ଭାରତୀୟ ଦଳ ସୁଟ୍‌ଆଉଟ୍‌ରେ ୧-୩ ଗୋଲରେ ଚିଲି ନିକଟରୁ ପରାସ୍ତ ହୋଇଛି। ଏହି ମ୍ୟାଚର ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଭାରତ ପକ୍ଷରୁ ସୁଖବୀର କୌର ଓ କନିକା ସିୱାଚ ଏବଂ ଚିଲି ପାଇଁ ଜାସିଣ୍ଟା ସୋଲାରି ଓ ଅଧିନାୟିକା ଲୌରା ମୁଲର୍ ଗୋଲ୍ ସ୍କୋର କରିବା ଫଳରେ ମ୍ୟାଚ୍ ୨-୨ରେ ବରାବର୍ ରହିଥିଲା। ଏହାପରେ ସୁଟ୍‌ଆଉଟ୍‌ରେ କିନ୍ତୁ ଚିଲି ୩-୧ ଗୋଲ୍‌ରେ ବାଜିମାତ୍ କରିନେଇଥିଲା। ଭାରତ ପରବର୍ତ୍ତୀ ମ୍ୟାଚରେ ରବିବାର ଉରୁଗୁଏକୁ ଭେଟିବ।

ଆଇପିଏଲ୍ ୧୮ : ଗୁଜରାଟ- ମୁମ୍ବାଇ ଏଲିମିନେଟର

# ରୋହିତ, ବେୟାରଷ୍ଟୋଙ୍କ ଧୂଆଁଧାର ବ୍ୟାଟିଂ



ମୁଲାନପୁର, ଚଣ୍ଡିଗଡ, ୩୦।୫ (ଏଜେନ୍ସି)

ରୋହିତ ଶର୍ମା ଓ ଜନି ବେୟାରଷ୍ଟୋଙ୍କ ଧୂଆଁଧାର ବ୍ୟାଟିଂ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ଏଲିମିନେଟର ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭର ଖେଳ ଶେଷସୁଦ୍ଧା ୫ ୱିକେଟରେ ୨୨୮ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ରୋହିତ ଶର୍ମା ସର୍ବାଧିକ ୮୧ ଓ ବଦଳ ଖେଳାଳିଭାବେ ପ୍ରଥମ ମ୍ୟାଚ୍ ଖେଳିଥିବା ଜନି ବେୟାରଷ୍ଟୋ ୨୨ ବଲ୍‌ରୁ ୪୭ ରନ୍ କରି ଆଉଟ ହୋଇଥିଲେ। ଏହି ସ୍କୋରରେ ବେୟାରଷ୍ଟୋ ୪ଟି ଚୌକା ଓ ୩ଟି ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକୁମାର ଯାଦବ ୩୩, ତିଳକ ବର୍ମା ୨୫ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨୨ ରନ୍ କରିଥିଲେ। ପ୍ରସିଦ୍ଧ କ୍ରିଷ୍ଣା ଓ ସାଇ କିଶୋରଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଛି। ସୂଚନାଯୋଗ୍ୟ ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ପଞ୍ଜାବ କିଙ୍ଗ୍‌ସ ସହ ଜୁନ୍-୧ରେ ଦ୍ୱିତୀୟ କ୍ୱାଲିଫାୟର ଖେଳିବ। ପରାଜିତ ଦଳ ପ୍ରତିଯୋଗିତାର ବାଦ୍ ପଡ଼ିବ।

### ୯ ବର୍ଷ ପରେ ଫାଇନାଲରେ ବେଙ୍ଗାଲୁରୁ

**ମୁଲାନପୁର, ଚଣ୍ଡିଗଡ**: ଟେବଲ ଟପ୍ପର ପଞ୍ଜାବ କିଙ୍ଗ୍‌ସକୁ ୮ ୱିକେଟରେ ପରାସ୍ତ କରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ୍ (ଇଣ୍ଡିଆନ୍ ପ୍ରିମିୟର ଲିଗ୍) -୧୮ର ଫାଇନାଲରେ ପ୍ରବେଶ କରିଛି। ଏହା ଫଳରେ ଦୀର୍ଘ ୯ ବର୍ଷ ପରେ ବେଙ୍ଗାଲରୁ ଆଇପିଏଲ୍ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଶେଷଥର ଲାଗି ୨୦୧୬ରେ ଦଳ ଫାଇନାଲରେ ସନ୍‌ରାଇଜର୍ସ ହାଇଦରାବାଦ୍‌ଠାରୁ ୮ ରନ୍‌ରେ ପରାଜିତ ହୋଇ ତୃତୀୟଥର ସକାଶେ ରନର୍ସ ଅପ୍ ହୋଇଥିଲା। ପୂର୍ବରୁ ୨୦୦୯, ୨୦୧୧ ଓ ୨୦୧୬ରେ ବେଙ୍ଗାଲୁରୁ ଫାଇନାଲରେ ପ୍ରବେଶ କରି ସବୁଥିରେ ହାରିଯାଇଥିଲା। ଅହମ୍ମଦାବାଦ୍‌ରେ ଜୁନ୍ ୩ ତାରିଖ ଫାଇନାଲ ମ୍ୟାଚ୍ ଖେଳାଯିବ। ଏଠାରେ ଜୁନ୍ ୧ ତାରିଖ ଖେଳାଯିବାକୁ ଥିବା କ୍ୱାଲିଫାୟର-୨ର ବିଜେତା ସହ ବେଙ୍ଗାଲୁରୁ ଫାଇନାଲ ଖେଳିବ।

ଚଣ୍ଡିଗଡର ମୁଲାନପୁରରେ ଗୁରୁବାର ଅନୁଷ୍ଠିତ ପ୍ରଥମ କ୍ୱାଲିଫାୟରରେ ବେଙ୍ଗାଲୁରୁ ବୋଲିଂର ଉଚିତ ମୁକାବିଲା କରି ନ ପାରି ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗ୍‌ସ ୧୪.୧ ଓଭରରେ ମାତ୍ର ୧୦୧ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ବେଙ୍ଗାଲୁରୁ ୧୦ ଓଭରରେ ୨ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଅଧିନାୟକ ରଜତ ପାଟିଦାର ବିରାଟ ଛକା ମାରି ଏହି ମ୍ୟାଚ୍‌ରେ ବିରାଟ ବିଜୟ ସହ ଷ୍ଟାଡିୟମ୍‌ରେ ଉପସ୍ଥିତ ତଥା ଟେଲିଭିଜନରେ ଖେଳ ଦେଖୁଥିବା କୋଟି କୋଟି ବେଙ୍ଗାଲୁରୁ ଦର୍ଶକ ଆନନ୍ଦରେ ମାତିଉଠିଥିଲେ। ପଞ୍ଜାବ ପ୍ରଦତ୍ତ ୧୦୨ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦମ୍‌ର ସହ ଖେଳିଥିଲା। କିନ୍ତୁ ଦଳର ସୁପର ଷ୍ଟାର ବିରାଟ କୋହଲିଙ୍କୁ ୧୨ ରନ୍‌ରେ କାଏଲ ଜାମିସନ ଆଉଟ କରି ପଞ୍ଜାବ ଶିବିରରେ ଆନନ୍ଦ ଖେଳାଇଥିଲେ। ଏହା ପରେ ମୟଙ୍କ ଅଗରୱାଲ ୧୯ ରନ୍‌ରେ ମୁସୀର ଖାନ୍‌ଙ୍କ ଦ୍ୱାରା ଆଉଟ ହୋଇଥିଲେ। ୮୪ ରନ୍‌ରେ ଦ୍ୱିତୀୟ ୱିକେଟ ପଡ଼ିବା ପରେ ସଲ୍ଟ ଓ ଅଧିନାୟକ ପାଟିଦାର ଆଉ କୌଣସି କ୍ଷତି ହେବାକୁ ନ ଦେଇ ଦଳକୁ ୮ ୱିକେଟରେ ସହଜ ବିଜୟ ପ୍ରଦାନ କରିଥିଲେ। ସଲ୍ଟ ୨୭ ବଲ୍‌ରେ ୬ ଚୌକା ଓ ୩ ଛକା ସହ ୫୬ ଏବଂ ପାଟିଦାର ଶେଷ ବଲ୍‌ରେ ଛକା ମାରିବା ସହ ୮ ବଲ୍‌ରୁ ୧୫ ରନ୍ କରି ଅପରାଜିତ ରହିଥିଲେ।

କ୍ୱାଲିଫାୟର-୧ ଜିତିଥିବା ଦଳ ୧୧ଥର ଚାମ୍ପିଅନ

## ବେଙ୍ଗାଲୁରୁକୁ ସୁହାଉଛି ଇତିହାସ

ଚଣ୍ଡିଗଡ଼, ୩୦।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ରେ ପ୍ରଥମ ଦଳ ଭାବେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଫାଇନାଲରେ ପ୍ରବେଶ କରିଛି। ଦଳର ଏହା ଚତୁର୍ଥ ଫାଇନାଲ। ପୂର୍ବରୁ ୨୦୦୯, ୨୦୧୧ ଓ ୨୦୧୬ରେ ଦଳ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଏବେ ବେଙ୍ଗାଲୁରୁକୁ ସୁହାଉଛି ଇତିହାସ। ପ୍ଲେ ଅଫ୍ ସିଷ୍ଟମ ଆରମ୍ଭ ହେବାପରଠାରୁ କ୍ୱାଲିଫାୟର-୧ ଜିତିଥିବା ଦଳ ୧୧ଥର ଚାମ୍ପିଅନ ହୋଇଛି। ଏବେ ବେଙ୍ଗାଲୁରୁ କ୍ୱାଲିଫାୟର-୧’କୁ ପ୍ରଭାବୀ ଢ଼ଙ୍ଗରେ ଜିତିଛି ଓ ପୂର୍ବ ଧାରାକୁ ଦେଖିଲେ ଦଳ ପ୍ରଥମ ଟାଇଟଲ ଜିତିବା ରାସ୍ତାରେ ରହିଛି। ୨୦୧୧ରୁ ଆଇପିଏଲ୍‌ରେ ପ୍ଲେ ଅଫ୍ ଫର୍ମାଟ ଆରମ୍ଭ ହୋଇଥିଲା। ଏଥିରେ ଲିଗ୍ ପଏଣ୍ଟ ଟେବଲରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳକୁ ଫାଇନାଲରେ ପ୍ରବେଶ କରିବାକୁ ଦୁଇଟି ସୁଯୋଗ ଦିଆଯାଇଥିଲା। ପ୍ଲେ ଅଫ୍ ଲାଗୁ ହେବା ପରେ ୧୪ଟି ଫାଇନାଲ ଖେଳାଯାଇଛି ଓ କ୍ୱାଲିଫାୟରରେ ଜିତିଥିବା ଦଳ ମାତ୍ର ୩ଟି ଫାଇନାଲରେ ପରାଜିତ ହୋଇଛନ୍ତି। ୨୦୧୮ରୁ ୨୦୨୪ର ଫାଇନାଲ ରେକର୍ଡକୁ ଦେଖିଲେ ଚେନ୍ନାଇ ସୁପର କିଙ୍ଗ୍‌ସ ୨୦୧୮, ୨୦୨୧, ୨୦୨୩, ମୁମ୍ବାଇ ଇଣ୍ଡିଆନ୍ସ ୨୦୧୯ ଓ ୨୦୨୦, ଗୁଜରାଟ ଟାଇଟନ୍ସ ୨୦୨୨ ଓ କୋଲକାତା ନାଇଟ୍ ରାଇଡର୍ସ ୨୦୨୪ରେ କ୍ୱାଲିଫାୟର-୧ ଜିତିବା ପରେ ଟାଇଟଲ ହାସଲ କରିଥିଲେ। ଏହି ଟ୍ରେଣ୍ଡକୁ ଦେଖିଲେ ଅହମ୍ମଦାବାଦ୍‌ରେ ଜୁନ୍ ୩ ତାରିଖ ଫାଇନାଲରେ ରଜତ ପାଟିଦାରଙ୍କ ନେତୃତ୍ୱରେ ଓ ବିରାଟ କୋହଲିଙ୍କ ଉତ୍ସାହରେ ବେଙ୍ଗାଲୁରୁ ପ୍ରଥମ ଟାଇଟଲ ଜିତିବାକୁ ଦୃଢ଼ ଆଶା ପୋଷଣ କରିଛି। ଫାଇନାଲ ଖେଳିବା ପୂର୍ବରୁ ଦଳକୁ ଭଲ ବିଶ୍ରାମ ମିଳିଛି ଓ ବେଙ୍ଗାଲୁରୁ ଏଥିରୁ ଫାଇଦା ନେବ ବୋଲି ଆଶା କରାଯାଉଛି।

୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ୍

## ମିଶୁଙ୍କ ଅର୍ଦ୍ଧଶତକ; ପାରାଦୀପ ବିଜୟୀ



କଟକ,୩୦।୫(ସମିସ): ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଅନୁଷ୍ଠିତ ଏକ ମ୍ୟାଚ୍‌ରେ ପାରାଦୀପ ୫ ୱିକେଟରେ ଗଞ୍ଜାମକୁ ପରାସ୍ତ କରିଛି। ଅଡଶପୁର ଗ୍ରାଉଣ୍ଡରେ ଗଞ୍ଜାମ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଓଦା ପଡ଼ିଆ ଯୋଗୁଁ ମ୍ୟାଚ୍ ୩୬ ଓଭର ବିଶିଷ୍ଟ ଖେଳାଯାଇଥିଲା। ନରସିଂହ ତ୍ରିପାଠୀଙ୍କ ୪୮ ରନ, ଆଦର୍ଶ ପଟ୍ଟନାୟକଙ୍କ ୩୬ରନ ସହାୟତାରେ ଗଞ୍ଜାମ ସମସ୍ତ ୱିକେଟ ହରାଇ ୧୫୩ରନ ସଂଗ୍ରହ କରିଥିଲା। ପାରାଦୀପର ଜ୍ୟୋତି ସାମନ୍ତରାୟ ଏବଂ ଆୟୁଷ ପରିଡ଼ା ୩ଟି ଲେଖାଏ ୱିକେଟ ଦଖଲ କରିଥିଲେ। ୩୩.୪ ଓଭରରେ ୫ ୱିକେଟ ହରାଇ ପାରଦୀପ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ମିଶୁ ସିଂହ ୮୭ବଲରୁ ଅପରାଜିତ ୯୦ରନ ସଂଗ୍ରହ କରି ଦଳକୁ ଜିତାଇଥିଲେ। ମିଶୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଡ୍ରିମସ କ୍ରିକେଟ ଗ୍ରାଉଣ୍ଡରେ କଟକ-ଏ ୧୬୬ରନରେ ପୁରୀକୁ ହରାଇଥିଲା। ଆଦିତ୍ୟ ରାୟଙ୍କ ୯୨ରନ ବଳରେ କଟକ-ଏ ସମସ୍ତ ୱିକେଟ ହରାଇ ୨୦୬ରନ କରିଥିଲା। ଅନୀଲ ସାହୁ ୪୦ରନ କରିଥିଲେ। ପୁରୀ ତରଫରୁ ବାବୁଶାନ ମାଝୀ ୪ଟି ୱିକେଟ ଅକ୍ତିଆର କରିଥିଲେ। ତେବେ ୨୦୭ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ପୁରୀ ମାତ୍ର ୪୦ରନରେ ଅଲଆଉଟ ହୋଇଥିଲା। କଟକ-ଏର ପିୟୂଷ ମନ୍ତ୍ରୀ ୩ଟି, ସତ୍ୟଜିତ ସାହୁ ଓ ଜନ୍ମେଜୟ ଜେନା ୨ଟି ଲେଖାଏ ୱିକେଟ ହାସଲ କରିଥିଲେ। ରେଭେନ୍ସା ଗ୍ରାଉଣ୍ଡ-୧ରେ ଭୁବନେଶ୍ୱର-ଏ ୮ ୱିକେଟରେ ନୂଆପଡାକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ନୂଆପଡାର ଇନିଂସ୍ ୮୪ରନରେ ସୀମିତ ରହିଥିଲା। ଭୁବନେଶ୍ୱର-ଏର ଦିବ୍ୟେନ୍ଦୁ ପଣ୍ଡା ୧୦ରନ ବିନିମୟରେ ୪ଟି ୱିକେଟ ଦଖଲ କରିଥିଲେ। ୨୨.୧ ଓଭରରେ ଭୁବନେଶ୍ୱର-ଏ ଦୁଇ ୱିକେଟ ହରାଇ ବିଜୟୀ ହୋଇଥିଲା। ଦିବ୍ୟେନ୍ଦୁଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ବିଡାନାସୀ ଗ୍ରାଉଣ୍ଡରେ କନ୍ଧମାଳ ଡିଏଲଏସ୍ ପଦ୍ଧତିରେ ୩ ରନରେ ବାଲେଶ୍ୱରକୁ ହରାଇଥିଲା। ବାଲେଶ୍ୱର ୧୬୪ରନରେ ଅଲଆଉଟ ହୋଇଥିଲା। ଜବାବରେ କନ୍ଧମାଳ ୪୪ଓଭର ସୁଦ୍ଧା ୭ ୱିକେଟ ହରାଇ ୧୬୨ରନ କରିଥିବା ବେଳେ ବର୍ଷା ଯୋଗୁଁ ଖେଳ ବାତିଲ ହୋଇଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ବରଗଡ ୩୯ରନରେ ରାଉରକେଲାକୁ ହରାଇଥିଲା।

## ଏସୀୟ ଭାରୋତ୍ତୋଳନ ଟ୍ରାଏଲ୍ସରେ ୬ ଓଡ଼ିଆ



ଭୁବନେଶ୍ୱର,୩୦।୫ (ସମିସ): କାଜାଖସ୍ତାନରେ ଜୁଲାଇ ୨ରୁ ୧୦ ତାରିଖଯାଏ ହେବାକୁ ଥିବା ଏସୀୟ ଯୁବ ଓ କନିଷ୍ଠ ଭାରୋତ୍ତୋଳନ ଚାମ୍ପିଅନସିପ୍ ଟ୍ରାଏଲ୍ସ ଲାଗି ଲାଗି ଓଡ଼ିଶାରୁ ୬ଜଣ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ପଟିଆଲାରେ ଏହି ଟ୍ରାଏଲ୍ସ ଜୁନ୍ ୧ ଓ ୨ରେ ଖେଳାଯିବ। ଏଥିରେ ଭାଗନେବାକୁ ମନୋନୀତ ହୋଇଥିବା ପ୍ରତିଯୋଗୀମାନେ ହେଲେ ୫୬ କେଜି ଯୁଥ୍‌ରେ ମୁକେଶ ଗମାଙ୍ଗ, ୬୦ କେଜି କନିଷ୍ଠରେ ସଦାନନ୍ଦ ବରିହା, ୭୯ କେଜି କନିଷ୍ଠ ବାଳକ ବିଭାଗରେ ହୃଦାନନ୍ଦ ଦାସ, ୪୪ କେଜି ଯୁଥ୍‌ରେ ଜ୍ୟୋତ୍ସ୍ନା ଶବର, ୫୮ କେଜି ବାଳିକାରେ ମିନା ସାନ୍ତା (ଏ) ଓ ୬୩ କେଜି କନିଷ୍ଠ ବିଭାଗରେ ବିଦୁସ୍ମିତା ଭୋଇ।

ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍

## ଓଡ଼ିଶାର ଉତ୍କଳ ଚାମ୍ପିଅନ




ଭୁବନେଶ୍ୱର, ୩୦।୫ (ସମିସ): ଓଡ଼ିଶାର ଆଇଏମ୍ ଉତ୍କଳ ରଞ୍ଜନ ସାହୁ ଗୋଆରେ ଅନୁଷ୍ଠିତ ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ ଚାମ୍ପିଅନ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ସେ ଏକକ ବିଭାଗରେ ୯ ରାଉଣ୍ଡରୁ ସର୍ବାଧିକ ୮ ପଏଣ୍ଟ ପାଇଥିଲେ। ଏଥିରେ ସେ ୭ଟି ବିଜୟ ଥିଲାବେଳେ ୨ ରାଉଣ୍ଡ ଖେଳ ଡ୍ର ରହିଥିଲା। ଗତବର୍ଷ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମଧ୍ୟ ଉତ୍କଳ ଟାଇଟଲ ବିଜୟୀ ହୋଇଥିଲେ। କିନ୍ତୁ ଓଡ଼ିଶାର ତାରକା ଖଚିତ ଖେଳାଳି ରଞ୍ଜନ ମହାନ୍ତି, ମନୋଜ ପାଣିଗ୍ରାହୀ, ସୌମ୍ୟରଞ୍ଜନ ମିଶ୍ର ଓ ଉତ୍କଳଙ୍କୁ ନେଇ ଗଠିତ ଟିମ ଦଳଗତ ବିଭାଗରେ ପଦକ ଜିତିବାରେ ଅସମର୍ଥ ହୋଇଥିଲେ। ଅବଶ୍ୟ ଏଥିରେ ଉତ୍କଳ.ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇ ଆଉ ଏକ ସ୍ୱର୍ଣ୍ଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଅଲ୍ ଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଟ୍ଟ ଉତ୍କଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସାଟେଲାଇଟ୍ କପ୍ ଫେନସିଂ

## ଫ୍ରାନ୍ସ ଗସ୍ତରେ ୯ ଓଡ଼ିଆ ପାରା ଖେଳାଳି




ଭୁବନେଶ୍ୱର,୩୦।୫ (ସମିସ): ଫ୍ରାନ୍ସରେ ହେବାକୁ ଯାଉଥିବା ସାଟେଲାଇଟ କପ୍ ଫେନସିଂ ପ୍ରତିଯୋଗିତା ଲାଗି ୯ଜଣ ଓଡ଼ିଆ ପାରା ଫେନ୍ସର ମନୋନୀତ ହୋଇଛନ୍ତି। ଏଥିରେ ଭାରତରୁ ୧୭ଜଣ ପ୍ରତିଯୋଗୀ ଭାଗ ନେଉଛନ୍ତି। ଓଡ଼ିଆ ଫେନ୍ସରମାନେ ହେଲେ ଭି ରମେଶ ରାଓ, ରାଖାଲ ସେଠୀ, ପୂଜାସ୍ୱିନୀ ନାୟକ, ମାଳତୀ ପାନୌରେ, ସିଲା ମନ୍ତ୍ରୀ, ପବିତ୍ର ସାହୁ, ମଧୁସ୍ମିତା ସାହୁ, ଓମ୍ପ୍ରକାଶ ବେହେରା ଓ ରୁଦ୍ରନାରାୟଣ ବେହେରା। ସମସ୍ତ ଖେଳାଳିଙ୍କୁ ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏସନ ସଭାପତି ଶୁଭମନାସିଛନ୍ତି।

ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍

# ଗୁଲ୍‌ବୀରଙ୍କ ଡବଲ୍; ପୂଜାଙ୍କୁ ଐତିହାସିକ ସ୍ୱର୍ଣ୍ଣ

ଗୁମି, ୩୦।୫ (ଏଜେନ୍ସି)



ଦକ୍ଷିଣ କୋରିଆରେ ଚାଲିଥିବା ୨୬ତମ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପର ଶୁକ୍ରବାର ଭାରତ ୩ଟି ସ୍ୱର୍ଣ୍ଣପଦକ ଜିତି ଚତୁର୍ଥ ଦିବସକୁ ସ୍ମରଣୀୟ କରିଛି। ପୂଜା ସିଂ, ଗୁଲ୍‌ବୀର ସିଂହ ଓ ଆଗାସାରା ନନ୍ଦିନୀ ପୋଡିୟମର ପ୍ରଥମ ସ୍ଥାନରେ ରହି ଦେଶକୁ ଗୌରବାନ୍ୱିତ କରିଛନ୍ତି।

ପୂଜା ମହିଳା ହାଇଜମ୍ପରେ କ୍ୟାରିୟର ଶ୍ରେଷ୍ଠ ୧.୮୯ ମିଟର ଉଚ୍ଚକୁ ଡେଇଁ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଏହି ସମ୍ମାନଜନକ ଚାମ୍ପିଅନସିପ୍ ଇତିହାସରେ ୨ୟ ଭାରତୀୟ ମହିଳା ହାଇଜମ୍ପର ଭାବେ ସେ ଏହି ସଫଳତା ପାଇଛନ୍ତି। ପୂଜାଙ୍କ ପୂର୍ବରୁ ୨୦୦୦ ସଂସ୍କରଣରେ ବବି ଆଲୌସିୟସ ପ୍ରଥମ ଭାରତୀୟ ମହିଳା ଭାବେ ଏହି କ୍ରୀଡ଼ାର ହାଇଜମ୍ପରେ ସ୍ୱର୍ଣ୍ଣପଦକ ଜିତିଥିଲେ। ସେହିଭଳି ପୁରୁଷ ୫୦୦୦ ମିଟର ଦୌଡ଼କୁ ଗୁଲ୍‌ବୀର ସିଂହ ୧୩ ମିନିଟ୍ ୨୪.୭୭ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଥାଇଲାଣ୍ଡର କିଏରନା ତୁନ୍ତିଭାଟେ (୧୩:୨୪.୯୭) ୨ୟ ଓ ଜାପାନର ନାଗିୟା ମୋରି (୧୩:୨୫.୦୬) ୩ୟ ସ୍ଥାନ ହାସଲ କରିଥିଲେ। ଗୁଲ୍‌ବୀର ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନସିପର ଚଳିତ ସଂସ୍କରଣରେ ୨ୟ ସ୍ୱର୍ଣ୍ଣପଦକ ଜିତି ବିରଳ ସଫଳତା ପାଇଛନ୍ତି। ପ୍ରଥମ ଦିବସରେ ସେ ୧୦ ହଜାର ମିଟରରେ ଚାମ୍ପିଅନ ହୋଇଥିଲେ। ଦିବସରେ ଦେଶକୁ ତୃତୀୟ ସ୍ୱର୍ଣ୍ଣପଦକ ମହିଳା ହେପ୍ଟାଥଲନରେ ନନ୍ଦିନୀ ଆଗାସାରା ଭେଟି ଦେଇଥିଲେ। ନନ୍ଦିନୀ ମୋଟ୍ ୫୯୪୧ ସ୍କୋର କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ଏଥିରେ ଚୀନର ଲିଉ ଜିଙ୍ଗି (୫୮୬୯) ରୌପ୍ୟ ପଦକ ଜିତିଥିଲେ। ଅପରପକ୍ଷରେ ପୁରୁଷ ୪ ଗୁଣା ୧୦୦ ମିଟର ରିଲେ ରେସ୍‌ରେ ଭାରତୀୟ ଦଳ ଅଯୋଗ୍ୟ ଘୋଷିତ ହୋଇଥିଲା। ପଦକ ଦାବିଦାର ଥିବା ଭାରତୀୟ ରିଲେ ଦଳ ଧାର୍ଯ୍ୟ (୨୦ ମିଟର) ଦୂରତା ବାହାରେ ବାଟନ ଅଦଳବଦଳ କରିବାରେ ବିଫଳ ହୋଇଥିଲେ।

### ଆଜି ସ୍ୱର୍ଣ୍ଣ ପାଇଁ ଦୌଡ଼ିବେ ଅନିମେଶ



ଓଡ଼ିଶାର ତାରକା ଧାବକ ଅନିମେଶ କୁଜୁର ପୁରୁଷ ୨୦୦ ମିଟର ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଜାତୀୟ ରେକର୍ଡ ଅଧିକାରୀ ଅନିମେଶ ଏହି ଦୂରତାକୁ ୨୦.୮୧ ସେକେଣ୍ଡରେ ଫିନିଶ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ପ୍ୟାରିସ ଅଲିମ୍ପିକ୍ସ ସେମିଫାଇନାଲିଷ୍ଟ ଜାପାନର ଉଜୱା ତୋୱା ୨୦.୬୭ ସେକେଣ୍ଡ ସହ ପ୍ରଥମ ସ୍ଥାନରେ ରହି ଫାଇନାଲରେ ପହଞ୍ଚିଛନ୍ତି। ଶନିବାର ଫାଇନାଲ ଅନୁଷ୍ଠିତ ହେବ।

ଫ୍ରେଞ୍ଚ ଓପନ୍

## ୩ୟ ରାଉଣ୍ଡରେ ଜୋକୋଭିଚ୍



ପ୍ୟାରିସ, ୩୦।୫ (ଏଜେନ୍ସି): ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ତଥା ଫ୍ରେଞ୍ଚ ଓପନ୍‌ର ୧୨୪ତମ ସଂସ୍କରଣରେ ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କା ବିଜୟ ଅଭିଯାନ ଜାରି ରଖି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମହିଳା ଏକକ ତୃତୀୟ ରାଉଣ୍ଡ ମୁକାବିଲାରେ ବେଲାରୁଷର ସାବାଲେଙ୍କା ୬-୨, ୬-୩ ସିଧାସଳଖ ସେଟ୍‌ରେ ସର୍ବିଆର ଓଲଗା ଡାନିଲୋଭିକଙ୍କୁ ହରାଇଛନ୍ତି। କ୍ରମାଗତ ୪୦ ସପ୍ତାହ ଧରି ଏକ ନମ୍ବର ର‌୍ୟାଙ୍କ ବଜାୟ ରଖିଥିବା ସାବାଲେଙ୍କା ପ୍ରି-କ୍ୱାର୍ଟରରେ ଆମେରିକାର ଆମାଣ୍ଡା ଆନିଶିମୋଭାଙ୍କୁ ଭେଟିବେ। ସେହିଭଳି ମହିଳା ବିଭାଗର ଅନ୍ୟ ଏକ ମ୍ୟାଚରେ ଇଗା ସ୍ୱିଆଟେକ ମଧ୍ୟ ସହଜ ବିଜୟ ସହିତ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ତୃତୀୟ ରାଉଣ୍ଡର ଏହି ମ୍ୟାଚରେ ପୋଲାଣ୍ଡର ସ୍ୱିଆଟେକ ୬-୨, ୭-୫ ସେଟ୍‌ରେ ରୋମାନିଆର ଜ୍ୟାକଲିନ୍ କ୍ରିଷ୍ଟିଆନଙ୍କୁ ପରାସ୍ତ କରିଥିଲେ। ରୁଷିଆର ଲିଉଡମିଲା ସାମସୋନୋଭା ମଧ୍ୟ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ପୁରୁଷ ବିଭାଗରେ ୨୪ଥରର ଗ୍ରାଣ୍ଡସ୍ଲାମ ବିଜେତା ସର୍ବିଆର ନୋଭାକ ଜୋକୋଭିଚ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ଗୁରୁବାର ରାତିରେ ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଜୋକୋଭିଚ୍ ୬-୩, ୬-୨, ୭-୬ (୧) ସେଟ୍‌ରେ ଫ୍ରାନ୍ସର କ୍ରୋଏଣ୍ଟିନା ମୌତେତ୍‌ଙ୍କୁ ମାତ୍ ଦେଇଥିଲେ। ପୁରୁଷ ବିଭାଗରେ ଅନ୍ୟ ଖେଳାଳିଙ୍କ ମଧ୍ୟରେ ବିଶ୍ୱର ଏକ ନମ୍ବର ମାନ୍ୟତା ଜାନ୍ନିକ ସିନ୍ନର, ନରୱେର କାସ୍ପର ରୁଡ୍, ଇଟାଲୀର ଲୋରେଞ୍ଜୋ ମୁସେଟି ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

## ସିଙ୍ଗାପୁର ଓପନ ସେମିରେ ସାତ୍ତ୍ୱିକ-ଚିରାଗ

ସିଙ୍ଗାପୁର,୩୦।୫ (ଏଜେନ୍ସି): ଭାରତର ଏକ ନମ୍ବର ଯୋଡି ସାତ୍ତ୍ୱିକ ସାଇରାଜ ର‌୍ୟାଙ୍କିରେଡ୍ଡି ଓ ଚିରାଗ ସେଟ୍ଟୀ ଏଠାରେ ଚାଲିଥିବା ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଭାରତର ଏହି ଯୋଡି ୨୧-୧୭, ୨୧-୧୫ରେ ବିଶ୍ୱର ନଂ-୧ ଯୋଡି ଗୋ ଜେ ଫେଇ ଓ ନୁର ଇଜ୍ଜୁଦ୍ଦିନଙ୍କୁ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌ଟି ୩୯ ମିନିଟ୍‌ରେ ଶେଷ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS